DHARITRI
ଭୁବନେଶ୍ୱର, ମଙ୍ଗଳବାର, ମେ ୪/୨୦୨୧ (୧୨ ପୃଷ୍ଠା) Bhubaneswar, Tuesday, May 4/2021 ★★★★★★
୪୭ଶ ଭାଗ ୧୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ଆଇପିଏଲ୍ ଖେଳାଳି ବରୁଣ ସଂକ୍ରମିତ

କୋଲକାତା ନାଇଟ ରାଇଡର୍ସର ବରୁଣ ଚକ୍ରବର୍ତ୍ତୀ କରୋନା ସଂକ୍ରମିତ ହୋଇଥିବାରୁ ଆଇପିଏଲ୍‌ର ଅଗ୍ରଗତିକୁ ନେଇ ଆଶଙ୍କା ଦେଖାଦେଇଛି। ୧୨

୧୦

## ଜନ୍ମଦିନ ପାଳିଲେନି ଅନୁଷ୍କା

କରୋନାରେ ଦେଶବାସୀ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ଜନ୍ମଦିନ ପାଳନ କରିବା ଠିକ୍ ନୁହେଁ ବୋଲି କହିଛନ୍ତି ଅନୁଷ୍କା ଶର୍ମା।



# କେନ୍ଦ୍ର ପାଖରେ ୯ ହଜାର ମେଟ୍ରିକ୍ ଟନ୍

## ମଧ୍ୟରାତ୍ରି ସୁଦ୍ଧା ଅକ୍ସିଜେନ ଯୋଗାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**କେନ୍ଦ୍ର ସରକାର କହୁଛନ୍ତି, ଆମ ପାଖରେ ପର୍ଯ୍ୟାପ୍ତ ଅକ୍ସିଜେନ ମହଜୁଦ ଅଛି। ଆମେ ବିଭିନ୍ନ ରାଜ୍ୟକୁ ଯୋଗାଉଛୁ। ଆହୁରି ଯୋଗାଇବୁ। କିନ୍ତୁ ବାସ୍ତବ ସ୍ଥିତି ଓଲଟା। କିଛି ଦିନ ତଳେ ଦିଲ୍ଲୀ ହାଇକୋର୍ଟ ଅକ୍ସିଜେନ ସଙ୍କଟକୁ ନେଇ ନିଜ ଆଡୁ ମାମଲା ରୁଜୁ କରି କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଥିଲେ। ଜାତୀୟ ରାଜଧାନୀ ଦିଲ୍ଲୀରେ ଯଦି ସ୍ଥିତି ଏଇଆ ତେବେ ଦେଶର ଅନ୍ୟ ଭାଗରେ କିଭଳି ପରିସ୍ଥିତି ଥିବ ତାହା ଜଣାପଡୁଛି ବୋଲି ଉଚ୍ଚ ଅଦାଲତ କହିଥିଲେ। ହାଇକୋର୍ଟଙ୍କ ବାରମ୍ବାର ତାଗିଦ ପରେ ମଧ୍ୟ କେନ୍ଦ୍ର ସରକାର ଦେଶର ହସ୍ପିଟାଲଗୁଡ଼ିକୁ ମେଡିକାଲ ଅକ୍ସିଜେନ ଯୋଗାଇବାରେ ବିଫଳ ହୋଇଛନ୍ତି। ଅମ୍ଳଜାନ ଅଭାବରୁ ଦୈନିକ ଶତାଧିକ କରୋନା ସଂକ୍ରମିତ ମରୁଛନ୍ତି। ଗଣମାଧ୍ୟମ ନଜରକୁ ଖୁବ୍ କମ୍ ଘଟଣା ଆସୁଥିବାରୁ ଅକ୍ସିଜେନ ସଙ୍କଟ ଯୋଗୁ ପ୍ରାଣ ହରାଉଥିବା ଲୋକଙ୍କ ପ୍ରକୃତ ସଂଖ୍ୟା ଜଣାପଡୁନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।**

**ନୂଆଦିଲ୍ଲୀ,୩।୫**



କରୋନା ଭୂତାଣୁର ଦ୍ୱିତୀୟ ଲହର ସମୟରେ ଜାତୀୟ ରାଜଧାନୀ ଦିଲ୍ଲୀରେ ଅକ୍ସିଜେନ ସଙ୍କଟ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି କରିଛି। ଗତ ସପ୍ତାହରେ ଅମ୍ଳଜାନ ଅଭାବରୁ ୨୫ କରୋନା ରୋଗୀ ଆଖି ବୁଜି ଦେଇଥିବାବେଳେ ଶନିବାର ୧୨ ସଂକ୍ରମିତ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ୨୦୨୦ ଅଗଷ୍ଟରେ ଭାରତର ଦୈନିକ ଅକ୍ସିଜେନ ଉତ୍ପାଦନ କ୍ଷମତା ପ୍ରାୟ ୬ ହଜାର ମେଟ୍ରିକ୍ ଟନ୍ ଥିବାବେଳେ ବର୍ତ୍ତମାନ ଏହାକୁ ୯ ହଜାର ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ବୋଲି କେନ୍ଦ୍ର ସରକାର ☞ପୃଷ୍ଠା-୪

## ନାଇଟ୍ରୋଜେନ ପ୍ଲାଣ୍ଟରେ ହେବ ଅକ୍ସିଜେନ ଉତ୍ପାଦନ



**ନୂଆଦିଲ୍ଲୀ,୩।୫**

ଦେଶରେ ମେଡିକାଲ ଅକ୍ସିଜେନ ସଙ୍କଟ ଦୂର କରିବା ପାଇଁ କେନ୍ଦ୍ର ସରକାର ବ୍ୟବସ୍ଥା କରୁଥିବା କହିଛନ୍ତି। ନାଇଟ୍ରୋଜେନ ପ୍ଲାଣ୍ଟଗୁଡ଼ିକରେ କିପରି ଅକ୍ସିଜେନ ଉତ୍ପାଦନ କରାଯାଇପାରିବ ସେନେଇ ଉଦ୍ୟମ ଚାଲିଥିବା ସୋମବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଲବ ଅଗ୍ରୱାଲ ସୂଚନା ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଯୁଗ୍ମ ସଚିବ କହିଛନ୍ତି, ପ୍ରାୟ ୧୫୦୦ ପ୍ରେସର ସ୍ୱିଙ୍ଗ୍ ଆଡ୍‌ଜର୍ପଶନ୍ (ପିଏସ୍‌ଏ) ☞ପୃଷ୍ଠା-୪

## ଅକ୍ସିଜେନ ଅଭାବରୁ ୨୪ ମୃତ



ଚମରାଜନଗରସ୍ଥିତ କୋଭିଡ୍-୧୯ ହେଲ୍‌ଥ ସେଣ୍ଟରରେ ପରିଜନଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ସମ୍ପର୍କୀୟ।

**ବେଙ୍ଗାଲୁରୁ,୩।୫**

ଦେଶରେ ଗମ୍ଭୀର ହେଲାଣି ଅକ୍ସିଜେନ ସଙ୍କଟ। କୋଭିଡ୍-୧୯ ସଂକ୍ରମିତ ରୋଗୀଙ୍କ ପାଇଁ ଅପରିହାର୍ଯ୍ୟ ମେଡିକାଲ ଅକ୍ସିଜେନ ଅଭାବ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଅକ୍ସିଜେନ ଅଭାବରୁ ପ୍ରତ୍ୟହ ବହୁ ସଂଖ୍ୟକ ରୋଗୀ ହସ୍ପିଟାଲରେ ଆଖି ବୁଜିଦେଉଛନ୍ତି। ଏହି କ୍ରମରେ କର୍ଣ୍ଣାଟକର ଚମରାଜନଗର ଜିଲାସ୍ଥିତ ଏକ ହସ୍ପିଟାଲରେ ରବିବାର ରାତିରେ ଅମ୍ଳଜାନ ନ ପାଇ ୨୪ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି। ☞ପୃଷ୍ଠା-୪

# ପିପିଲି ଉପନିର୍ବାଚନ ସ୍ଥଗିତ

**ଭୁବନେଶ୍ୱର,୩।୫(ବ୍ୟୁରୋ)**

### ସ୍ଥିତି ଦେଖି ଘୋଷଣା ହେବ ତାରିଖ

ଆସନ୍ତା ମେ ୧୬ ତାରିଖରେ ହେବାକୁ ଥିବା ପିପିଲି ଉପନିର୍ବାଚନକୁ ସ୍ଥଗିତ ରଖାଯାଇଛି। କୋଭିଡ୍-୧୯ ସଂକ୍ରମଣ ବ୍ୟାପୁଥିବାରୁ ରାଜ୍ୟ ସରକାର ମେ ୫ ତାରିଖରୁ ୧୪ ଦିନ ପାଇଁ ସାରା ରାଜ୍ୟକୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଭାରତର ନିର୍ବାଚନ କମିଶନ ପିପିଲି ଉପନିର୍ବାଚନକୁ ସ୍ଥଗିତ ଘୋଷଣା କରିଛନ୍ତି। କରୋନା ସ୍ଥିତିକୁ ସମୀକ୍ଷା କରିବା ପରେ ନିର୍ବାଚନ ପାଇଁ ପୁନଃ ତାରିଖ ଘୋଷଣା କରାଯିବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ରିପୋର୍ଟ ଆଧାରରେ କମିଶନ ଏହି ନିଷ୍ପତ୍ତି ନେଇଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ ଏପ୍ରିଲ ୧୭ ତାରିଖରେ ପିପିଲି ଉପନିର୍ବାଚନ ହେବ ବୋଲି ଘୋଷଣା କରାଯାଇଥିଲା। କଂଗ୍ରେସ ପ୍ରାର୍ଥୀ ଅଜିତ ☞ପୃଷ୍ଠା-୪

# ୪ ମାସ ଘୁଞ୍ଚିଲା ଏନ୍‌ଇଇଟି ପିଜି ପରୀକ୍ଷା

**ନୂଆଦିଲ୍ଲୀ, ୩।୫**

### କୋଭିଡ୍ ଡ୍ୟୁଟି କରିବେ ଛାତ୍ରୀଛାତ୍ର




ମେଡିକାଲର ପୋଷ୍ଟ ଗ୍ରାଜୁଏଟ୍ କୋର୍ସରେ ଆଡମିଶନ ପାଇଁ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ଇଇଟି ପିଜି) ପରୀକ୍ଷାକୁ ୪ ମାସ ଘୁଞ୍ଚାଇ ଦିଆଯାଇଛି। ଏ ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। କରୋନା ସଂକ୍ରମଣ ଦୃଷ୍ଟିରୁ ଏହି ପରୀକ୍ଷା ଅତି କମ୍‌ରେ ୪ ମାସ ସ୍ଥଗିତ ରହିବ। ପୂର୍ବରୁ ଏପ୍ରିଲ ୧୫ରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଏନ୍‌ଇଇଟି ପିଜି ପରୀକ୍ଷା ଘୁଞ୍ଚାଯିବାକୁ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ମେଡିକାଲ ପାଠ୍ୟକ୍ରମର ଶେଷ ବର୍ଷ ଛାତ୍ରୀଛାତ୍ରମାନେ କୋଭିଡ୍ ଡ୍ୟୁଟି କରିବେ ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେମାନେ ☞ପୃଷ୍ଠା-୪

## ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କୁ ବାଧ୍ୟତାମୂଳକ ଅବସର



**ଭୁବନେଶ୍ୱର,୩।୫(ବ୍ୟୁରୋ):** ଦୁର୍ନୀତି ଅଭିଯୋଗରେ ନିଲମ୍ବିତ ହୋଇ ଜେଲରେ ଥିବା ୧୯୮୭ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଏଥିପାଇଁ ରାଜ୍ୟ ସରକାର କରିଥିବା ସୁପାରିସକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱୀକୃତି ପ୍ରଦାନ କରିଛନ୍ତି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି କ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ଅଭୟକାନ୍ତ ପାଠକଙ୍କ ବାଧ୍ୟତାମୂଳକ ଅବସର ପାଇଁ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥିଲେ। ଏହାକୁ ରାଷ୍ଟ୍ରପତି ମୋହର ମାରିଛନ୍ତି। ପାଠକ ନିଜ ପଦବୀର ଅପବ୍ୟବହାର କରି ଦୁର୍ନୀତିରେ ଲିପ୍ତ ଥିବା ପ୍ରମାଣ ମିଳିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ରାଜ୍ୟ ସରକାର ତାଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ। ସୂଚନାଯୋଗ୍ୟ ଯେ ଅଭୟକାନ୍ତ ଓ ତାଙ୍କ ପୁଅ ଆକାଶ ପାଠକଙ୍କୁ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ଗିରଫ କରିଥିଲା। ନିଜକୁ ଟାଟା ମୋଟର୍ସର ଏମ୍‌ଡି ପରିଚୟ ଦେଇ ଆକାଶ ଗଞ୍ଜାମ ଜିଲାର ବହୁ ଯୁବତୀଯୁବକଙ୍କଠାରୁ ବିପୁଳ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। କ୍ରାଇମବ୍ରାଞ୍ଚ ☞ପୃଷ୍ଠା-୪




## ୫ରେ ଶପଥ ନେବେ ମମତା

**କୋଲକାତା,୩।୫**



ମମତା ବାନାର୍ଜୀ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ତୃତୀୟ ଇନିଂସ ଆରମ୍ଭ କରିବେ। ଏନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଇତିମଧ୍ୟରେ ଟିଏମ୍‌ସି ସୁପ୍ରିମୋ ମମତା ରାଜ୍ୟପାଳ ଜଗଦୀପ ଧନକରଙ୍କୁ ରାଜଭବନରେ ସାକ୍ଷାତ କରି ବିଧାୟକମାନଙ୍କ ସମର୍ଥନପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାପତ୍ର ଗ୍ରହଣ ହୋଇଛି। ନୂଆ ସରକାର ଗଠନ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇବା ପାଇଁ ତାଙ୍କୁ ଅନୁରୋଧ କରାଯାଇଛି ବୋଲି ରାଜ୍ୟପାଳ ସୂଚନା ଦେଇଛନ୍ତି।

ଟିଏମ୍‌ସିର ନବନିର୍ବାଚିତ ବିଧାୟକମାନେ ସୋମବାର ମମତାଙ୍କୁ ସର୍ବସମ୍ମତିକ୍ରମେ ବିଧାୟକ ଦଳ ନେତା ବାଛିଛନ୍ତି। ସେ ୫ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ସେହିପରି ବିଦାୟୀ ବିଧାନସଭାର ବାଚସ୍ପତି ବିମାନ ବାନାର୍ଜୀଙ୍କୁ ପ୍ରୋଟେମ୍ ସ୍ପିକର ଭାବେ ଚୟନ କରାଯାଇଛି। ସେ ନୂଆ ବିଧାୟକମାନଙ୍କୁ ୬ ତାରିଖରୁ ବିଧାନସଭାରେ ଶପଥଗ୍ରହଣ କରାଇବେ। କୋଲକାତାସ୍ଥିତ ଟିଏମ୍‌ସି ମୁଖ୍ୟାଳୟରେ ବିଧାୟକ ଦଳ ବୈଠକ ପରେ ଦଳର ସାଧାରଣ ସମ୍ପାଦକ ପାର୍ଥ ଚାଟାର୍ଜୀ ଏହି ସୂଚନା ଦେଇଛନ୍ତି।

### ଟେଲିଫୋନରେ ଶୁଭେଚ୍ଛା ଜଣାଇଲେ ନବୀନ

**ଭୁବନେଶ୍ୱର, ୩।୫(ବ୍ୟୁରୋ):** ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ସର୍ବାଧିକ ଆସନରେ ବିଜୟୀ ହୋଇ ମମତା ବାନାର୍ଜୀଙ୍କ ନେତୃତ୍ୱରେ ୩ୟ ଥର ଲାଗି ସରକାର କରିବାକୁ ଯାଉଛି। ଏନେଇ ମମତାଙ୍କୁ ଭୋଟ ଗଣତି ଦିନ ଅର୍ଥାତ୍ ରବିବାର ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଶୁଭେଚ୍ଛା ଜଣାଇଥିବା ବେଳେ ସୋମବାର ଟେଲିଫୋନ ଯୋଗେ କଥା ହୋଇଛନ୍ତି। ମମତାଙ୍କ ଦଳର ଏକପାଖିଆ ବିଜୟୀକୁ ନେଇ ନବୀନ ତାଙ୍କୁ ଏବଂ ଟିଏମ୍‌ସିକୁ ଶୁଭେଚ୍ଛା ଜଣାଇଛନ୍ତି।

# ମାଟ୍ରିକ୍ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୩।୫(ବ୍ୟୁରୋ)**

### ନବମ, ଦଶମ ଓ ଇଣ୍ଟରନାଲ ଆସେସ୍‌ମେଣ୍ଟ ମାର୍କ ମାଗିଲା ବୋର୍ଡ

ମାଟ୍ରିକ ପରୀକ୍ଷା ବାତିଲ ହେବା ପରେ କେଉଁ ଆଧାରରେ ମାର୍କ ଦିଆଯିବ ତାହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଏପରିସ୍ଥଳେ ଚଳିତବର୍ଷ ସିବିଏସ୍‌ଇ ଢାଞ୍ଚାରେ ମାଟ୍ରିକ ମୂଲ୍ୟାୟନ ହେବ ବୋଲି ଜଣାପଡିଛି। ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଚିଠି କରିଛନ୍ତି। ନବମ ଶ୍ରେଣୀର ପରୀକ୍ଷା ମାର୍କ ଓ ଦଶମ ଶ୍ରେଣୀର ପ୍ରିବୋର୍ଡ ବା ଟେଷ୍ଟ ମାର୍କକୁ ଭିତ୍ତି କରି ମୂଲ୍ୟାୟନ ହେବ। ଏଥିସହିତ ଦଶମ ଶ୍ରେଣୀର ଇଣ୍ଟରନାଲ ଆସେସମେଣ୍ଟ ମାର୍କକୁ ମଧ୍ୟ ମୂଲ୍ୟାୟନ ପାଇଁ ଗ୍ରହଣ କରାଯିବ। ତେଣୁ ଏସବୁ ପରୀକ୍ଷାର ଟାବୁଲେଶନ ରିପୋର୍ଟ ନିର୍ଦ୍ଧାରିତ ଫର୍ମାଟ୍‌ରେ ପୂରଣ କରି ଗତବର୍ଷର ମାଟ୍ରିକ ପରୀକ୍ଷା କେନ୍ଦ୍ର ବା ସହଯୋଗୀ କେନ୍ଦ୍ରରେ ଦାଖଲ କରିବା ପାଇଁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେବାକୁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ତେବେ ୨ ତାରିଖରେ ବିଜ୍ଞପ୍ତି ପ୍ରକାଶ କରାଯାଇ ୩ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଥିବାରୁ ବୋର୍ଡର ଏଭଳି ନିଷ୍ପତ୍ତିକୁ ନେଇ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ(ଓଷ୍ଟା) ପ୍ରଶ୍ନ ଉଠାଇଛି। ଓଷ୍ଟା ସମ୍ପାଦକ ପ୍ରକାଶ ମହାନ୍ତି କହିଛନ୍ତି, ରବିବାର ଜିଲା ଶିକ୍ଷାଧିକାରୀଙ୍କ ସହ ବୈଠକ ହୋଇଥିଲା। ସଙ୍ଗେ ସଙ୍ଗେ ବୋର୍ଡ ଚିଠି ଲେଖି ଗୋଟିଏ ଦିନରେ ରିପୋର୍ଟ ଦେବାକୁ କହିଲା। ଏତେ କମ୍ ସମୟରେ ରିପୋର୍ଟ ଦାଖଲ କରିବା ଅସମ୍ଭବ। ତେଣୁ ଶିକ୍ଷକମାନଙ୍କୁ ଆଉ କିଛି ଦିନ ସମୟ ଦିଆଯିବା ଦରକାର ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସୋମବାରଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବାର ଥିଲା। କିନ୍ତୁ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପରୀକ୍ଷାକୁ ପ୍ରଥମେ ସ୍ଥଗିତ ରଖିଥିଲେ। ଜୁନ୍‌ରେ ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ପରୀକ୍ଷା ବାତିଲ ଦାବିରେ ନବୀନ ନିବାସ ମୁହାଁ ହୋଇଥିବାବେଳେ ପୋଲିସ ଅଟକାଇବାରୁ ଭୁବନେଶ୍ୱର ଫରେଷ୍ଟ ପାର୍କ ସମ୍ମୁଖରେ ଧାରଣା ଦେଇଥିଲେ। ଏଥିସହ ପରୀକ୍ଷା ବାତିଲ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ସରକାର ପରୀକ୍ଷା ବାତିଲ ନେଇ ଘୋଷଣା କରିଥିଲେ।

# ପଞ୍ଜୀକରଣ ବାଧ୍ୟତାମୂଳକ

## ତୃତୀୟ ପର୍ଯ୍ୟାୟ: ପ୍ରଥମ ଦିନରେ ଟିକା ନେଲେ ୬୭୦୦ଜଣ



ଭୁବନେଶ୍ୱର ୟୁନିଟ୍-୬ସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ସୋମବାର ଟିକା ନେବା ପାଇଁ ଧାଡ଼ି ବାନ୍ଧି ଛିଡ଼ା ହୋଇଥିବା ଲୋକେ।

**ଭୁବନେଶ୍ୱର, ୩।୫ (ବ୍ୟୁରୋ)**

କରୋନାକୁ ପ୍ରତିହତ କରିବା ପାଇଁ ରାଜ୍ୟରେ ଟିକାକରଣ ଜାରି ରହିଛି। ସୋମବାରଠାରୁ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଛି। ପୂର୍ବରୁ ୪୫ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କୁ ଟିକା ଦିଆଯାଉଥିବାବେଳେ ତୃତୀୟ ପର୍ଯ୍ୟାୟରେ ୧୮ରୁ ୪୪ବର୍ଷ ବୟସର ବ୍ୟକ୍ତିଙ୍କୁ ଟିକା ନେବାର ବ୍ୟବସ୍ଥା ହୋଇଛି। ତେବେ ଆବଶ୍ୟକ ପରିମାଣର ଟିକା ଆସି ନ ଥିବାରୁ ପ୍ରଥମ ଦିନରେ କେବଳ ଭୁବନେଶ୍ୱରରେ ଟିକାକରଣ କରାଯାଇଥିଲା। ୧୧ ହଜାର ୫ଶହ ଲୋକଙ୍କୁ ଟିକାକରଣ ନେଇ ଲକ୍ଷ୍ୟ ରଖାଯାଇଥିବାବେଳେ ୧୮ରୁ ୪୪ବର୍ଷ ବୟସର ୬୭୦୦ଜଣଙ୍କୁ ଟିକା ଦିଆଯାଇଛି। ବର୍ତ୍ତମାନ ୨୬ କେନ୍ଦ୍ରରେ ଟିକାକରଣ ପାଇଁ ବ୍ୟବସ୍ଥା ରହିଛି। ଭିଡ଼ କମାଇବା ପାଇଁ ଆଗାମୀ ଦିନରେ ଟିକାକେନ୍ଦ୍ରର ସଂଖ୍ୟା ବୃଦ୍ଧି କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନାମ ପଞ୍ଜୀକରଣ କରି ଟିକା ନେବାକୁ ଆସିବାକୁ ଗାଇଡ୍‌ଲାଇନ୍ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ପଳାଇଲେ, ପଳାଇଲେ

### ଆଜିର ମନ୍ତବ୍ୟ

“ପଶ୍ଚିମବଙ୍ଗ ନିର୍ବାଚନରେ ଅହଙ୍କାର, ଅର୍ଥବଳ ଓ ବିଭାଜନବାଦୀ କାର୍ଯ୍ୟସୂଚୀ ପରାଜିତ ହୋଇଛି।

– କପିଲ ସିବଲ, ବରିଷ୍ଠ କଂଗ୍ରେସ ନେତା

## ୧୬ ସୈନ୍ୟ ନିହତ

ନାଇଜର ସୀମାରେ ପାଟ୍ରୋଲିଂବେଳେ ସେନା ଉପରକୁ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୧୬ ନାଇଜର ସେନା ନିହତ ହୋଇଥିବା ସୋମବାର ସେଠାକାର ସରକାରଙ୍କ ପକ୍ଷରୁ କୁହାଯାଇଛି। ଆହୁରି ୬ ଜଣ ଆହତ ହୋଇଥିବାବେଳେ ଅନ୍ୟ ଜଣେ ସୈନିକ ନିଖୋଜ ରହିଛନ୍ତି। ଟିଲିଆରେ ମାଲି ସୀମା ନିକଟରୁ ପାଟ୍ରୋଲିଂ କରି ସେନା ଫେରୁଥିବାବେଳେ ଏହି ଆକ୍ରମଣ ହୋଇଥିଲା।

# ନିର୍ବାଚନ ପରେ ହିଂସା: ୯ ମୃତ

## ପଶ୍ଚିମବଙ୍ଗ ସରକାରଙ୍କୁ ରିପୋର୍ଟ ମାଗିଲା କେନ୍ଦ୍ର

**କୋଲକାତା,୩।୫**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଶେଷ ନ ହେଉଣୁ ରାଜ୍ୟରେ ବ୍ୟାପକ ହିଂସା ଦେଖିବାକୁ ମିଳିଛି। ହିଂସାକାଣ୍ଡରେ ୯ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କର୍ମୀମାନେ ଭାଜପା ସମେତ ବିରୋଧୀ ଦଳଗୁଡ଼ିକର କର୍ମୀମାନଙ୍କୁ ଟାର୍ଗେଟ କରୁଥିବା ଅଭିଯୋଗ ହୋଇଛି। ଏନେଇ କେନ୍ଦ୍ର ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି।

ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ୨୧୩ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ଭାଜପାକୁ ୭୭ ଆସନରେ ସଫଳତା ମିଳିଥିବାବେଳେ ରାଷ୍ଟ୍ରୀୟ ସେକ୍ୟୁଲାର ମଜ୍‌ଲିସ ପାର୍ଟି ଏବଂ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଲେଖାଏ ଆସନରେ ବିଜୟୀ ହୋଇଛନ୍ତି। ନିର୍ବାଚନ ଫଳାଫଳ ଆସିବା ପରଠୁ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଏନେଇ ରାଜ୍ୟପାଳ ଜଗଦୀପ ଧନକର ପୋଲିସ ମହାନିର୍ଦ୍ଦେଶକ, କୋଲକାତା ପୋଲିସ କମିଶନର ଏବଂ ମମତାଙ୍କ ସହ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ଆଲୋଚନା କରିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ପରବର୍ତ୍ତୀ ହିଂସାରେ ୯ ଜଣଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟପାଳ ଟୁଇଟ୍ କରିଛନ୍ତି।


ଆସନସୋଲ ଭାଜପା ଅଫିସ୍

**➥ଭାଜପା ଅଫିସ ଓ କର୍ମୀଙ୍କ ଘର ଜାଳିଲେ**
**➥ଶାନ୍ତି ବଜାୟ ରଖିବାକୁ ମମତାଙ୍କ ପରାମର୍ଶ**

ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଟିଏମ୍‌ସି କର୍ମୀମାନେ ଦଳୀୟ ଅଫିସଗୁଡ଼ିକରେ ନିଆଁ ଲଗାଇଛନ୍ତି। ଭାଜପା କର୍ମୀମାନଙ୍କୁ ସେମାନେ ଆକ୍ରମଣ କରୁଛନ୍ତି। ଏହି ହିଂସାରେ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ନନ୍ଦିଗ୍ରାମରେ ମମତାଙ୍କୁ ହରାଇଥିବା ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ କାର୍‌କୁ ପୋଡ଼ି ଦିଆଯାଇଛି। ସେହିପରି ନଟବାରିରେ ଟିଏମ୍‌ସି ପ୍ରାର୍ଥୀଙ୍କୁ ହରାଇଥିବା ଭାଜପାର ମିହିର ଗୋସ୍ୱାମୀଙ୍କ କାର୍‌କୁ ମଧ୍ୟ ଭାଙ୍ଗିଦିଆଯାଇଥିବା ଅଭିଯୋଗ ହୋଇଛି। ହିଂସାକାଣ୍ଡର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେବେ ଏହି ଅଭିଯୋଗକୁ ଟିଏମ୍‌ସି ନେତାମାନେ ଖଣ୍ଡନ କରିଛନ୍ତି। ବିରୋଧୀଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟିଏମ୍‌ସି କର୍ମୀମାନଙ୍କୁ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି।

> **ଟିଏମ୍‌ସି କର୍ମୀଙ୍କ ଜଳାପୋଡ଼ା ଓ ହିଂସା ପ୍ରତିବାଦରେ ଆସନ୍ତା ୫ ତାରିଖରେ ଦେଶବ୍ୟାପୀ ଧାରଣା ଦେବାକୁ ଭାଜପା ନିଷ୍ପତ୍ତି ନେଇଛି। କୋଭିଡ୍ ନିୟମକୁ ପାଳନ କରି ସମସ୍ତ ସାଙ୍ଗଠନିକ ମଣ୍ଡଳରେ ଧାରଣା ଦିଆଯିବ ବୋଲି ଦଳ ପକ୍ଷରୁ ଟୁଇଟ୍ କରାଯାଇଛି।**


ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ କୋଲକାତାସ୍ଥିତ ରାଜଭବନରେ ରାଜ୍ୟପାଳ ଜଗଦୀପ ଧନକରଙ୍କୁ ଭେଟୁଛନ୍ତି।

## ଜୀବନ ଭୟରେ ପୁନଃ ଗଣତି କରାଇଲେନି ନନ୍ଦିଗ୍ରାମ ଆର୍‌ଓ

**କୋଲକାତା,୩।୫:** ନନ୍ଦିଗ୍ରାମରେ ହୋଇଥିବା ଭୋଟର ପୁନଃ ଗଣତି ପାଇଁ ଦାବି କରିଥିଲି। କିନ୍ତୁ ରିଟର୍ନିଂ ଅଫିସର (ଆର୍‌ଓ) ଜୀବନ ଭୟରେ ରିକାଉଣ୍ଟିଂ କରାଇଲେ ନାହିଁ ବୋଲି ସୋମବାର ନନ୍ଦିଗ୍ରାମର ପରାଜିତ ଟିଏମ୍‌ସି ପ୍ରାର୍ଥୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ମମତା କହିଛନ୍ତି, ସେ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ଖୁବ୍ କମ୍ ଭୋଟ ବ୍ୟବଧାନରେ ହାରିଥିବା ଫଳାଫଳରୁ ଜଣାପଡ଼ିଛି। ତେବେ ସେ ଏହା ବିରୋଧରେ କୋର୍ଟକୁ ଯିବେ। ରିଟର୍ନିଂ ଅଫିସର ତାଙ୍କୁ ଏନେଇ ଦେଇଥିବା ଏକ ମେସେଜ୍‌କୁ ମମତା ସାର୍ବଜନୀନ କରିଛନ୍ତି। ନିର୍ବାଚନ କମିଶନଙ୍କ ସହଯୋଗ ନ ପାଇଥିଲେ ଭାଜପା ୫୦ରୁ ଅଧିକ ଆସନ ଦଖଲ କରିପାରି ନ ଥାଆନ୍ତା। ସେହିପରି ପୂର୍ବରୁ ସେ ଯେତେଥର ବିଜୟୀ ହୋଇଛନ୍ତି ଯିଏ ପ୍ରଧାନମନ୍ତ୍ରୀ ଥିଲେ ବି ତାଙ୍କୁ ଫୋନ୍ କରି ଅଭିନନ୍ଦନ ଜଣାଇଛନ୍ତି। ହେଲେ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଫୋନ୍ କଲ୍ କରି ନ ଥିବା ମମତା କହିଛନ୍ତି।

> **ପ୍ରଥମ ଥର ପାଇଁ ଫୋନ୍ କଲେ ନାହିଁ ଜଣେ ପ୍ରଧାନମନ୍ତ୍ରୀ: ମମତା**

## ସଂକ୍ଷେପରେ

### ଜିଭ କାଟିଦେଲେ ମହିଳା

### ଡିଏମ୍‌କେ ବିଜୟ ପାଇଁ ମାନସିକ ରଖିଥିଲେ

**ଚେନ୍ନାଇ, ୩।୫:** ତାମିଲନାଡୁ ବିଧାନସଭା ନିର୍ବାଚନରେ ଡିଏମ୍‌କେ ଦଳ ବିଜୟ ଲାଭ କରିବା ପରେ ମାନସିକ ପୂରଣ ପାଇଁ ଜଣେ ମହିଳା ତାଙ୍କ ଜିଭ କାଟିଦେଇଛନ୍ତି। ଡିଏମ୍‌କେ ନିର୍ବାଚନ ଜିତିଲେ ନିଜ ଜିଭ କାଟି ଠାକୁରଙ୍କୁ ଅର୍ପଣ କରିବେ ବୋଲି ୩୨ ବର୍ଷୀୟା ବନିତା ମାନସିକ କରିଥିଲେ। ରବିବାର ଡିଏମ୍‌କେ ବିଜୟ ହୋଇଥିବା ଭୋଟ ଗଣନାରୁ ଜଣାପଡ଼ିବା ପରେ ବନିତା ମୁଥାଲାମ୍ମନ ମନ୍ଦିରକୁ ଯାଇଥିଲେ। କିନ୍ତୁ ଶ୍ରଦ୍ଧାଳୁଙ୍କ ମନ୍ଦିରରେ ପ୍ରବେଶ ଉପରେ କଟକଣା ଲାଗିଥିବାରୁ ସେ ଗେଟ୍ ପାଖରେ ହିଁ ଜିଭ କାଟି ସେଠାରେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଇଟାଲୀରୁ ଆସିଲା ଅକ୍ସିଜେନ ଜେନେରେଶନ ପ୍ଲାଣ୍ଟ



**ନୂଆଦିଲ୍ଲୀ, ୩।୫:** କରୋନା ମୁକାବିଲାରେ ଭାରତର ସହାୟତା ପାଇଁ ଇଟାଲୀ ଏକ ଅକ୍ସିଜେନ ଜେନେରଶନ ପ୍ଲାଣ୍ଟ ସହ ୨୦ ରେସ୍ପିରେଟର ଏବଂ ଅନ୍ୟାନ୍ୟ ମେଡିକାଲ ଉପକରଣ ପଠାଇଛି। ସୋମବାର ଏହି ସମସ୍ତ ଉପକରଣ ଭାରତରେ ପହଞ୍ଚିଛି। ଇଟାଲୀ ବାୟୁସେନା ବିମାନ ଯୋଗେ ସହାୟତା ଉପକରଣ ଭାରତକୁ ପଠାଯାଇଥିଲା। ଉକ୍ତ ଅକ୍ସିଜେନ ଉତ୍ପାଦନ ଯନ୍ତ୍ର ଯୋଗେ ଏକ ଡାକ୍ତରଖାନାକୁ ସମ୍ପୂର୍ଣ୍ଣ ରୂପେ ଅମ୍ଳଜାନ ଯୋଗାଣ ହୋଇପାରିବ ବୋଲି କୁହାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଜରୁରୀ ଉପକରଣ ଭାରତକୁ ପ୍ରଦାନ କରାଯିବ ବୋଲି ଇଟାଲୀ କହିଛି।

### ମହାରାଷ୍ଟ୍ର, ଦିଲ୍ଲୀରେ ପ୍ଲାଟୋଉ ସ୍ଥିତି

**ନୂଆଦିଲ୍ଲୀ, ୩।୫:** ମହାରାଷ୍ଟ୍ର, ଦିଲ୍ଲୀ ସମେତ ଗୁଜରାଟରେ କରୋନା ସଂକ୍ରମଣର ପ୍ଲାଟୋଉସ୍ଥିତି ଦେଖିବାକୁ ମିଳିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସଂକ୍ରମଣ ଶୀର୍ଷରେ ପହଞ୍ଚିବା ପରେ ଏବେ ଏଥିରେ ଧୀରେ ଧୀରେ ହ୍ରାସ ଘଟୁଛି। ମହାରାଷ୍ଟ୍ରରେ କ୍ରମାଗତ ଭାବେ ବଢ଼ି ଚାଲିଥିବା ସଂକ୍ରମଣ ହାରରେ ରୋକ ଲାଗିଛି। ଗତ ୫ ଦିନ ହେଲା ଏହି ସଂଖ୍ୟା ୬୦ ହଜାର ଉପରେ ରହୁଥିବାବେଳେ ରବିବାର ପ୍ରଥମ କରି ଏହା ୫୬,୬୪୭ରେ ସୀମିତ ରହିଥିଲା। ସେହିପରି ମୃତ୍ୟୁ ସଂଖ୍ୟା ୭ ଶହ ଉପରେ ରହୁଥିବାବେଳେ ଗତ ୨୪ ଘଣ୍ଟାରେ ଏଥିରେ ସାମାନ୍ୟ ହ୍ରାସ ଘଟିଛି।

## ରାତାରାତି ଟିକା ଯୋଗାଇ ହେବନି

**ନୂଆଦିଲ୍ଲୀ, ୩।୫**


ଅଦାର ପୁନାୱାଲା

ଦେଶରେ କୋଭିଡ୍‌ର ଟିକା ଅଭାବ ସ୍ଥିତି ଉପୁଜିଥିବାବେଳେ ଅଧିକ ମାତ୍ରାରେ ଭାକ୍ସିନ ଉତ୍ପାଦନ ପାଇଁ ଚାପ ପଡୁଛି। କିନ୍ତୁ ରାତାରାତି କୋଟି କୋଟି ସଂଖ୍ୟାରେ ଟିକା ଡୋଜ୍ ପ୍ରସ୍ତୁତ କରିବା ସମ୍ଭବ ନୁହେଁ ବୋଲି ସିରମ୍ ଇନ୍‌ଷ୍ଟିଚ୍ୟୁଟ ସିଇଓ ଅଦାର ପୁନାୱାଲା ସୋମବାର ଏକ ବିବୃତିରେ କହିଛନ୍ତି। ଆଗରୁ ୧୫ କୋଟି ଟିକା ଯୋଗାଣ ହୋଇସାରିଥିବାବେଳେ ଆସନ୍ତା କିଛି ମାସ ମଧ୍ୟରେ ୧୧ କୋଟିରୁ ଅଧିକ କୋଭିଶିଲ୍ଡ ଟିକା ଉତ୍ପାଦନ ପାଇଁ ଭାରତ ସରକାର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଟିକା ପ୍ରସ୍ତୁତି ଏକ ସ୍ୱତନ୍ତ୍ର ଏବଂ ଜଟିଳ ପ୍ରକ୍ରିୟା। ତେଣୁ ଏଥିପାଇଁ ସମୟ ନିର୍ଦ୍ଦିଷ୍ଟ ସମୟ ଲାଗିଥାଏ। କିଛି ମାସ ମଧ୍ୟରେ ବିଭିନ୍ନ ରାଜ୍ୟକୁ ଆଉ ୧୧ କୋଟି ଡୋଜ୍ ପ୍ରସ୍ତୁତ କରି ଯୋଗାଣ କରାଯିବାକୁ ଉଦ୍ୟମ ଚାଲିଥିବା ସେ କହିଛନ୍ତି। ପୁଣେସ୍ଥିତ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ମାସକୁ ୬ରୁ ୭ କୋଟି ଟିକା ପ୍ରସ୍ତୁତ କରିଥାଏ। ତେବେ ଆସନ୍ତା ଜୁଲାଇ ସୁଦ୍ଧା ଉତ୍ପାଦନ କ୍ଷମତା ୧୦ କୋଟିକୁ ବୃଦ୍ଧି କରାଯିବାକୁ ଯୋଜନା ଥିବା ଜଣାପଡ଼ିଛି। ପ୍ରକାଶଯେ, ବ୍ରିଟେନ୍ ଭାରତ ଉପରେ ଯାତ୍ରା କଟକଣା ଜାରି କରିବା ପୂର୍ବରୁ ପୁନାୱାଲା ଲଣ୍ଡନ ଚାଲିଯାଇଥିଲେ। ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କଠାରୁ ଧମକ ମିଳିବା ପରେ ସେ ଭାରତ ଛାଡ଼ିଥିବା ଏକ ସାକ୍ଷାତକାରରେ କହିଥିଲେ।

## ୧୨ ରାଜ୍ୟରେ ଲକ୍ଷାଧିକ ସକ୍ରିୟ ମାମଲା

**ନୂଆଦିଲ୍ଲୀ, ୩।୫**


ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ଇନ୍ଦିରାପୁରମ୍ ଗୁରୁଦ୍ୱାରାରେ ଶିଖ୍ ସଙ୍ଗଠନ ପକ୍ଷରୁ ମାଗଣାରେ ଅକ୍ସିଜେନ ଦିଆଯାଉଛି।

> **ଦିନକରେ ୩, ୪୧୭ ମୃତ**
> **୩.୬୮ ଲକ୍ଷ ନୂଆ ସଂକ୍ରମିତ**

କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଦେଶରେ ଦୈନିକ କରୋନା ସଂକ୍ରମଣ ସାମାନ୍ୟ ହ୍ରାସ ପାଇଛି। ଗତ ୨୪ ଘଣ୍ଟାରେ ୩. ୬୮ ଲକ୍ଷ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଦିନକରେ ୩,୪୧୭ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧.୯୯ କୋଟିରେ ପହଞ୍ଚିଛି। ସମୁଦାୟ ମୃତ୍ୟୁ ସଂଖ୍ୟା ୨.୧୮ ଲକ୍ଷ ପାର୍ କରିଛି। ସୋମବାର ଦେଶରେ କରୋନା ସ୍ଥିତି ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏକ ସମୀକ୍ଷା ବୈଠକ ବସିଥିଲା। ଏବେ ସୁଦ୍ଧା ମୋଟ ୧୨ଟି ରାଜ୍ୟରେ ଲକ୍ଷାଧିକ ସକ୍ରିୟ ମାମଲା ରହିଥିବା ସ୍ୱାସ୍ଥ୍ୟମନ୍ତ୍ରଣାଳୟର ଯୁଗ୍ମ ସଚିବ ଲଭ୍ ଅଗ୍ରୱାଲ କହିଛନ୍ତି। ୭ ରାଜ୍ୟରେ ୫୦ ହଜାରରୁ ୧ ଲକ୍ଷ ଏବଂ ଆଉ ୧୭ ରାଜ୍ୟରେ ଏହି ସଂଖ୍ୟା ୫୦ ହଜାର ତଳକୁ ରହିଛି। କୋଭିଡ୍ ଆକ୍ରାନ୍ତଙ୍କ ମଧ୍ୟରେ ମୃତକଙ୍କ ସଂଖ୍ୟା ୧.୧୦ ପ୍ରତିଶତ ରହିଛି। ଆକ୍ରାନ୍ତଙ୍କ ଆରୋଗ୍ୟ ହାରରେ ସୁଧାର ଆସୁଛି। ମେ ୨ରେ ଆରୋଗ୍ୟ ହାର ୭୮ ପ୍ରତିଶତ ଥିବାବେଳେ ମେ ୩ରେ ଏହା ୮୨ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ଦେଶର ଅନ୍ୟ କିଛି ରାଜ୍ୟରେ ସଂକ୍ରମଣ ଟ୍ରେଣ୍ଡ୍ ଉପରମୁହାଁ ରହିବା ଚିନ୍ତାଜନକ ବୋଲି ସେ କହିଛନ୍ତି। ସେଥିମଧ୍ୟରୁ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଚଣ୍ଡିଗଡ଼, ହରିୟାଣା, କର୍ଣ୍ଣାଟକ, କେରଳ, ହିମାଚଳ ପ୍ରଦେଶ, ମଣିପୁର, ମେଘାଳୟ ଆଦି ରାଜ୍ୟଗୁଡ଼ିକରେ ଅଧିକ ସତର୍କତା ଅବଲମ୍ବନ କରାଯିବାର ଆବଶ୍ୟକତା ଥିବା ଯୁଗ୍ମ ସଚିବ ଅଗ୍ରୱାଲ କହିଛନ୍ତି।

## ବିଚାରପତିଙ୍କ ମୌଖିକ ଟିପ୍ପଣୀର ରିପୋର୍ଟିଂ କରାଯାଇ ପାରିବ



> **ଅଦାଲତୀ ଚର୍ଚ୍ଚା ଜାଣିବା ଲୋକଙ୍କ ଅଧିକାର: ସୁପ୍ରିମକୋର୍ଟ**
> **ନିର୍ବାଚନ ଆୟୋଗଙ୍କୁ ହତ୍ୟାକାରୀ କହିଥିଲେ ମାଡ୍ରାସ୍ ହାଇକୋର୍ଟ**

**ନୂଆଦିଲ୍ଲୀ,୩।୫**

କୌଣସି ମାମଲାର ଶୁଣାଣି ବେଳେ ବିଚାରପତିଙ୍କ ମୌଖିକ ଟିପ୍ପଣୀକୁ ନେଇ ଗଣମାଧ୍ୟମ ରିପୋର୍ଟିଂ କରିପାରିବ। ଖବରଦାତାମାନଙ୍କୁ ଏଥିରୁ ରୋକାଯାଇପାରିବ ନାହିଁ। ଅଦାଲତରେ ଜନତାଙ୍କ ହିତରେ ହିଁ ଚର୍ଚ୍ଚା ହୋଇଥାଏ। ଏହା ଜାଣିବା ଲୋକଙ୍କ ଅଧିକାର। ଅଦାଲତୀ ଆଲୋଚନାର ରିପୋର୍ଟିଂ ବିଚାରପତିଙ୍କୁ ଅଧିକ ଉତ୍ତରଦାୟୀ କରିବ ଏବଂ ନ୍ୟାୟିକ ପ୍ରକ୍ରିୟାରେ ନାଗରିକଙ୍କ ଆସ୍ଥା ବଢ଼ାଇବ ବୋଲି ସୋମବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଭାରତର ନିର୍ବାଚନ କମିଶନ (ଇସିଆଇ) କୋଭିଡ୍-୧୯ର ଦ୍ୱିତୀୟ ଲହର ପାଇଁ ଦାୟୀ। ଇସିଆଇଙ୍କ ଅଧିକାରୀମାନଙ୍କ ବିରୋଧରେ ହତ୍ୟା ମାମଲା ଦାଏର କରାଯିବା ଉଚିତ ବୋଲି ଏପ୍ରିଲ ୨୬ରେ ମାଡ୍ରାସ ହାଇକୋର୍ଟ କହିଥିଲେ। ଏହା ବିରୋଧରେ ନିର୍ବାଚନ ଆୟୋଗ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏଭଳି ମୌଖିକ ଶୁଣାଣିର ରିପୋର୍ଟିଂରୁ ମିଡିଆକୁ ବାରଣ କରିବା ପାଇଁ ଆପତ୍ତି ଜଣାଇଥିଲେ। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ହାଇକୋର୍ଟଙ୍କ ମନ୍ତବ୍ୟ ଇସିଙ୍କୁ ନ୍ୟୂନ ଦେଖାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ଏହାକୁ ଇସି ଏକ ପିତା ଔଷଧ ମନେ କରିବା ଉଚିତ। ଦୁଇ ସାମ୍ବିଧାନିକ ସଂସ୍ଥାର ଅଧିକାର ମଧ୍ୟରେ ସନ୍ତୁଳନ ରଖିବା ପାଇଁ ଉଦ୍ୟମ କରାଯିବ। ତେବେ ମାଡ୍ରାସ୍ ହାଇକୋର୍ଟଙ୍କ 'ହତ୍ୟାକାରୀ' ମନ୍ତବ୍ୟକୁ ନେଇ ଇସିଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୫,୩୮,୩୧,୧୪୯ | ୩୨,୨୦,୫୮୯ | ୧୩,୧୧,୩୭,୮୪୭ |
| ଭାରତ | ୨,୦୧,୨୯,୧୮୩ | ୨,୨୦,୪୬୮ | ୧,୬୪,୫୫,୪୭୭ |
| ଓଡ଼ିଶା | ୪,୭୧,୫୩୬ | ୨୦୭୩(+୫୩) | ୪,୦୪,୦୬୩ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଓପିଏସ୍‌ସି ପରୀକ୍ଷା ସ୍ଥଗିତ

**କଟକ ଅଫିସ,୩।୫:** କରୋନା ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରାଯାଇଛି। ତେବେ ଏନେଇ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ହେବାକୁ ଥିବା ସମସ୍ତ ଲିଖିତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏନେଇ ଓପିଏସ୍‌ସି ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ମେଡିକାଲ ଅଫିସର(ଆସିଷ୍ଟାଣ୍ଟ ସର୍ଜନ) ନିଯୁକ୍ତି ପାଇଁ ଆସନ୍ତା ୬ରୁ ୨୫ ତାରିଖ ମଧ୍ୟରେ ହେବାକୁ ଥିବା ସାର୍ଟିଫିକେଟ ଯାଞ୍ଚକୁ ଆଗାମୀ ଆଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏଥିସହ ୧୨ରୁ ୧୯ ତାରିଖ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ବୈଦ୍ୟୁତିକ)ନିଯୁକ୍ତି ପାଇଁ ସାର୍ଟିଫିକେଟ ଯାଞ୍ଚକୁ ମଧ୍ୟ ସ୍ଥଗିତ ରଖାଯାଇଛି। ପରୀକ୍ଷା ବିଷୟରେ ଅଧିକ ସୂଚନା ପାଇଁ ପରୀକ୍ଷାର୍ଥୀମାନଙ୍କୁ ନିୟମିତ ଭାବରେ ଓପିଏସ୍‌ସି (http://opsc.gov.in) ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ଓପିଏସ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି।

### ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କରୋନା ସଂକ୍ରମିତ



**ବାସୁଦେବପୁର, ୩।୫ (ଡି.ଏନ.ଏ.):** ପୂର୍ବତନ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ତଥା ଭଦ୍ରକ ଜିଲା ବାସୁଦେବପୁରର ପୂର୍ବତନ ବିଧାୟକ ବିଜୟଶ୍ରୀ ରାଉତରାୟ କରୋନା ସଂକ୍ରମିତ ହୋଇଛନ୍ତି। ତାଙ୍କଠାରେ ଲକ୍ଷଣ ଦେଖାଦେବାରୁ କୋଭିଡ୍ ପରୀକ୍ଷା କରିବା ପରେ ପଜିଟିଭ୍ ବାହାରିଥିବା ସେ ଶନିବାର ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି।

### ଲକ୍‌ଡାଉନରେ ଆହାର କେନ୍ଦ୍ର ଖୋଲା

**ଭୁବନେଶ୍ୱର,୩।୫(ବ୍ୟୁରୋ):** ଲକଡାଉନ ସମୟରେ ଆହାର କେନ୍ଦ୍ର ଖୋଲା ରହିବ। କିନ୍ତୁ ସେଠାରେ ବସି ଖାଇବାକୁ ଅନୁମତି ଦିଆଯିବ ନାହିଁ। ଆହାର କେନ୍ଦ୍ରରୁ ଲୋକେ ପାର୍ସଲ ନେଇ ପାରିବେ। ଏନେଇ ସ୍ୱତନ୍ତ୍ର ରିଲିଫ କମିସନର ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଦିନକ ପରେ କଟକଣା ଲାଗୁ ହେବାକୁ ଥିବାବେଳେ ଏଥିପାଇଁ ଗାଇଡଲାଇନ୍‌ରେ କେତେକ ସଂଶୋଧନ କରାଯାଇଛି। ଏହି ସମୟରେ କେନ୍ଦ୍ର ସରକାରଙ୍କର ସମସ୍ତ ଆଇଆଇଟି, ଆଇଆଇଏମଏସ୍ ଛାତ୍ରାବାସଗୁଡ଼ିକ ଖୋଲା ରହିବ। ଏଥିପାଇଁ କୋଭିଡ ଗାଇଡଲାଇନକୁ କଡାକଡି ଭାବେ ପାଳନ କରିବାକୁ ପଡିବ।

# ଲକ୍‌ଡାଉନ୍‌ରେ ଅତ୍ୟାବଶ୍ୟକ ସାମଗ୍ରୀ ମିଳିବ

**ଭୁବନେଶ୍ୱର,୩।୫(ବ୍ୟୁରୋ)**





■ ଗହଳି ହେଲେ କରୋନା ବଢ଼ିବ

■ ଭୟଭୀତ ନ ହେବାକୁ ଏସ୍‌ଆର୍‌ସିଙ୍କ ପରାମର୍ଶ

ଆସନ୍ତା ବୁଧବାରଠାରୁ ସମଗ୍ର ରାଜ୍ୟରେ ଲକ୍‌ଡାଉନ୍ ଲାଗୁ ହେବ। ଏହା ପୂର୍ବରୁ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ହାଟ ବଜାରରେ ଗହଳି ଲଗାଇଛନ୍ତି। ଲକ୍‌ଡାଉନ୍‌କୁ ନେଇ କୌଣସି ମତେ ଭୟଭୀତ ହେବାର ଆବଶ୍ୟକତା ନାହିଁ। ସମସ୍ତ ସୁବିଧା କରାଯାଇଛି। ଜନସାଧାରଣ ଯେପରି କୌଣସି ଅସୁବିଧାରେ ନ ପଡ଼ନ୍ତି ସେ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି। ସୋମବାର ଏକ ଭିଡିଓ ବାର୍ତ୍ତା ଜାରି କରି ଏସ୍‌ଆର୍‌ସି କହିଛନ୍ତି ଯେ, ଲକ୍‌ଡାଉନ୍ ଲାଗୁ ହେଲେ ମଧ୍ୟ ସକାଳ ୬ଟାରୁ ୧୨ଟା ଯାଏ ତେଜରାତି, ପନିପରିବା, ଦୁଗ୍ଧ, ଖାଦ୍ୟ ସାମଗ୍ରୀ ଆଦି ଅତ୍ୟାବଶ୍ୟକ ଦୋକାନ ଖୋଲା ରହିବ। କେବଳ ଶନିବାର ଓ ରବିବାର ବନ୍ଦ ରହିବ। ତେଣୁ ଅଯଥା ଭୟଭୀତ ନ ହୋଇ ହାଟ ବଜାରରେ ଗହଳି ନ କରିବା ଲାଗି ଏସ୍‌ଆର୍‌ସି ପରାମର୍ଶ ଦେଇଛନ୍ତି। ଗହଳି ବଢ଼ିଲେ, କରୋନା ବଢ଼ିବା ଆଶଙ୍କା ରହିଛି। ଗହଳିକୁ ଗଲେ ନିଜେ ବିପଦରେ ପଡ଼ିବା ସହ ପରିବାର ସଦସ୍ୟଙ୍କୁ ମଧ୍ୟ ବିପଦରେ ପକାଇବେ। ସଚେତନ ରହିବା ପାଇଁ ଲୋକମାନଙ୍କୁ ଏସ୍‌ଆର୍‌ସି ନିବେଦନ କରିଛନ୍ତି। ସରକାର ଆବଶ୍ୟକ ମୁତାବକ ସମସ୍ତ ସାମଗ୍ରୀ ମହଜୁଦ ରଖିଛନ୍ତି। ଏଣୁ ଅଯଥାରେ ବ୍ୟସ୍ତ ହୋଇ ଅଧିକ କିଣିବାର କୌଣସି ଆବଶ୍ୟକତା ନାହିଁ। ସରକାରଙ୍କ ନିୟମ ମାନିବା ଉଚିତ। ସେହିପରି ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ମହଜୁଦ ରହିଛି ବୋଲି ଏସ୍‌ଆର୍‌ସି କହିଛନ୍ତି।



ଦୁଇ ଦିନର ଶଟ୍‌ଡାଉନ୍ ପରେ ସୋମବାର ଲୋକମାନେ ୧ନଂ ମାର୍କେଟ୍‌ରେ ପନିପରିବା କିଣିବା ପାଇଁ ଭିଡ଼ ଜମାଇଛନ୍ତି।

# ଆଜି ୧୧ ଜିଲାରେ ଟିକା ବନ୍ଦ

**ଭୁବନେଶ୍ୱର, ୩।୫(ବ୍ୟୁରୋ)**

ରାଜ୍ୟରେ ସୋମବାରଠାରୁ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଛି। କିନ୍ତୁ ଟିକା ଅଭାବ ଯୋଗୁ ଏହା କେବଳ ଭୁବନେଶ୍ୱରରେ ଚାଲିଛି। ଖୁବ୍‌ଶୀଘ୍ର ରାଜ୍ୟର ଅନ୍ୟ ସ୍ଥାନରେ ଆରମ୍ଭ ହେବ ବୋଲି କୁହାଯାଇଥିଲେ ମଧ୍ୟ ଏଥିରେ ବହୁ ବିଳମ୍ବ ହେବାର ଆଶଙ୍କା ଦେଖାଦେଇଛି। କାରଣ ଟିକା ନ ଥିବାରୁ ଏବେ ବି ବହୁ ଟିକାଦାନ କେନ୍ଦ୍ର ବନ୍ଦ ରହିଛି। ରାଜ୍ୟରେ ଥିବା ୧୫୦୦ ଟିକାକରଣ କେନ୍ଦ୍ର ମଧ୍ୟରୁ ସୋମବାର ମାତ୍ର ୨୫୬ କେନ୍ଦ୍ରରେ ଟିକାକରଣ ହୋଇଥିଲା। ମଙ୍ଗଳବାର ୧୨୩ରେ କେନ୍ଦ୍ରରେ ଟିକାକରଣ ହେବ। ତେବେ ବାଲେଶ୍ୱର, ବରଗଡ଼, ବୌଦ୍ଧ, କଟକ, ଗଜପତି, ଜଗତ୍‌ସିଂହପୁର, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ସମ୍ବଲପୁର ଓ ସୋନପୁର ଆଦି ୧୧ ଜିଲାରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ ରହିବ। ରାଜ୍ୟରେ ଏବେ ୧୯,୯୦୦ ଡୋଜ୍ କୋଭିଶିଲ୍ଡ ଓ ୩,୧୫,୫୩୦ ଡୋଜ୍ କୋଭାକ୍ସିନ୍ ଟିକା ଗଚ୍ଛିତ ରହିଛି। ଏହାଛଡ଼ା ରାଜ୍ୟ ସରକାର ନିଜେ କିଣିଥିବା ୧,୪୩,୫୦୦ ଡୋଜ୍ କୋଭାକ୍ସିନ ଟିକା ରହିଛି। ଆଉ ୨୫ଲକ୍ଷ ଡୋଜ୍ ଟିକା ପାଇଁ ରାଜ୍ୟ ସରକାର ଅର୍ଡର ଦେଇଛନ୍ତି। ଆସନ୍ତା ଦୁଇ ତିନିଦିନ ଭିତରେ ଆଉ ଟିକା ଆସିବାର ସମ୍ଭାବନା ରହିଛି। ଆବଶ୍ୟକ ଟିକା ଆସିଗଲେ ପୁଣି ସବୁ କେନ୍ଦ୍ରରେ ଟିକାକରଣ ବ୍ୟାପକ କରାଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି।

### ଲକ୍‌ଡାଉନ୍‌ରେ ରବିବାର ବ୍ୟତୀତ ସବୁଦିନ ଟିକାକରଣ

ସେପଟେ ରାଜ୍ୟରେ ଆସନ୍ତା ୫ ତାରିଖରୁ ଲକ୍‌ଡାଉନ୍ ହେବ। ୧୯ ତାରିଖ ସକାଳ ୫ଟା ପର୍ଯ୍ୟ ଏହା ଲାଗୁ ହେବ। ଏହି ସମୟରେ ପୂର୍ବଭଳି ସପ୍ତାହାନ୍ତ ଶଟ୍‌ଡାଉନ୍ ବଳବତ୍ତର ରହିବ। ତେବେ ଏହି ସମୟରେ ଟିକାକରଣ ଜାରି ରହିବ। ରବିବାରକୁ ଛାଡ଼ି ସୋମବାରରୁ ଶନିବାର ଟିକାକରଣ ହେବ। ସରକାରୀ ଛୁଟିଦିନରେ ମଧ୍ୟ ଟିକାକରଣ ହେବ। ଏ ନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହି ସମୟରେ ନିରବଚ୍ଛିନ୍ନ ଭାବେ ଟିକାକରଣ ଚାଲୁ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଟିକାକରଣ ପାଇଁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ସମୟରେ ଯାତାୟାତ ଅନୁମତି ମିଳିବ।

# ଦିନକରେ ୮,୯୧୪ ଚିହ୍ନଟ, ୫ ମୃତ

**ଭୁବନେଶ୍ୱର, ୩।୫(ବ୍ୟୁରୋ)**

### ୪ଲକ୍ଷ ଟପିଲା ସୁସ୍ଥଙ୍କ ସଂଖ୍ୟା



ରାଜ୍ୟରେ କରୋନା ଗ୍ରାଫ୍ ଗତ ଦୁଇଦିନ ହେବ ସ୍ଥିର ରହିଛି। ଗତ ୨୪ ଘଣ୍ଟାରେ ୮,୯୧୪ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୧,୨୫୮ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୫୯୨, କଟକରୁ ୫୮୭, ପୁରୀ ୫୩୦, ସମ୍ବଲପୁର ୫୨୦, ବରଗଡ଼ ୪୫୨, ନବରଙ୍ଗପୁର ୪୩୩, ନୂଆପଡ଼ା ୨୭୮, ଭଦ୍ରକ ୩୫୧, ଅନୁଗୋଳ ୩୩୧, ଝାରସୁଗୁଡ଼ା ୩୦୪, ବଲାଙ୍ଗୀର ୨୯୧, ଗଞ୍ଜାମ ୨୬୨ ଓ ଯାଜପୁରରୁ ୨୩୨ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଏହା ତଳକୁ ରହିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୭୧,୫୩୬ରେ ପହଞ୍ଚିଛି। ସେପଟେ ରାଜ୍ୟରେ ଆଉ ୫ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ୩ଜଣ ଥିବାବେଳେ ଭୁବନେଶ୍ୱର(ଖୋର୍ଦ୍ଧା)ରୁ ୨ଜଣ ରହିଛନ୍ତି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୦୭୩ରେ ପହଞ୍ଚିଛି। ଅପରପକ୍ଷେ ରାଜ୍ୟରେ ଆରୋଗ୍ୟ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୪ଲକ୍ଷ ଟପିଛି। ଗତ ୨୪ ଘଣ୍ଟାରେ ୬,୪୮୮ଜଣ କରୋନାରୁ ସୁସ୍ଥ ହେବା ପରେ ମୋଟ ଆରୋଗ୍ୟ ସଂଖ୍ୟା ୪,୦୪,୦୬୩କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି।

# ‘ଆତଙ୍କିତ ପରିସ୍ଥିତି ସୃଷ୍ଟି କରନ୍ତୁ ନାହିଁ’

### ଦ୍ୱୈତନଗରୀବାସୀଙ୍କୁ ପୋଲିସ କମିଶନରଙ୍କ ପରାମର୍ଶ

**ଭୁବନେଶ୍ୱର,୩।୫(ବ୍ୟୁରୋ):** ଆସନ୍ତା ୫ ତାରିଖ ବୁଧବାରଠାରୁ ରାଜ୍ୟରେ ୧୪ ଦିନିଆ ଲକ୍‌ଡାଉନ ଆରମ୍ଭ ହେଉଛି। ଏଥିପାଇଁ ଲୋକେ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ କିଣି ଘରେ ମହଜୁଦ ରଖିବାକୁ ଲାଗି ପଡିଛନ୍ତି। ଫଳରେ ହଜାର ବଜାରରେ ଏବେ ଆତଙ୍କିତ ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ଓ ରବିବାର ଶଟ୍‌ଡାଉନ ରହିଥିଲା। ସୋମବାର ବଜାର ଖୋଲିବାମାତ୍ରେ ଲୋକେ ରାସ୍ତାକୁ ଧାଇଁ ଆସିଥିଲେ। ହାଟବଜାରରେ ଗହଳି କରିଥିଲେ। ଫଳରେ ସୋମବାର ଦିନତମାମ ସବୁଠି ଭିଡ଼ ଲାଗି ରହିଥିଲା। ବିଭିନ୍ନ ସାମଗ୍ରୀ ଘରକୁ ବୋହି ନେଉଥିବା ଦେଖିବାକୁ ମିଳିଥିଲା। କଟକ, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହର ଓ ବଜାରର ଏଭଳି ସ୍ଥିତି ଲାଗି ରହିଥିଲା। ଲୋକଙ୍କ ହାତରେ ଆଉ ଗୋଟିଏ ଦିନ ରହିଥିବାରୁ ମଙ୍ଗଳବାର ମଧ୍ୟ ଆହୁରି ଅଧିକ ଭିଡ଼ ହେବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ କଟକ ଓ ଭୁବନେଶ୍ୱର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଦ୍ୱୈତନଗରୀବାସୀଙ୍କୁ ଲକ୍‌ଡାଉନକୁ ନେଇ କୌଣସି ଭୟ ଓ ଆଶଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, କରୋନା ସଂକ୍ରମଣର ବୃଦ୍ଧି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହାକୁ ନେଇ ଜନସାଧାରଣ ବ୍ୟସ୍ତ ବିବ୍ରତ ହେବାର ଆବଶ୍ୟକତା ନାହିଁ। ଲକ୍‌ଡାଉନ ସମୟରେ ପ୍ରତିଦିନ ୬ଟାରୁ ୧୨ଟା ଯାଏ ପନିପରିବା, ଗ୍ରସେରି ଓ ଔଷଧ ଭଳି ଅତ୍ୟାବଶ୍ୟକ ତଥା ଜରୁରୀ ଦୋକାନ ଖୋଲା ରହିବ। ଜନସାଧାରଣ କୋଭିଡ୍ ନିୟମ ମାନି ବିନା ଗାଡ଼ିରେ ଚାଲି ଚାଲି ସ୍ଥାନୀୟ ହାଟରୁ କିଣିପାରିବେ। ତେଣୁ କୌଣସି ପ୍ରକାର ଆତଙ୍କିତ ପରିସ୍ଥିତି ସୃଷ୍ଟି କରନ୍ତୁ ନାହିଁ କି ଆବଶ୍ୟକତାଠାରୁ ଅଧିକ ଜିନିଷ କିଣନ୍ତୁ ନାହିଁ। ଯେକୌଣସି ପରିସ୍ଥିତି ପାଇଁ ପୋଲିସ ପ୍ରସ୍ତୁତ ରହିଛି। ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରି ବାହାରେ ବୁଲିଲେ ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିଭଳି ଲକ୍‌ଡାଉନ୍‌ସମୟରେ ଟିକାକରଣ ଓ ଟେଷ୍ଟିଂ ଲାଗି ପ୍ରତିବନ୍ଧକ ଲଗାଯାଇନାହିଁ। ଅନ୍ୟାନ୍ୟ ମେଡିକାଲ ଓ ଅତ୍ୟାବଶ୍ୟକ କାର୍ଯ୍ୟରେ ମଧ୍ୟ ଲୋକେ ଆବଶ୍ୟକ କାଗଜପତ୍ର ଦେଖାଇ ଯାଇପାରିବେ ବୋଲି କମିଶନର କହିଛନ୍ତି।

### କରୋନା ପାଣ୍ଠିକୁ ଦାନକଲେ ଶିଶୁକନ୍ୟା

**ପିପିଲି,୩।୫(ଡି.ଏନ୍.ଏ.):** ଶିଶୁପାଳଗଡ଼ସ୍ଥିତ ଆନନ୍ଦ ବିହାରର ଲକ୍ଷ୍ମୀଧର ସାହୁଙ୍କ ନାତୁଣୀ ତନଭି ପ୍ରିୟଦର୍ଶନୀ(୩)ବର୍ଷର ଜନ୍ମଦିନ ଉଦ୍ଦେଶ୍ୟରେ ପିପିଲିସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ କୋଭିଡ୍ ରିଲିଫ ପାଣ୍ଠିକୁ ୪ହଜାର ଟଙ୍କା ଅର୍ଥଦାନ କରିଛନ୍ତି।

# ପ୍ରତି ରବିବାର ଭର୍ଚୁଆଲ୍ ମୋଡ୍‌ରେ ବୁଲିପାରିବେ ଜନଜାତି ସଂଗ୍ରହାଳୟ

**ଭୁବନେଶ୍ୱର, ୩।୫ (ବ୍ୟୁରୋ):** ମହାମାରୀ କରୋନାର ଦ୍ୱିତୀୟ ଲହର ଭୟଙ୍କର ରୂପ ନେଇଛି। ଏହାକୁ ଦୃଷ୍ଟିରେ ରଖି ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଭୁବନେଶ୍ୱରସ୍ଥିତ ଜନଜାତି ସଂଗ୍ରହାଳୟକୁ ଗତ ଏପ୍ରିଲ ୨୬ରୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଛି। କିନ୍ତୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍‌ସିଏସ୍‌ଟିଆର୍‌ଟିଆଇ ପରିସରରେ ଥିବା ଏହି ସଂଗ୍ରହାଳୟକୁ ଭର୍ଚୁଆଲ୍ ମୋଡ୍‌ରେ ଦେଖିପାରିବେ। ଲୋକମାନେ ଫେସ୍‌ବୁକ୍ ଓ ଟୁଇଟର୍ ପେଜ୍ @scstrti, @stscdev ଖୋଲି ପ୍ରତି ରବିବାର ସଂଗ୍ରହାଳୟ ବୁଲି ଦେଖିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ସୂଚନା ଦେଇଛନ୍ତି।

ଦେଶର ଶ୍ରେଷ୍ଠ ବିବେଚିତ ଏହି ଜନଜାତି ସଂଗ୍ରହାଳୟ ‘ମାନବ ସଂଗ୍ରହାଳୟ’ ଭାବେ ପରିଚିତ। ଏଠାରେ ୬୨ ଜନଜାତି ଓ ୧୩ ଆଦିମ ଜନଜାତିଙ୍କ ଜୀବନଶୈଳୀ, ସଂସ୍କୃତି ସମ୍ପର୍କିତ ୫ଟି ଗ୍ୟାଲେରି ସହ ପିଭିଟିଜି ଗ୍ୟାଲେରି ରହିଛି। ସେହିପରି ଜନଜାତି ପୂଜାପୀଠ, ଜନଜାତି ବାସଗୃହ, କାରୁକୃତି ଓ ବ୍ୟବହୃତ ବସ୍ତୁର ସମାହାର ସହ ଅଡିଟୋରିୟମ୍ ରହିଛି। ଭର୍ଚୁଆଲ ମୋଡ୍‌ରେ ଆରମ୍ଭ ହୋଇଥିବା ୬ ମିନିଟ୍‌ର ବୃତ୍ତଚିତ୍ରରେ ପର୍ଯ୍ୟଟକମାନେ ଜନଜାତି ସଂଗ୍ରହାଳୟ ସମ୍ପର୍କରେ ଜାଣିପାରିବେ ବୋଲି କୁହାଯାଇଛି।





# ଗୋଟିଏ ଦିନରେ ଯୁବ ଦମ୍ପତି ଆଖି ବୁଜିଲେ

**ନୟାଗଡ ଅଫିସ,୩।୫**

### କୋଭିଡ୍‌ରେ ସ୍ୱାମୀ, ହୃଦ୍‌ଘାତରେ ସ୍ତ୍ରୀ

ମହାମାରୀ କରୋନା ପ୍ରତିକ୍ଷଣ କେଉଁଠି ନା କେଉଁଠି ଦୁଃଖର ପାହାଡ଼ ସୃଷ୍ଟି କରୁଛି। ଆତ୍ମୀୟଙ୍କୁ ହରାଇବାର ଯନ୍ତ୍ରଣା ସହି ନ ପାରି ମଧ୍ୟ ଲୋକଙ୍କ ଜୀବନ ଚାଲିଯାଉଛି। ଏହିଭଳି ଏକ ଘଟଣା ଘଟିଛି ନୟାଗଡ ଜିଲା ଇଟାମାଟି ଥାନା ସାନଟାଙ୍ଗୀପାଟଣାରେ। ଗ୍ରାମର ଦିଲୀପ ପାତ୍ର(୩୨)ଙ୍କ ରବିବାର କରୋନାରେ ମୃତ୍ୟୁ ଘଟିଥିବାବେଳେ କିଛି ଘଣ୍ଟା ମଧ୍ୟରେ ତାଙ୍କ ସ୍ତ୍ରୀ ସୁନୀତା(୨୮)ଙ୍କ ହୃଦ୍‌ଘାତରେ ପ୍ରାଣ ଚାଲିଯାଇଛି। ଗୋଟିଏ ଦିନରେ ଯୁବ ଦମ୍ପତିଙ୍କ ଏଭଳି ଅକାଳ ମୃତ୍ୟୁକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ ଦିଲୀପ ଆଠମଲ୍ଲିକର ଏକ ବ୍ୟାଙ୍କରେ ଶାଖା ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। ୨୦୧୯ରେ ସେ ନିଜ ଗ୍ରାମର ସୁନୀତାଙ୍କୁ ବିବାହ କରିଥିଲେ। ସେମାନଙ୍କ ଦାମ୍ପତ୍ୟ ଜୀବନ ଖୁସିରେ କଟୁଥିଲା। ସେମାନେ ଆଣ୍ଡାମାନ ନିକୋବରକୁ ବୁଲିବାକୁ ଯାଇ ପ୍ରାୟ ୨୦ ଦିନ ତଳେ ଫେରିଥିଲେ। କିଛିଦିନ ତଳେ ଦିଲୀପ କୋଭିଡ୍‌ରେ ଆକ୍ରାନ୍ତ ହୋଇ କଟକରେ ଚିକିତ୍ସିତ ହେଉଥିଲେ। ସୁନୀତା ଓ ପରିବାର ଲୋକେ କଟକର ଏକ ଲଜ୍‌ରେ ରହି ଦିଲୀପଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖୁଥିଲେ। କିନ୍ତୁ ରବିବାର ଦିଲୀପଙ୍କ ମୃତ୍ୟୁ ହୋଇଯାଇଥିଲା। କୋଭିଡ୍ ନିୟମ ଅନୁସାରେ ଦିଲୀପଙ୍କ ମୃତଦେହ ସତ୍କାର ହେବା ପରେ ପରିବାର ଲୋକେ କଟକରୁ ସାନଟାଙ୍ଗୀପାଟଣା ଘରକୁ ଫେରିଥିଲେ। କିନ୍ତୁ ଦିଲୀପଙ୍କ ମୃତ୍ୟୁଜନିତ ଦୁଃଖ ସୁନୀତାଙ୍କ ପାଇଁ ଅସହ୍ୟ ଥିଲା। ଫଳରେ ଘରକୁ ଫେରିବାର କିଛି ସମୟ ମଧ୍ୟରେ ସେ ଟଳିପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଠାଇଲାବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏନେଇ ସେମାନେ ନିଜ ସାହିରେ ଥିବା ସୁନୀତାଙ୍କ ବାପଘରକୁ ଖବର ଦେବା ସହ ରାତିରେ ମୃତଦେହକୁ ସତ୍କାର କରିଥିଲେ। ସୁନୀତାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା କୁହାଯାଉଥିବାବେଳେ ସ୍ଥାନୀୟ ପୋଲିସ ତଦନ୍ତ କରି ଫେରିଥିଲା।

### ଡାଇଗ୍ନୋଷ୍ଟିକ ସେଣ୍ଟରକୁ ୧ ଲକ୍ଷ ଜରିମାନା

**କେନ୍ଦୁଝର, ୩।୫ (ସ୍ୱ.ପ୍ର.):** କେନ୍ଦୁଝରଗଡ଼ ପୌରାଞ୍ଚଳରେ କୋଭିଡ୍ ଆଇନ ଉଲ୍ଲଂଘନ ଅଭିଯୋଗରେ ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ସାଇଦେବ ଡାଇଗ୍ନୋଷ୍ଟିକ ସେଣ୍ଟର ମାଲିକଙ୍କଠାରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। କରୋନା କଟକଣା ଲାଗୁ କରାଯାଇଥିବା ବେଳେ ଉକ୍ତ ସେଣ୍ଟରରେ ପ୍ରବଳ ଭିଡ଼ ସହ ସାମାଜିକ ଦୂରତ୍ୱ ରକ୍ଷା ହୋଇ ନ ଥିବାରୁ ଏଭଳି ଜରିମାନା କରାଯାଇଥିବା ପ୍ରଶାସନ ପକ୍ଷରୁ ଟୁଇଟ୍ କରି ଜଣାଯାଇଛି।

# ରାଧାକୃଷ୍ଣ ଆଶ୍ରମ ମୁଖ୍ୟଙ୍କୁ ଗଳା କାଟି ହତ୍ୟା

**ସୋନପୁର,୩।୫(ନି.ପ୍ର.)**



ସମ୍ପତ୍ତିକୁ ନେଇ ହତ୍ୟା ସନ୍ଦେହ

ପୋଲିସ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି।

ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ବିଶିମୁଣ୍ଡା ରାଧାକୃଷ୍ଣ ଆଶ୍ରମର ମୁଖ୍ୟବାବା କୃଷ୍ଣଚିନ୍ତନ ଦାସ(୪୯)ଙ୍କୁ ରବିବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଛି। ବାବା ଆଶ୍ରମ ବାରଣ୍ଡାରେ ଶୋଇଥିବା ବେଳେ ତାଙ୍କ ଗଳା କାଟି ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। ତାଙ୍କ ମୁଣ୍ଡକୁ ମଧ୍ୟ ଧାରୁଆ ଅସ୍ତ୍ରରେ ଆଘାତ କରାଯାଇଛି। ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ସକାଳେ ବାବା ଆଶ୍ରମରୁ ବାହାରକୁ ନ ଆସିବାରୁ ଗ୍ରାମବାସୀ ଭିତରକୁ ଯାଇଥିଲେ। ବାରଣ୍ଡାରେ ରକ୍ତ ଜୁଡ୍‌ବୁଡ୍ ଅବସ୍ଥାରେ ବାବାଙ୍କ ମୃତଦେହ ପଡି ରହିଥିବା ଦେଖିବାକୁ ପାଇଥିଲେ। ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ହୋଇପାରିନି। ସମ୍ପତ୍ତିକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଅଞ୍ଚଳବାସୀ ଓ ବାବାଙ୍କ ସମର୍ଥକ ଅଭିଯୋଗ କରିଛନ୍ତି। ବିଶିମୁଣ୍ଡା ସରପଞ୍ଚ ମଧୁସୂଦନ ଓତାଙ୍କ ଅଭିଯୋଗକ୍ରମେ ଏକ ହତ୍ୟା ମାମଲା(ନଂ. ୧୧୪/୨୧)ରୁଜୁ ହୋଇଛି।

# କମିଲା ତାତି: ଝଡ଼ବର୍ଷା ଆଶଙ୍କା

**ଭୁବନେଶ୍ୱର,୩।୫(ବ୍ୟୁରୋ)**

### ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ



ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ହ୍ରାସ ପାଇଛି। ପାରଦ ତଳ ମୁହାଁ ରହିଛି। ବିଭିନ୍ନ ସ୍ଥାନରେ ଲାଗି ରହୁଥିବା ଝଡବର୍ଷା ଯୋଗୁ ତାତିରୁ ଆଶ୍ୱସ୍ତି ମିଳିଛି। ରାଜ୍ୟର ସମସ୍ତ ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସି ଯାଇଛି। ଆସନ୍ତା ୫ ଦିନ ଯାଏ ମଧ୍ୟ ତାତି ବଢ଼ିବ ନାହିଁ। ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବ। ଗଛ ଭାଙ୍ଗିବା ସହ ଶସ୍ୟ କ୍ଷତିଗ୍ରସ୍ତ କରିବା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ୫ତାରିଖରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ୭ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ,ସୁନ୍ଦରଗଡ଼, ଦେବଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୮ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ସୁନ୍ଦରଗଡ଼, ଢେଙ୍କାନାଳ, ନୟାଗଡ଼, କନ୍ଧମାଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ୭ରେ ଶପଥ ନେବେ ଷ୍ଟାଲିନ

**ଚେନ୍ନାଇ:** ତାମିଲନାଡୁରେ ଶାସକ ଏଆଇଏଡିଏମ୍‌କେର ପରାଜୟ ପରେ ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ ଇସ୍ତଫା ଦେଇଛନ୍ତି। ସେ ସୋମବାର ରାଜଭବନରେ ରାଜ୍ୟପାଳ ବନୱାରିଲାଲ ପୁରୋହିତଙ୍କୁ ଭେଟି ଇସ୍ତଫାପତ୍ର ଦେଇଥିଲେ। ରାଜ୍ୟପାଳ ତାକୁ ଗ୍ରହଣ କରିବା ସହ ପଞ୍ଚଦଶ ବିଧାନସଭାକୁ ଭଙ୍ଗ କରି ଥିବା ରାଜଭବନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ ଆସନ୍ତା ୭ ତାରିଖରେ ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। କୋଭିଡ୍-୧୯ ସ୍ଥିତିକୁ ଦୃଷ୍ଟିରେ ରଖି ନିରାଡମ୍ବର ଭାବେ ତାଙ୍କ ଶପଥ ଗ୍ରହଣ ଉତ୍ସବ ଆୟୋଜନ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ବିଧାନସଭା ନିର୍ବାଚନରେ ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ୧୩୩ ଆସନ ଦଖଲ କରି ଶାସକ ଦଳ ହାତରୁ କ୍ଷମତା ଛଡ଼ାଇ ନେଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମାନିଆ ପୁଅ କୋଣରେ ପଶେ ମାନିଆ ପୁଅ କୋଳରେ ବସେ।**

ମାତାପିତା ତଥା ଗୁରୁଜନଙ୍କ ଉପଦେଶକୁ କୁ କର୍ଣ୍ଣପାତ କରୁ ନ ଥିବା ପୁତ୍ର କୁଳ ବାଲୁଙ୍ଗା ବୋଲାଇଥାଏ। ସେହିପରି ଯେଉଁ ପୁତ୍ର ସମସ୍ତଙ୍କ ହିତୋପଦେଶକୁ ଗ୍ରହଣ କରିଥାଏ, ଯଥୋଚିତ ସମ୍ମାନ ଦେଇଥାଏ ସେହି ପୁତ୍ର ସ୍ନେହାଶୀର୍ବାଦ ଲାଭ କରିଥାଏ। ସମସ୍ତଙ୍କ ପ୍ରିୟଭାଜନ ହେବା ସହ ଜୀବନରେ ବହୁ ଉନ୍ନତି କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅନୁକୂଳ ପେଚା, ଅମଙ୍ଗଳ ବିରାଡ଼ି।**

ଯାତ୍ରା କଲାବେଳେ ପେଚା ଦେଖିଲେ ଅନୁକୂଳ ବିଗିଡ଼ିଯାଇଥାଏ। ସେହିପରି ବାହାରକୁ ଗଲା ବେଳେ ବାଟରେ ବିଲେଇ ଦେଖିଲେ କିଛି ଅଶୁଭ ଘଟିବାର ଆଶଙ୍କା ରହିଥାଏ। ପେଚା ବା ବିଲେଇ ମୁହଁ ଚାହିଁ କୌଣସି କାର୍ଯ୍ୟରେ ଗଲେ ଯାତ୍ରା ସଫଳ ହେଉ ନ ଥିବା ନେଇ ଅନ୍ଧବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସିଏମ୍‌ସିକୁ ୧୦ କୋଟି

**ଭୁବନେଶ୍ୱର,୩ା୫(ବ୍ୟୁରୋ)**

### କୋଭିଡ୍ ପରିଚାଳନା ସହାୟତା

କଟକରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ସେଠାରେ କୋଭିଡ୍ ପରିଚାଳନାକୁ ବ୍ୟାପକ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କଟକ ମହାନଗର ନିଗମ(ସିଏମ୍‌ସି)କୁ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଦିଆଯାଇଛି। ଏହାଦ୍ୱାରା କଟକରେ ବେଡ୍‌ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ତ ମୌଳିକ ସୁବିଧା ହୋଇପାରିବ। ସହରରେ ବଢ଼ୁଥିବା ଦୈନିକ ସଂକ୍ରମଣ ସଂଖ୍ୟାକୁ କିପରି ରୋକିହେବ, କିପରି କୋଭିଡ୍ ପରିଚାଳନାରେ ସାମାନ୍ୟ ଅବହେଳା ନ ହେବ ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

# ଆଖି ବୁଜିଲେ ବଳାତ୍କାର ପୀଡ଼ିତା ନାବାଳିକା

**ବାରିପଦା ଅଫିସ, ୩ା୫**

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଞ୍ଚଳରେ ବଳାତ୍କାର ଶିକାର ହୋଇଥିବା ଜଣେ ନାବାଳିକାଙ୍କ ସୋମବାର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏନେଇ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ରଙ୍ଗାମାଟିଆ ଅଞ୍ଚଳର ବାହାଦୂର ଚପିଆର(୨୦) ସମ୍ପୃକ୍ତ ନାବାଳିକାଙ୍କୁ ୫ ଦିନ ଧରି ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୪୮/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ବଳାତ୍କାର ପରେ ନାବାଳିକାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପ୍ରଥମେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ତେବେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ସୋମବାର ସକାଳ ୮ଟା ୩୦ରେ ତାଙ୍କର ମୃତ୍ୟୁ ଘଟିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଗତ ୨୫ତାରିଖ ରାତିରେ ସମସ୍ତେ ଖାଇସାରି ଶୋଇବା ପରେ ନାବାଳିକାଜଣକ ନିଖୋଜ ହୋଇଯାଇଥିଲେ। ତେବେ ଉକ୍ତ ଅଞ୍ଚଳର କେତେଜଣ ପିଲା ଶୁକ୍ରବାର ଖେଳୁଥିବା ବେଳେ ଏକ ପାଣି ଟାଙ୍କି ଉପରେ ନାବାଳିକା ଜଣକ ଅସହାୟ ଅବସ୍ଥାରେ ପଡ଼ିଥିବା ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ। ପରେ ସରପଞ୍ଚଙ୍କଠାରୁ ଖବର ପାଇ ଚାନ୍ଦୁଆ ଥାନାଧିକାରୀ ନାବାଳିକାଙ୍କୁ ଉଦ୍ଧାର କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### କେନ୍ଦ୍ର ପାଖରେ...

ଦାବି କରିଛନ୍ତି। ତେବେ ବିଭିନ୍ନ ସ୍ଥାନରେ ଅକ୍ସିଜେନ ଅଭାବରୁ ରୋଗୀଙ୍କ ମୃତ୍ୟୁ ଘଟିବା ବାସ୍ତବ ସ୍ଥିତିକୁ ପଦାରେ ପକାଇଛି। ଅକ୍ସିଜେନ ଅଭାବକୁ ନେଇ ସୁପ୍ରିମକୋର୍ଟ ଓ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀକୁ ତା' କୋଟା ଯେପରି ଉଚିତ ସମୟରେ ମିଳିବ ତାହା ସୁନିଶ୍ଚିତ କରିବା ଲାଗି ହାଇକୋର୍ଟ ତାଗିଦ କରିଥିବାବେଳେ ସୋମବାର (ମେ' ୩) ମଧ୍ୟରାତ୍ରି ସୁଦ୍ଧା ମେଡିକାଲ ଅକ୍ସିଜେନ ଯୋଗାଇବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଏଲ୍.ଏନ୍. ରାଓ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ୬୪ ପୃଷ୍ଠା ସମ୍ବଳିତ ରାୟରେ କହିଛନ୍ତି, ଜରୁରୀ ବ୍ୟବହାର ଲାଗି ଅମ୍ଳଜାନ ଯୋଗାଣ ପାଇଁ କେନ୍ଦ୍ର ସରକାର ଦିଲ୍ଲୀ ସରକାରଙ୍କ ସହ ସମନ୍ୱୟ ରଖିବେ। ଅକ୍ସିଜେନ ମହଜୁଦ ଥିବା ସ୍ଥାନଗୁଡ଼ିକରୁ ନେଇ ହସ୍ପିଟାଲଗୁଡ଼ିକୁ ଯୋଗାଇବା ଲାଗି ସ୍ଥାନ ସଂଖ୍ୟା ବଢ଼ାଇବେ। ପ୍ରକାଶ ଯେ, ଶନିବାର ହାଇକୋର୍ଟ କହିଥିଲେ, ବହୁତ ହୋଇଗଲା। ଆବଣ୍ଟନଠାରୁ ଅଧିକ ଅକ୍ସିଜେନ କେହି ମାଗୁନାହାନ୍ତି। କେନ୍ଦ୍ର ସରକାର ଯଦି ଆଜି ଯୋଗାଇ ପାରୁନାହାନ୍ତି ତେବେ ସୋମବାର ସୁଦ୍ଧା ସ୍ପଷ୍ଟୀକରଣ ଦିଅନ୍ତୁ। ଅରବିନ୍ଦ କେଜ୍‌ରିୱାଲ ସରକାର ଦୈନିକ ୯୭୦ ମେଟ୍ରିକ୍ ଟନ୍ ଅକ୍ସିଜେନ ମାଗିଥିବାବେଳେ କେନ୍ଦ୍ର ଶନିବାର ସୁଦ୍ଧା ୪୯୦ ମେଟ୍ରିକ୍ ଟନ୍ ଯୋଗାଉଥିଲା। ହାଇକୋର୍ଟଙ୍କ ଭର୍ତ୍ସନା ପରେ ଆଉ ୧୦୦ ମେଟ୍ରିକ୍ ଟନ୍ ଅକ୍ସିଜେନ ଯୋଗାଇଛି। ଦିଲ୍ଲୀରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦,୦୦୦ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୪୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ମୃତ୍ୟୁ ଘଟିଛି। ଏହାସହ ମୋଟ ସକ୍ରିୟ ମାମଲା ସଂଖ୍ୟା ୯୬,୦୦୦ ଟପିଛି।

### ନାଇଟ୍ରୋଜେନ ପ୍ଲାଣ୍ଟରେ...

ଅକ୍ସିଜେନ ଉତ୍ପାଦନ ପ୍ଲାଣ୍ଟ ବିକଶିତ କରାଯାଉଛି। ଏଥିପାଇଁ ୧୪ଟି ପିଏସ୍‌ଏ ନାଇଟ୍ରୋଜେନ ପ୍ଲାଣ୍ଟ ଯୁକ୍ତ ଶିଳ୍ପକୁ ଚିହ୍ନଟ କରାଯାଇଛି। ଏହାବାଦ ୩୭ଟି ପ୍ଲାଣ୍ଟକୁ ଚିହ୍ନଟ କରାଯାଇଛି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ଥିବା ନାଇଟ୍ରୋଜେନ ପ୍ଲାଣ୍ଟଗୁଡ଼ିକରେ ଅକ୍ସିଜେନ ଉତ୍ପାଦନ ଉପରେ ରବିବାର ଜରୁରୀ ବୈଠକରେ ଅଗ୍ରଗତିର ସମୀକ୍ଷା କରିଥିଲେ।

### ଅକ୍ସିଜେନ ଅଭାବରୁ...

ଭାଜପା ଶାସିତ କର୍ଣ୍ଣାଟକର ବିଭିନ୍ନ ଜିଲାରେ ଅକ୍ସିଜେନ ସଙ୍କଟରୁ କୋଭିଡ୍ ରୋଗୀଙ୍କ ପ୍ରାଣହାନି ଘଟିପାରେ ବୋଲି ପୂର୍ବରୁ କେତେକ ଜାତୀୟ ଗଣମାଧ୍ୟମ ସତର୍କ କରାଇଥିଲେ। କିନ୍ତୁ ବି.ଏସ୍. ୟେଦୁରପ୍ପା ସରକାର ଏନେଇ କର୍ଣ୍ଣପାତ କରି ନ ଥିଲେ। ଫଳରେ ଚମରାଜନଗରରେ ୨୪ ରୋଗୀଙ୍କ ଜୀବନ ଚାଲିଯାଇଛି। ପ୍ରାଣ ହରାଇଥିବା ରୋଗୀମାନେ ଭେଣ୍ଟିଲେଟର ସପୋର୍ଟରେ କିମ୍ବା ଅକ୍ସିଜେନ ଉପରେ ନିର୍ଭରଶୀଳ ଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ସେମାନଙ୍କୁ ଅକ୍ସିଜେନ ଦିଆଯାଇ ନ ଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ନିର୍ବାଚିତ ପ୍ରତିନିଧିମାନେ ମହୀଶୂର ଓ ଚମରାଜନଗର ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବରୁ ଏହି ଦୁଃଖଦ ଘଟଣା ଘଟିଥିବା ସ୍ୱୀକାର କରିଛନ୍ତି। ଏହାସତ୍ତ୍ୱେ ଅକ୍ସିଜେନ ଅଭାବ ନାହିଁ ବୋଲି ଚମରାଜନଗର ଜିଲା କମିଶନର ଏମ୍.ଆର୍. ରବି ଦୃଢ଼ୋକ୍ତି ବାଢ଼ିଛନ୍ତି। ଅମ୍ଳଜାନ ଅଭାବରୁ ରୋଗୀମାନେ ମରି ନ ଥିବା ସେ କହିଛନ୍ତି। ଉକ୍ତ ହସ୍ପିଟାଲରେ ୧୪୪ ରୋଗୀ ଚିକିତ୍ସାଧୀନ ଥିବାବେଳେ ଏହି ଘଟଣା ପରେ ଅନେକ ସଂକ୍ରମିତ ଭୟଭୀତ ହୋଇ ଜିଲା ହସ୍ପିଟାଲରେ ଭର୍ତ୍ତି ହେବାକୁ ମନା କରିଦେଇଛନ୍ତି। ଚମରାଜନଗରର ପୂର୍ବତନ ଏମ୍‌ପି ଆର୍. ଧ୍ରୁବନାରାୟଣ ଏହାର ବିଚାରବିଭାଗୀୟ ତଦନ୍ତ ଦାବି କରିଛନ୍ତି।

ଲୋକେଶ ନାମକ ଜଣେ ବ୍ୟକ୍ତି କହିଛନ୍ତି, ତାଙ୍କ ପୁଅ ଉକ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ୭୫% ଆରୋଗ୍ୟ ଲାଭ କରିସାରିଥିଲେ। ସେଠାରେ ଅକ୍ସିଜେନ ସିଲିଣ୍ଡର ଥିଲେ ପୁଅ ଜୀବନ ବଞ୍ଚାଯାଇ ପାରିଥାଆନ୍ତା। ସେହିପରି ନିଜ ପୁତୁରାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ରାଜନ୍ନା ମଧ୍ୟ ଅନୁରୂପ କଥା କହିଛନ୍ତି। ପୁତୁରାଙ୍କୁ ଅକ୍ସିଜେନ ଆବଶ୍ୟକ ଥିବା ନେଇ ସେ ରାତି ୧୨ଟାରେ ଜାଣିବାକୁ ପାଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ସହାୟତା ମଗାଯାଇଥିଲା। ହେଲେ ମିଳି ନ ଥିଲା। ଶେଷରେ ପୁତୁରା ଆଖି ବୁଜି ଦେଇଥିଲେ। ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଆଇଏଏସ୍ ଅଧିକାରୀ ଶିବଯୋଗୀ କଲସାଦଙ୍କୁ ଅକ୍ସିଜେନ ଅଭାବଜନିତ ରୋଗୀଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୩ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ପ୍ରକାଶ ଯେ, ଏହି ଜିଲାରେ ଅଦ୍ୟାବଧି ୧୧,୯୨୮ ସଂକ୍ରମିତ ହୋଇଥିବାବେଳେ ୧୬୭ ଜଣଙ୍କ ଜୀବନ ନେଲାଣି କରୋନା ଭୂତାଣୁ।

### ପିପିଲି ଉପନିର୍ବାଚନ...

ମଙ୍ଗରାଜଙ୍କ କରୋନାରେ ଅକାଳ ବିୟୋଗ ହେବାରୁ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ମେ ୧୩ ତାରିଖରେ ଉପନିର୍ବାଚନ କରିବାକୁ ନିର୍ବାଚନ କମିଶନ ଘୋଷଣା କରିଥିଲେ। ଇଦ୍ ପର୍ବ ପଡୁଥିବାରୁ ମେ ୧୩ ପରିବର୍ତ୍ତେ ମେ ୧୬ ତାରିଖରେ ପିପିଲି ଉପନିର୍ବାଚନ କରିବାକୁ ଏପ୍ରିଲ ୨୨ ତାରିଖରେ କମିଶନ ଘୋଷଣା କରିଥିଲେ। ମେ ୧୯ ତାରିଖରେ ଭୋଟ ଗଣତି ହେବା ସହ ୨୧ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଥାଆନ୍ତା। ଇତି ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କରୋନା ଯୋଗୁ ଉପନିର୍ବାଚନ ପାଇଁ ଶୋଭାଯାତ୍ରା, ସଭା, ପଥପ୍ରାନ୍ତ ନାଟକ ଉପରେ କଟକଣା ଲଗାଯାଇଛି। ତେବେ ବର୍ତ୍ତମାନ ପରିସ୍ଥିତିରେ କରୋନା ସଂକ୍ରମଣ ବଢୁଥିବାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଉପନିର୍ବାଚନକୁ କମିଶନ ସ୍ଥଗିତ ରଖିଛନ୍ତି। ଅପରପକ୍ଷରେ କୋଭିଡ୍ ସଂକ୍ରମଣର ବ୍ୟାପକତାକୁ ଦୃଷ୍ଟିରେ ରଖି ଉପନିର୍ବାଚନକୁ ୪ମାସ ଘୁଞ୍ଚାଇବା ପାଇଁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟରେ ଆଇନଜୀବୀ ସୂର୍ଯ୍ୟକାନ୍ତ ପାଢ଼ୀ ଏକ ମାମଲା ରୁଜୁ କରିଥିଲେ। ସେହିପରି ପିପିଲି ଉପନିର୍ବାଚନକୁ ସ୍ଥଗିତ ରଖିବା ପାଇଁ ପ୍ରଦେଶ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ଗତ ସପ୍ତାହରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ପ୍ରସ୍ତାବ ଦେଇଥିଲେ।

### ୪ ମାସ ଘୁଞ୍ଚିଲା...

ଟେଲି-କନସଲ୍‌ଟେଶନ କାର୍ଯ୍ୟରେ ନିୟୋଜିତ ହେବେ ଏବଂ ତାଲିମପ୍ରାପ୍ତ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ମଧ୍ୟମ କରୋନା ସଂକ୍ରମିତ ରୋଗୀଙ୍କ ଦେଖାଶୁଣା କରିବେ। ଏହା ବ୍ୟତୀତ ବିଏସ୍‌ସି ନର୍ସିଂ, ଜିଏନ୍‌ଏମ୍ କରୁଥିବା ନର୍ସମାନେ ବରିଷ୍ଠ ଡାକ୍ତର ଏବଂ ନର୍ସଙ୍କ ତତ୍ତ୍ୱାବଧାନରେ କୋଭିଡ୍ ଡ୍ୟୁଟି କରିବେ। ୧୦୦ ଦିନ କୋଭିଡ ଡ୍ୟୁଟି କରିଥିବା ନର୍ସ ତଥା ଡାକ୍ତର କର୍ମଚାରୀଙ୍କୁ ସରକାରୀ ଚାକିରିରେ ନିୟମିତ ନିଯୁକ୍ତି ଦିଗରେ ଅଗ୍ରାଧିକାର ଦିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ବାଦ୍ ସମସ୍ତ କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ ଯଥା ଆଇଆଇଟି, ଏନ୍‌ଆଇଟି, ସିୟୁ, ଆଇଆଇଆଇଟି ଆଦିକୁ ଚଳିତ ମାସରେ ଅଫ୍‌ଲାଇନ ହେବାକୁ ଥିବା ସମସ୍ତ ପରୀକ୍ଷା ସ୍ଥଗିତ ରଖିବାକୁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ଆଇଏଫ୍‌ଏସ୍ ଅଫିସର...

ଟିମ୍ ଏହି ଘଟଣାର ତଦନ୍ତ କରୁଛି। ଗତବର୍ଷ ଲକଡାଉନ୍ କାଳରେ ପାଠକ ଚାର୍ଟର ପ୍ଲେନ୍‌ରେ ବୁଲୁଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଥିଲା। ଅନ୍ୟପକ୍ଷରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଝିଅ ସହିତ ଆକାଶ ପାଠକଙ୍କ ବାହାଘର ସ୍ଥିର ହୋଇଥିଲା। ତେବେ ବାହାଘର ପୂର୍ବରୁ ପାଠକ ବାପ-ପୁଅଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଏହା ପରେ ପ୍ରଦୀପ ପାଣିଗ୍ରାହୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଟାଟା କମ୍ପାନୀରେ ଚାକିରି କରାଇଦେବାକୁ କହି ଭାବୀ ଜ୍ୱାଇଁ ଆକାଶ ପାଠକଙ୍କ ପାଇଁ ପ୍ରଦୀପ ଟଙ୍କା ଆଦାୟ କରୁଥିଲେ ବୋଲି ଅଭିଯୋଗ ରହିଛି। ଏହା ସହିତ ଠକେଇ, ଜାଲିଆତି, ଆପରାଧିକ ଷଡ଼ଯନ୍ତ୍ର, ସାଇବର ଅପରାଧରେ ପ୍ରଦୀପଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ।

### ପଞ୍ଜୀକରଣ...

ଜାରି କରାଯାଇଥିଲା। କିନ୍ତୁ ବହୁ ଲୋକ ବିନା ପଞ୍ଜୀକରଣରେ ଟିକା କେନ୍ଦ୍ରକୁ ଆସି ଅଯଥା ଗହଳି କରୁଥିବା ଦେଖାଯାଇଥିଲା। କେତେକ ସ୍ଥାନରେ ୨ଶହ ଲୋକଙ୍କୁ ଟିକା ଦେବାର ବ୍ୟବସ୍ଥା ଥିବାବେଳେ ସେଠାକୁ ୫ଶହରୁ ଊର୍ଦ୍ଧ୍ୱ ଲୋକ ଯାଇଥିଲେ। ବିଶେଷକରି ଅପରାହ୍ନ ସମୟରେ ଏଭଳି ସମସ୍ୟା ଦେଖାଦେଇଥିଲା। ଏହାଦ୍ୱାରା ସାମାଜିକ ଦୂରତା ବାଧାପ୍ରାପ୍ତ ହେବା ସହ କରୋନା ସଂକ୍ରମିତ ହେବାର ଆଶଙ୍କା ମଧ୍ୟ ରହୁଛି। ତେଣୁ ବିନା ପଞ୍ଜୀକରଣରେ କୌଣସି ଟିକା କେନ୍ଦ୍ରକୁ ନ ଯିବାକୁ ଚୌଧାରୀ ପରାମର୍ଶ ଦେଇଛନ୍ତି।


# classifieds

**Everyday**
0674-2580101, 2549302



**SALE**

Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952. D-70830

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 1km. sqft.-220/-, Niser ପାଖରେ sqft.-500/-, ତ୍ରିଶୂଳିଆ ଛକ ପାଖରେ 450/- plot ବିକ୍ରି ଚାଲୁଅଛି। 9178004547, 9348020724. D-70843

ଭୁବନେଶ୍ୱର-ପୁରୀ ରାସ୍ତାର ପିପିଲି NH side Gated Community Plotting Project 30' ରାସ୍ତା, electricity boundary, park, Temple, Entrancegate (Bank finance available) sqft.-670/-, 7327092999. D-70846



New Opening Saikrupa Panchakarma and Spa Joint Pain, Fullbody Massage. 8984068077. D-65917

Newly open Spa Offer @599/-, positively health benefits, Jaydevbihar. 7846814019. D-59990



କ'ଣ ଆପଣ ଅସୁବିଧାରେ ଅଛନ୍ତି କି? ୨ଘଣ୍ଟାରେ ସମାଧାନ Myastron ଦ୍ୱାରା। କାମ ନହେଲେ ଟଙ୍କା ଫେରସ୍ତ। ବ୍ୟବସାୟରେ, ପ୍ରେମରେ, ବିବାହରେ, ଚାକିରି ସମାଧାନ Mobile/ Whatsapp No.- 07381297749, 09739501234. D-20592

**AFFIDAVIT**

By virtue of an affidavit sworn before the Executive Magistrate, Bissam Cuttack, Dist.- Rayagada, by Sri Kamalakant Patra vide Sl. No.-346 dated19.04.2021, that some documents of our family member's wrongly recorded the title as Thapa instead of our real title Patra. Henceforth, I shall be known as Kamalakant Patra, the name of my wife is Laxmipriya Patra, the name of my elder son is Prabhakar Debanarayan Patra, the name of my middle son is Ramaraman Arat Tran Patra and the name of my younger son is Arupbrahma Alekh Niranjan Patra for all purposes.

Sd./- Deponent

D-20658

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଭାକ୍ସିନ ନୀତିର ସମୀକ୍ଷା କର

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩ା୫**

୧୮ରୁ ୪୪ ବର୍ଷୀୟଙ୍କ ପାଇଁ କୋଭିଡ୍-୧୯ ଭାକ୍ସିନ ମୂଲ୍ୟକୁ ନେଇ ରହିଥିବା ନୀତିର ସମୀକ୍ଷା କରିବାକୁ ସୋମବାର କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରର ଭାକ୍ସିନ ନୀତି ନାଗରିକଙ୍କ ଜୀବନ ଧାରଣ ନେଇ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିପାରେ ବୋଲି ସୁପ୍ରିମକୋର୍ଟ ଆଶଙ୍କା ବ୍ୟକ୍ତ କରିଛନ୍ତି।

୧୮-୪୪ ବର୍ଷୀୟ ଲୋକଙ୍କ ଟିକାକରଣ ପାଇଁ ରାଜ୍ୟ ଓ ଘରୋଇ ହସ୍ପିଟାଲଗୁଡ଼ିକୁ ଭାକ୍ସିନ ପ୍ରସ୍ତୁତକାରୀ କମ୍ପାନୀ ୫୦% ଟିକା ଯୋଗାଇଦେବେ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏହି ପରିପେକ୍ଷୀରେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ରାଜ୍ୟ ସରକାରମାନେ ପ୍ରତ୍ୟକ୍ଷ ଭାବେ ଟିକା ଉତ୍ପାଦନକାରୀଙ୍କ ସହ ମୂଲଚାଲ କଲେ ଦ୍ୱନ୍ଦ୍ୱ ଓ ଅନିଶ୍ଚିତତା ସୃଷ୍ଟି ହେବ। ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ପାଇଁ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ୧୮-୪୪ ବର୍ଷୀୟଙ୍କ ଟିକାକରଣ ପାଇଁ ରାଜ୍ୟ ସରକାରଙ୍କ ଉପରେ ଦାୟିତ୍ୱ ଲଦିଦେବା ଯୁକ୍ତିଯୁକ୍ତ ନୁହେଁ। ଉତ୍ପାଦନକାରୀମାନେ ଟିକାର ଦୁଇପ୍ରକାର ମୂଲ୍ୟ ସ୍ଥିର କରିଛନ୍ତି। କେନ୍ଦ୍ର ପାଇଁ କମ୍ ମୂଲ୍ୟ ଧାର୍ଯ୍ୟ କରିଥିବାବେଳେ ରାଜ୍ୟ ସରକାରମାନେ କିଣିବାକୁ ଥିବା ଟିକାର ଦାମ୍ ଅଧିକ ରଖିଛନ୍ତି। ତେବେ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ନାଗରିକଙ୍କ ସ୍ୱାସ୍ଥ୍ୟ ଅଧିକାରକୁ ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ସରକାର ଟିକା ଉତ୍ପାଦନକାରୀ କମ୍ପାନୀ ସହ ନିଜେ ଆଲୋଚନା କରି ଭାକ୍ସିନର ଗୋଟିଏ ମୂଲ୍ୟ ସ୍ଥିର କରନ୍ତୁ ବୋଲି ରବିବାର ରାତିରେ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଥିବା ରାୟରେ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ଓଡ଼ିଶା ଦେଲାଣି ୪୪୧୦ ଟନ୍‌ରୁ ଅଧିକ ଅକ୍ସିଜେନ

## ଆନ୍ଧ୍ରପ୍ରଦେଶକୁ ସର୍ବାଧିକ ୧୩୧୪.୫୩ ଟନ୍

**ଭୁବନେଶ୍ୱର,୩ା୫(ବ୍ୟୁରୋ)**

ଓଡ଼ିଶାରୁ ବିଭିନ୍ନ ରାଜ୍ୟକୁ ମେଡ଼ିକାଲ ଅକ୍ସିଜେନ ଯୋଗାଣ ଜାରି ରହିଛି। ଏପର୍ଯ୍ୟନ୍ତ ପ୍ରାୟ ୨୪୧ଟି ଟ୍ୟାଙ୍କର ଯୋଗେ ୪୪୧୦.୪୬୨ ଟନ୍‌ରୁ ଅଧିକ ଅକ୍ସିଜେନ ବାହାର ରାଜ୍ୟକୁ ପଠାଯାଇଛି। ଅନୁଗୋଳ, ରାଉରକେଲା, ଢେଙ୍କାନାଳ ଓ ଯାଜପୁର ଜିଲାରୁ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ହରିୟାଣା ଭଳି ରାଜ୍ୟଗୁଡ଼ିକୁ ଏସବୁ ଅକ୍ସିଜେନ ଯାଇଛି। ତେବେ ଅକ୍ସିଜେନ ଟ୍ୟାଙ୍କରଗୁଡ଼ିକର ସୁରକ୍ଷିତ ତଥା ସହଜ ଯାତାୟାତ ପାଇଁ ରାଜ୍ୟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଗ୍ରୀନ୍ କରିଡ଼ର କରାଯାଇ ସୀମାରେ ଛଡ଼ାଯାଉଛି।

ସୂଚନା ଅନୁଯାୟୀ, ଅନୁଗୋଳ ଜିଲାରୁ ୨୮ ଟ୍ୟାଙ୍କରରେ ୪୫୮.୦୨ ଟନ୍, ଢେଙ୍କାନାଳରୁ ୫୦ ଟ୍ୟାଙ୍କରରେ ୭୯୩.୫ ଟନ୍, ଯାଜପୁରରୁ ୬୫ ଟ୍ୟାଙ୍କରରେ ୧୩୧୪.୫୩ ଟନ୍ ଓ ରାଉରକେଲାରୁ ୯୮ ଟ୍ୟାଙ୍କରେ ୧୮୪୪.୪୧୨ଟନ୍ ଅକ୍ସିଜେନ୍ ବିଭିନ୍ନ ରାଜ୍ୟକୁ ପଠାଯାଇଛି। ଏଥିମଧ୍ୟରୁ ୬୮ ଟ୍ୟାଙ୍କରରେ ଆନ୍ଧ୍ରପ୍ରଦେଶକୁ ସର୍ବାଧିକ ୧୪୦୪.୮୩ ଟନ୍, ତେଲଙ୍ଗାନାକୁ ୬୭ ଟ୍ୟାଙ୍କରରେ ୧୧୨୪.୧୭୯ ଟନ୍, ତାମିଲନାଡୁକୁ ୬ ଟ୍ୟାଙ୍କର୍‌ରେ ୧୧୬.୨୨ଟନ୍, ହରିୟାଣାକୁ ୨୭ ଟ୍ୟାଙ୍କରରେ ୫୨୮.୬୮୨ ଟନ୍, ମହାରାଷ୍ଟ୍ରକୁ ୧୩ ଟ୍ୟାଙ୍କରରେ ୨୧୧.୧୬ ଟନ୍, ଛତିଶଗଡ଼କୁ ୧୨ ଟ୍ୟାଙ୍କରରେ ୧୮୨.୯୩୧ ଟନ୍, ଉତ୍ତରପ୍ରଦେଶକୁ ୨୦ ଟ୍ୟାଙ୍କରରେ ୩୬୨.୪୨ ଟନ୍, ମଧ୍ୟପ୍ରଦେଶକୁ ୨୫ ଟ୍ୟାଙ୍କର ଯୋଗେ ୪୧୭.୫୫ ଟନ୍, ଦିଲ୍ଲୀକୁ ୨ ଟ୍ୟାଙ୍କରରେ ୩୩ ଟନ୍ ଓ ପଞ୍ଜାବକୁ ଗୋଟିଏ ଟ୍ୟାଙ୍କରରେ ୨୯.୩୨ ଟନ୍ ଅକ୍ସିଜେନ ଯୋଗାଇ ଦିଆଯାଇଛି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

Email-pkmahapatro@gmail.com


**ମେଷ**



ଆଜି ସକାଳୁ ସକାଳୁ ନିକଟରେ ରହୁ ନ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହି ପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣକରି ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି। ପରିବହନ ତଥା ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ।

**ବୃଷ**



ଆଲୋଚନା ପରିସରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି। ସଭାସମିତି, କଳା, କ୍ରୀଡ଼ା ଓ ସାହିତ୍ୟ, ସଂଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ଆର୍ଥିକ ସମସ୍ୟା କେତେକାଂଶରେ ପାରିବାରିକ ଆବଶ୍ୟକତାକୁ ଅଟକାଇ ଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ।

**ମିଥୁନ**



ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ ଓ କାମ ସକାଶେ ସାହାଯ୍ୟ ପାଇବେ। ଜାଣିଶୁଣି କେତେକ ଈର୍ଷାପରାୟଣ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ଆଜି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ**



ବନ୍ଧୁଙ୍କ ସହ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ କଳହ ଲାଗିପାରେ। କର୍ମକ୍ଷେତ୍ରରେ ଧୈର୍ଯ୍ୟ ଓ ସହନଶୀଳତା ସହ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁଁ କ୍ଷୋଭ ପ୍ରକାଶ କରିପାରନ୍ତି। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ସିଂହ**



ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। ଅଫିସ୍ କାମରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସଭାସମିତିରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ ଦେଇ ସମାଲୋଚିତ ହୋଇପାରନ୍ତି। ଆଜି ସନ୍ଧ୍ୟାରେ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା**



ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ ଈର୍ଷାଳୁ ବ୍ୟକ୍ତିଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅଧ୍ୟୟନ, ଅଧ୍ୟାପନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ। ଘରର ଆବଶ୍ୟକତାକୁ ନେଇ ଆଜି ଗୃହୋପକରଣ କ୍ରୟ କରିପାରନ୍ତି। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା**



ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହା କି ଅନର୍ଥର କାରଣ ହୋଇପାରେ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବନାହିଁ, ବିଭିନ୍ନ ଦିଗରୁ ଅର୍ଥ ପାଇପାରିବେ। ବନ୍ଧୁଙ୍କ ମୁହଁ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରି ନ ପାରି ଅନୁତାପ କରିପାରନ୍ତି।

**ବିଛା**



ପ୍ରତ୍ୟେକ କାମ ସକାଶେ ଦୀର୍ଘ ସମୟର ପ୍ରତୀକ୍ଷା ମାନସିକ ଅଶାନ୍ତିର ମୂଳ କାରଣ ହେବ। ସମୟ ସ୍ରୋତରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ସହ ବୈରିତା ସୃଷ୍ଟି ହୋଇପାରେ। ବହୁତ ଯୁକ୍ତି ତର୍କ ପରେ ଅର୍ଥ ଆଦାୟରେ ସକ୍ଷମ ହେବେ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ସମ୍ଭାବନା ରହିଛି।

**ଧନୁ**



ନିକଟ ସମ୍ପର୍କୀୟମାନଙ୍କ ସନ୍ଦେହାତ୍ମକ ବ୍ୟବହାର ମନରେ ଭାବାନ୍ତର ସୃଷ୍ଟି କରିବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ସାମାନ୍ୟ ବିଳମ୍ବ ଘଟିବ। ମାନସିକ ଚାପଗ୍ରସ୍ତ କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଶତ୍ରୁ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି।

**ମକର**



ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରିବେ। ଶ୍ରବଣା ନକ୍ଷତ୍ର ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ହେବାରେ ଅନ୍ୟମାନେ ଜାଣିଶୁଣି ସମସ୍ୟା ସୃଷ୍ଟି କରିବେ।

**କୁମ୍ଭ**



କାର୍ଯ୍ୟ କ୍ଷେତ୍ରରେ ସ୍ୱାର୍ଥହାସଲ ଅଭାବରୁ ନିଜ ଲୋକଟି ହଠାତ୍ ଶତ୍ରୁତା କରିବାକୁ ପଛାଇବ ନାହିଁ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ।

**ମୀନ**



ପରିସ୍ଥିତି ପ୍ରତି ସଜାଗ ରହି କାମ କରି ଚାଲିଲେ ପ୍ରତିବନ୍ଧକ ବେଶି ସମୟ ଅଟକାଇ ପାରିବ ନାହିଁ। ଦୃଢ଼ ଇଚ୍ଛାଶକ୍ତି ବଳରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଆର୍ଥିକ ସ୍ଥିତି,ସାମାଜିକ ପ୍ରଗତି ପୂର୍ବପରି ଅକ୍ଷୁଣ୍ଣ ରହିବ। ମାଲି ମକଦ୍ଦମାରେ ସଫଳତା ହାସଲ କରିବେ ଓ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି।

ଆଜି ବୈଶାଖ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ମଙ୍ଗଳବାର, ଶ୍ରୀମନ୍ଦିରରେ ରାମାଭିଷେକ। ମେ ୪ ତାରିଖ, ମଙ୍ଗଳବାର, ରାଶିନକ୍ଷତ୍ର-ଦିବା, ଘ.୦୮.୨୭ମି, ଗତେ ଧନିଷ୍ଠା/ମକର, ସିଂହ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭.୫୩ମି. ଗତେ ଘ.୧୦.୨୬ମି. ମଧ୍ୟେ, ଘ.୦୧.୦୦ମି. ଗତେ ଘ.୦୨.୪୨ମି. ମଧ୍ୟେ, ଘ.୦୩.୩୩ମି. ଗତେ ଘ.୦୫.୧୬ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୫୫ମି. ଗତେ ଘ.୦୪.୩୧ମି. ମଧ୍ୟେ ରାହୁକାଳ।

**୫ରେ ପୁରାତନ ଛାତ୍ରଙ୍କ ଭର୍ଚୁଆଲ ବୈଠକ**

**ଭୁବନେଶ୍ୱର,(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରସଂଘ ଆଭାସୀ ବୈଠକ(ଭର୍ଚୁଆଲ ମିଟିଂ) ଆସନ୍ତା ମେ ୫ତାରିଖ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବ। ଏହି ବୈଠକରେ ମୋ ସ୍କୁଲ ଅଭିଯାନ, ପୁରାତନ ଛାତ୍ର ସଂଘର ମେମୋରାଣ୍ଡମ, ସଂଘ ପଞ୍ଜୀକରଣ ଓ ପ୍ରତିନିଧି ଚୟନ/ନିର୍ବାଚନ ବାବଦରେ ଆଲୋଚନା ହେବ ବୋଲି ପୁରାତନ ସଂଘ ଆବାହକ ପ୍ରମୋଦ କୁମାର ମହାନ୍ତି କହିଛନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଏଥିରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ବୈଠକରେ ଯୋଗଦେବା ପାଇଁ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀସଙ୍ଗୀତା ପଣ୍ଡା ମୋବାଇଲ ନଂ୯୪୩୯୫୫୫୦୯୦, ଆବାହକ ମହାନ୍ତି ୯୪୩୭୩୯୧୫୦୦ରେ ଯୋଗାଯୋଗ ପାଇଁ କୁହାଯାଇଛି।

## ସଂକ୍ଷେପରେ

### ୨୦ ଚୋରା ମୋବାଇଲ ଜବତ, ୨ ଗିରଫ

**ବାରଙ୍ଗ,୩।୫(ଡି.ଏନ୍.ଏ.):** ଚନ୍ଦକା ଥାନା ପୋଲିସ ଏକ ମୋବାଇଲ ଚୋର ଗ୍ୟାଙ୍ଗକୁ ଧରିବା ସହ ସେମାନଙ୍କଠାରୁ ୨୦ଟି ମୋବାଇଲ, ଗୋଟିଏ ବାଇକ ସହ କ୍ୟାମେରା ଜବତ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ମାହାଙ୍ଗାର ଜିତେନ୍ଦ୍ର କୁମାର ଓଝା ଓରଫ ଜିତୁ, କୋଣାର୍କର ବିଷ୍ଣୁ ପ୍ରସାଦ ଜେନା ଓରଫ ଚନ୍ଦନ। ଅନ୍ୟଜଣେ ନାବାଳକ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୧ତାରିଖରେ ଡିଏଭି ପବ୍ଲିକ ସ୍କୁଲ୮ନଂ ଛାତ୍ର ସମ୍ବିତ ସ୍ୱାଇଁ ଓ ଗିରିଜା ପ୍ରସାଦ ଦୁଇ ସାଙ୍ଗ ଚନ୍ଦକା ଥାନା ଅନ୍ତର୍ଗତ ଝୁମୁକାକୁ ବୁଲିବାକୁ ଆସିଥିଲେ। କିନ୍ତୁ ଫେସ୍‌ବୁକରେ ସାଙ୍ଗ ସାଜିଥିବା ଜିତୁ ଓ ଚନ୍ଦନକୁ ମଧ ନିମନ୍ତ୍ରଣ କରିଥିଲେ। କିଛି ସମୟ ୪ସାଙ୍ଗ ବୁଲି ମଜା ଉଠାଇବା ପରେ କୌଶଳକ୍ରମେ ସମ୍ବିତ ଆଣିଥିବା ଦାମୀ କ୍ୟାମେରାକୁ ଚନ୍ଦନ ଓ ଜିତୁ ନେଇ ପଳାଇଥିଲେ। ଏ ନେଇ ସେ ଚନ୍ଦକା ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ଦେବେନ୍ଦ୍ର ବିଶ୍ୱାଳ ନଂ. ୬୩/୨୧ ମାମଲା ରୁଜୁକରି ତଦନ୍ତ କରିଥିଲେ। ଫେସବୁକ ସାଙ୍ଗଙ୍କ ମୋବାଇଲ ଟ୍ରେସକରି ରବିବାର ରାତିରେ ପୋଲିସ ଭୁବନେଶ୍ୱର ୬ନଂବସ୍ତିରୁ ୨ଅଭିଯୁକ୍ତଙ୍କ ସହ ଜଣେ ନାବାଳକଙ୍କ ଧରିଥିଲେ। ପଚରାଉଚରା ବେଳେ ସେମାନେ ଚୋରି କଥା ସ୍ୱୀକାର କରିବା ସହ ସେମାନଙ୍କଠାରୁ ବହୁ ମୋବାଇଲ, କ୍ୟାମେରା ଓ ଓଡିଓ୩ବି-୧୧୫୬ନଂ ପଲସରକୁ ଜବତ କରିଛି।

### ଚୋରି ଅଭିଯୋଗରେ ୨ ଗିରଫ

**ଭୁବନେଶ୍ୱର,୩।୫(ବ୍ୟୁରୋ):** ଚୋରି ଅଭିଯୋଗରେ ୨ ଥାନା ଅଞ୍ଚଳରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। କ୍ୟାପିଟାଲ ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ବାପୁଜୀ ନଗର କେଦାରପଲ୍ଲୀ ବସ୍ତିର ଚିତ୍ତ ନାୟକ। ତାଙ୍କଠୁ ଗୋଟିଏ ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରିଛି। ଏନେଇ ଥାନାରେ ମାମଲା ନଂ.୨୭୯/୨୧ ରୁଜୁ ହୋଇଛି। ସେହିଭଳି ନୟାପଲ୍ଲୀ ଥାନା ପୋଲିସ ମାମଲା ନଂ.୨୪୭ ରୁଜୁ କରି ଅଭିଯୁକ୍ତ ଗଞ୍ଜାମ ଜିଲା ସୋରଡା ଥାନା ଅଞ୍ଚଳର ଚିତରା ଗୌଡଙ୍କୁ ଗିରଫ କରିଛି। ସେ କିଛିଦିନ ହେବ ଏହି ଥାନା ବେହେରା ସାହିରେ ରହୁଥିଲେ। ତାଙ୍କଠୁ ଗୋଟିଏ ବାଇକ ଜବତ କରାଯାଇଛି।

# ଦ୍ୱିତୀୟ ଡୋଜ୍ ହିତାଧିକାରୀଙ୍କୁ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୩।୫(ବ୍ୟୁରୋ)**

ରାଜ୍ୟରେ ଟିକା ଅଭାବ ଯୋଗୁ ଦ୍ୱିତୀୟ ଡୋଜ୍ ନେବାକୁ ଥିବା ହିତାଧିକାରୀ ଟିକାକରଣରୁ ବଞ୍ଚିତ ହେଉଛନ୍ତି। ତେଣୁ ଏବେ ଦ୍ୱିତୀୟ ଡୋଜ୍ ହିତାଧିକାରୀଙ୍କୁ ପ୍ରାଥମିକତା ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଏ ନେଇ ସୋମବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଏପ୍ରିଲ ୨୯ ସୁଦ୍ଧା ରାଜ୍ୟରେ ୮,୯୦,୯୧୮ ହିତାଧିକାରୀ (ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା, ୪୫ ବର୍ଷ ଓ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି) ଟିକା ନେଇ ପାରି ନାହାନ୍ତି। କେନ୍ଦ୍ର ସରକାରଙ୍କ ସୀମିତ ଟିକା ଯୋଗାଣ ଯୋଗୁ ଏ ପରିସ୍ଥିତି ସୃଷ୍ଟି ହୋଇଛି। କେଉଁମାନେ ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି, ତାହାର ତାଲିକା କରିବାକୁ କୁହାଯାଇଛି। ପ୍ରଥମେ ଯେଉଁମାନେ ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି ସେମାନଙ୍କୁ ଟିକା ଦିଆଯିବ। ଏହାପରେ ଯଦି ଟିକା ବଳିବ ତେବେ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧାଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଇପାରିବ। ଏହାପରେ ଯଦିବି ଟିକା ବଳେ ତେବେ ଅନ୍ୟ ବର୍ଗର ହିତାଧିକାରୀଙ୍କୁ ଟିକା ଦେବା ପାଇଁ ସେ ଚିଠିରେ ଲେଖିଛନ୍ତି।

## ସରକାରୀ ହସ୍ପିଟାଲରେ ନେଇହେବ ଦ୍ୱିତୀୟ ଡୋଜ୍ ଟିକା

ସାରା ଦେଶରେ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଛି। ତେଣୁ ମେ' ୧ରୁ ଘରୋଇ ହସ୍ପିଟାଲକୁ ଆଉ ରାଜ୍ୟ ସରକାର ଟିକା ଦେଉନାହାନ୍ତି। କେନ୍ଦ୍ର ସରକାରଙ୍କ ନିୟମାନୁସାରେ, ଏଣିକି ଘରୋଇ ହସ୍ପିଟାଲଗୁଡ଼ିକ ସିଧାସଳଖ ଟିକା ଉତ୍ପାଦନକାରୀ ସଂସ୍ଥାଠାରୁ ଆଣିପାରିବେ। ଏହି ଆଧାରରେ ଯେଉଁମାନେ ଏବେ ଘରୋଇ ହସ୍ପିଟାଲରେ ଟିକା ନେବେ ଧାର୍ଯ୍ୟ ମୂଲ୍ୟ ଦେବାକୁ ପଡିବ। ତେବେ ଯେଉଁମାନେ ପ୍ରଥମ ଡୋଜ୍ ଘରୋଇ ହସ୍ପିଟାଲରେ ନେଇଛନ୍ତି, ସେମାନେ ଚାହିଁଲେ ସରକାରୀ ହସ୍ପିଟାଲରେ ଦ୍ୱିତୀୟ ଡୋଜ୍ ଟିକା ମାଗଣାରେ ନେଇପାରିବେ। ଯେଉଁମାନେ ଏପ୍ରିଲ ୩୦ ଏବଂ ଏହା ପୂର୍ବରୁ ପ୍ରଥମ ଡୋଜ୍ ଘରୋଇ ହସ୍ପିଟାଲରେ ନେଇଛନ୍ତି, ସେମାନଙ୍କୁ କେବଳ ସରକାରୀ ହସ୍ପିଟାଲରେ ଦ୍ୱିତୀୟ ଡୋଜ୍ ନେବାକୁ ଅନୁମତି ମିଳିବ। ଏହି ନିର୍ଦ୍ଦେଶକୁ ନିଜ ଜିଲାରେ ପାଳନ କରିବା ପାଇଁ ସୋମବାର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି।

### ଦୋକାନ ସିଲ୍‌ବେଳେ ବ୍ୟବସାୟୀ-ପ୍ରଶାସନ ମୁହାଁମୁହିଁ

**ଖୋର୍ଦ୍ଧା ଅଫିସ,୩।୫**

ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଏକ ମାର୍କେଟ କମ୍ପ୍ଲେକ୍ସ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ମୋଟ ୫୧ ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସିଲ୍ କରାଯାଇଥିଲା। ପୌରନିର୍ବାହୀ ଅଧିକାରୀ ଶତପଥୀ ଓ ଟାଉନ ଥାନାଧିକାରୀ ଉମାଶଙ୍କର ସିଂ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ଦୋକାନକୁ ଖାଲି କରିଥିଲେ। ଏହାକୁ ନେଇ ପୌର ପ୍ରଶାସନ ଓ ବ୍ୟବସାୟୀ ମୁହାଁମୁହିଁ ହୋଇଥିଲେ। ଆଗକୁ ଲକ୍‌ଡାଉନ ଥିବାରୁ ଦୋକାନ ବନ୍ଦ ହୋଇଗଲେ ଜୀବିକା ଠପ୍ ହୋଇଯିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

# ବନ୍ଦ ହେଲା ଯାତ୍ରୀନିବାସ ଟିକାକରଣ କେନ୍ଦ୍ର

**ଖବରଦାତାଙ୍କୁ ଟିକାକରଣ**

- ଆଜିଠାରୁ ୟୁନିଟ-୬ ବାଳିକା ଉଚ୍ଚବିଦ୍ୟାଳୟରେ ଟିକାଦାନ
- କେବଳ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାଧାରୀ ପାଇବେ ସୁଯୋଗ

**ଭୁବନେଶ୍ୱର, ୩।୫ (ବ୍ୟୁରୋ)**



ଯାତ୍ରୀ ନିବାସ ଟିକାକରଣ କେନ୍ଦ୍ରରେ ଟିକା ନେବାକୁ ଅପେକ୍ଷା କରିଥିବା ଗଣମାଧ୍ୟମ ପ୍ରତିନିଧିମାନେ।

କାର୍ଯ୍ୟରତ ଖବରଦାତାଙ୍କୁ ଟିକାକରଣ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଯାତ୍ରୀନିବାସଠାରେ ବିଭିନ୍ନ ଗଣମାଧ୍ୟମର କାର୍ଯ୍ୟରତ ୧୭୦ଜଣ ଖବରଦାତାଙ୍କୁ ଟିକା ଦିଆଯାଇଛି। ତେବେ ପ୍ରଥମ ଦିନ ହିଁ ଅତ୍ୟଧିକ ଗହଳି ହେବା ସହ ବିଭିନ୍ନ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ଫଳରେ ଯାତ୍ରୀନିବାସଠାରେ ଆରମ୍ଭ ହୋଇଥିବା ଟିକାକରଣକୁ ବନ୍ଦ ରଖାଯାଇଛି। ଏଥିସହ ମଙ୍ଗଳବାରଠାରୁ ୟୁନିଟ-୬ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଟିକାକରଣ କରିବାକୁ ଚିହ୍ନଟ କରାଯାଇଛି। କେବଳ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ଖବରଦାତାମାନେ ହିଁ ସେଠାରେ କୋଭିଡ୍ ଟିକା ନେଇପାରିବେ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୀମାରେ ଅନ୍ତର୍ଭୁକ୍ତ ଖବରଦାତାମାନେ ଟିକାକରଣ ପାଇଁ ଆଧାର କାର୍ଡ ଓ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡ ନେଇ ଆସିବାକୁ ସୂଚନା ଦିଆଯାଇଛି। ପ୍ରତ୍ୟହ ପୂର୍ବାହ୍ନ ୯ଟା ୩୦ରୁ ଟିକା ଦିଆଯିବ। ଏହା ୩ଦିନ ଧରି ଚାଲୁ ରହିବ। ମଙ୍ଗଳବାର ସ୍ୱାସ୍ଥ୍ୟ ବୀମା କାର୍ଡ ନମ୍ବର JC020292ରୁ JC020842, ବୁଧବାର JC020843ରୁ JC021393 ଓ ଗୁରୁବାର ଦିନ କାର୍ଡ ନମ୍ବର JC021394ରୁ JC021541 ଓ JC023621ରୁ JC023984ଙ୍କୁ ଟିକା ଦିଆଯିବ ବୋଲି ଡିଆଇପିଆର୍‌ଓ ସୂଚନା ଦେଇଛନ୍ତି। ତେବେ ସ୍ୱାସ୍ଥ୍ୟବୀମାରେ ଅନ୍ତର୍ଭୁକ୍ତ ନ ଥିବା ଖବରଦାତାମାନଙ୍କ ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ସରକାରଙ୍କ ତରଫରୁ ନିର୍ଦ୍ଦେଶ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଥାଉକି, ସୋମବାର ଭୁବନେଶ୍ୱର ଯାତ୍ରୀ ନିବାସରେ କାର୍ଯ୍ୟରତ ଖବରଦାତାଙ୍କୁ ଟିକା ପ୍ରଦାନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ରବିବାର ରାତିରେ କୁହାଯାଇଥିଲା। ଏହାପରେ ସଙ୍ଗେ ସଙ୍ଗେ ବିଏମ୍‌ସି ପକ୍ଷରୁ ହ୍ୱାଟ୍‌ସଆପ୍ ଗ୍ରୁପରେ ନିଜ ଅନୁଷ୍ଠାନର ଗଣମାଧ୍ୟମ ପ୍ରତିନିଧିଙ୍କ ତାଲିକା ଦେବା ପାଇଁ କୁହାଗଲା। ୧୮ରୁ ୪୪ବର୍ଷ ମଧ୍ୟରେ ୧୦୦ ଏବଂ ୪୫ରୁ ଊର୍ଦ୍ଧ୍ୱ ବୟସ୍କ ୫୦ଜଣ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଟିକା ନେବାର ବ୍ୟବସ୍ଥା କରାଯିବ ବୋଲି ବିଏମ୍‌ସି ଅଧିକାରୀ ସୂଚନା ଦେଇଥିଲେ। ସେହି ଅନୁସାରେ ସବୁ ଗଣମାଧ୍ୟମ ସଂସ୍ଥା ସେମାନଙ୍କ ପ୍ରତିନିଧିଙ୍କ ତାଲିକା ବିଏମ୍‌ସିକୁ ଦେଲେ। କିନ୍ତୁ ମାତ୍ର ୧୩୮ଜଣ ଗଣମାଧ୍ୟମ ପ୍ରତିନିଧି ସୋମବାର ଟିକା ନେବାକୁ ସ୍ଲଟ ପ୍ରସ୍ତୁତ ହେଲା। ଏଥିଯୋଗୁ ଯାତ୍ରୀ ନିବାସରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ଥିଲେ। ତେବେ ସେଠାରେ ସ୍ଲଟରେ ନାମ ନ ଥିବା କିଛି ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ଟିକା ନେଉଥିବା ଦେଖିବାକୁ ମିଳିଥିଲା। ଏଥିପାଇଁ ସ୍ଲଟରେ ନାମ ଥିବା କେତେଜଣ ପ୍ରତିନିଧି ଟିକାକରଣରୁ ବଞ୍ଚିତ ହୋଇଥିଲେ। ପରେ ବିଏମ୍‌ସି କର୍ତ୍ତୃପକ୍ଷ ଯେଉଁମାନେ ପଞ୍ଜୀକରଣ କରିଥିବେ ସେମାନେ ହିଁ କେବଳ ଟିକା ନେଇପାରିବେ ବୋଲି କହିଥିଲେ।

# ଭୁବନେଶ୍ୱରରେ ଆଉ ୮୨୩ ଆକ୍ରାନ୍ତ

**ଭୁବନେଶ୍ୱର, ୩।୫ (ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ସଂକ୍ରମଣ କମିବାର ନାଁ ଧରୁନି। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ୮ଶହ ଉପରେ ରହୁଛି। ଗତ ୨୪ ଘଣ୍ଟା ମଧ୍ୟରେ ସହରରୁ ଆଉ ୮୨୩ଜଣ ନୂଆ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ୧୫୦ଜଣ କ୍ୱାରାଣ୍ଟାଇନ୍‌ରୁ ରହିଥିବାବେଳେ ୬୭୩ ଲୋକାଲ୍ କେସ୍ ରହିଛି। ନୟାପଲ୍ଲୀ ଅଞ୍ଚଳରୁ ସର୍ବାଧିକ ୫୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିଭଳି ପଟିଆରୁ ୪୪ଜଣ, ଖଣ୍ଡଗିରିରୁ ୨୩ଜଣ, ଲକ୍ଷ୍ମୀସାଗରରୁ ୧୩ଜଣ, ୟୁନିଟ-୯ରୁ ୧୭ଜଣ, ସୁନ୍ଦରପଦାରୁ ୨୦ଜଣ, ରସୁଲଗଡରୁ ୨୧ଜଣ, ଟଙ୍କପାଣିରୋଡ୍‌ରୁ ୧୪ଜଣ, ପୋଖରୀପୁଟରୁ ୧୪ଜଣ, ଶୈଳଶ୍ରୀ ବିହାରରୁ ୯ଜଣ, ୟୁନିଟ-୪ରୁ ୧୦ଜଣ, ବମିଖାଲରୁ ୨୧ଜଣ, ଡୁମୁଡୁମାରୁ ୨୦ଜଣ, ଜାଗମରାରୁ ୧୧ଜଣ, ଝାରପଡାରୁ ୧୫ଜଣ, ବରମୁଣ୍ଡାରୁ ୧୭ଜଣ, ଚନ୍ଦ୍ରଶେଖରପୁରରୁ ୩୧ଜଣ, ପୁରୁଣା ଭୁବନେଶ୍ୱରରୁ ୩୬ଜଣ, କଳିଙ୍ଗ ବିହାରରୁ ୮ଜଣ, ଆଇଆର୍‌ସି ଭିଲେଜ୍‌ରୁ ୮ଜଣ, ଭୀମଟାଙ୍ଗୀରୁ ୮ଜଣ, ବଡ଼ଗଡରୁ ୧୦ଜଣ, ଆଚାର୍ଯ୍ୟ ବିହାରରୁ ୫ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଭୁବନେଶ୍ୱରରେ ପଜିଟିଭ୍ ସଂଖ୍ୟା ୪୭ହଜାର ୧୪୦ରେ ପହଞ୍ଚିଛି। ତେବେ ଏହି ସମୟ ମଧ୍ୟରେ ୭୦୯ଜଣ କରୋନା ରୋଗୀ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୩୮ହଜାର ୩୬୧ରେ ପହଞ୍ଚିଛି। ସେହିପରି ୨ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୬୮ରେ ପହଞ୍ଚିଛି। ବର୍ତ୍ତମାନ ସହରରେ ୮ହଜାର ୪୯୦ଜଣ ସଂକ୍ରମିତଙ୍କ ଚିକିତ୍ସା ଜାରି ରହିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ଲୁଟ୍‌ବେଳେ ଷ୍ଟାର୍ଟ ହେଲାନି ବାଇକ୍, ଧରାପଡ଼ିଲେ ଅଭିଯୁକ୍ତ

**ଭୁବନେଶ୍ୱର,୩।୫(ବ୍ୟୁରୋ)**

ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ଖସି ପଳାଉଥିବାବେଳେ ବାଇକ୍ ଷ୍ଟାର୍ଟ ବନ୍ଦ ହୋଇଗଲା। ଫଳରେ ଜଣେ ଲୁଟେରା ଧରାପଡିଥିବାବେଳେ ଆଉଜଣେ ଖସି ଯାଇଛନ୍ତି। ତେବେ ଧରାପଡିଥିବା ଯୁବକଙ୍କୁ ସ୍ଥାନୀୟ ଲୋକେ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ପରେ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଏଭଳି ଏକ ଘଟଣା ସୋମବାର ଚନ୍ଦ୍ରଶେଖରପୁର ଥାନା ନାଲ୍‌କୋ ଛକରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ମୈତ୍ରୀ ବିହାର ଅଞ୍ଚଳର ଜଣେ ମହିଳା ନାଲ୍‌କୋ ଛକରେ ଥିବା ଏକ ଔଷଧ ଦୋକାନକୁ ଔଷଧ କିଣିବାକୁ ଆସିଥିଲେ। ସେ ଧାଡ଼ିରେ ଛିଡା ହୋଇ ଫୋନରେ କଥା ହେଉଥିବାବେଳେ ଜଣେ ଯୁବକ ହଠାତ୍ ଦୌଡ଼ି ଆସି ତାଙ୍କ ବେକରୁ ସୁନାଚେନ ଝାମ୍ପି ନେଇ ନିକଟରେ ବାଇକ୍ ଧରି ଅପେକ୍ଷା କରିଥିବା ସହଯୋଗୀଙ୍କ ସହ ପଳାଉଥିଲେ। ହେଲେ ହଠାତ୍ ବାଇକ୍ ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ଯେତେ ଚେଷ୍ଟା କରିଥିଲେ ମଧ ଷ୍ଟାର୍ଟ ନ ହେବାରୁ ଧରାପଡିବା ଭୟରେ ଯୁବକଦ୍ୱୟ ବାଇକଟିକୁ ଛାଡ଼ି ଖସିଯିବାକୁ ଉଦ୍ୟମ କରିଥିଲେ। ଏପଟେ ମହିଳାଙ୍କ ଚିତ୍କାର ଶୁଣି ଲୋକେ ଜଣଙ୍କୁ କାବୁ କରିବାବେଳେ ଅନ୍ୟଜଣେ ଯୁବକ ଖସି ପଳାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଯୁବକଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରିବା ସହ ବାଇକ୍‌ଟିକୁ ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖିଛି।

## ଲକ୍‌ଡାଉନ୍ ଭୟ ବଢ଼ାଇଲା ଭିଡ଼




ରସୁଲଗଡ଼ ଜିଜିପି କଲୋନୀ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେବାକୁ ଆସିଥିବା ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ନାହିଁ।




ରସୁଲଗଡ଼ ଛକସ୍ଥିତ ମଦ ଦୋକାନରେ ଲୋକଙ୍କ ଭିଡ଼।



ୟୁନିଟ-୪ ହସ୍ପିଟାଲ ଟିକାକରଣ କେନ୍ଦ୍ରରେ ଟିକା ନେବାକୁ ଲୋକଙ୍କ ଅପେକ୍ଷା।



ଖାରବେଳ ନଗରରେ ଥିବା ଅଟାକରେ ଲୋକଙ୍କ ଧାଡ଼ି।

### ୩ ଦିନରେ ୧୦୬୨ ଆକ୍ରାନ୍ତ

**କଟକ ଅଫିସ,୩।୫:** କଟକ ସହରରେ ଦିନକୁ ଦିନ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ୩ଦିନ ମଧ୍ୟରେ ସହରରେ ୧୦୬୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୋମବାର ୩୧୫, ରବିବାର ୨୬୯ ଏବଂ ଶନିବାର ୪୭୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୋମବାର ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୪୮ ଜଣ ସରକାରୀ ସଙ୍ଗରୋଧରେ ଥିବାବେଳେ ୧୪୩ ଜଣ ହୋମ୍ ଆଇସୋଲେଶନରେ ଅଛନ୍ତି। ବର୍ତ୍ତମାନ ସୁଦ୍ଧା କଟକ ମହାନଗ ନିଗମ(ସିଏମ୍‌ସି) ଅଞ୍ଚଳରୁ ୨୧,୨୮୯ କୋଭିଡ୍‌ଆକ୍ରାନ୍ତଚିହ୍ନଟ ହୋଇଥିବାବେଳେ ୧୮, ୩୨୦ ଜଣ ସୁସ୍ଥ ହୋଇ ଘରକୁଫେରିଛନ୍ତି।

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-03-21

**କାର୍ଯ୍ୟର ବିବରଣୀ :** ତିନି ବର୍ଷ ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ ଠାରେ ଗରିବ ରଥ ଏକ୍ସପ୍ରେସ୍‌ର ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍ ଟାଇପ୍ AC କୋଚ୍ ଏବଂ ପାୱାର କାର ଗୁଡ଼ିକରେ କଣ୍ଟ୍ରୋଲ ପ୍ୟାନେଲ୍ ସହିତ ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 2,44,66,308.05

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-04-21

**କାର୍ଯ୍ୟର ବିବରଣୀ :** ତିନି ବର୍ଷ ନିମନ୍ତେ ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ ଗରିବ ରଥ ଏକ୍ସପ୍ରେସ୍‌ର ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍ ଟାଇପ୍ AC କୋଚ୍ ଏବଂ ପାୱାର କାର ଗୁଡ଼ିକରେ କଣ୍ଟ୍ରୋଲ ପ୍ୟାନେଲ୍ ସହିତ ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 1,23,55,384.45

ଶେଷ ହେବା ଅବଧି : 36 ମାସ। (ଉଭୟ ଟେଣ୍ଡର ନିମନ୍ତେ)

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.25.05.2021 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ), ଖୋର୍ଦ୍ଧା ରୋଡ୍

PR-70/M/21-22

**ODISHA PUBLIC SERVICE COMMISSION CUTTACK**

**NOTICE**

No. 2924 / P.S.C., (1E-17-20-21) (DR-II) Dt. 03.05.2021

**No. D-16:-** In view of the lockdown declared by the State Government from 05th May, 2021 to 19th May, 2021 throughout the State due to Covid-19 pandemic situation, the Commission have decided to postpone the conduct of the physical verification of original certificates & documents for recruitment to the post of Assistant Executive Engineer (Electrical), pursuant to the Advertisement No. 10 of 2019-20, scheduled to be held from 17.05.2021 to 19.05.2021 until further order. The next date for conduct of aforesaid verification process shall be notified in due course. The concerned candidates are advised to visit the website of the Commission regularly regarding conduct of the same.

The present notice supersedes the notice No. 2912/PSC, dt. 30.04.2021.

Sd./- Additional Secretary

OIPR-12002/11/0011/2122

**ODISHA PUBLIC SERVICE COMMISSION CUTTACK**

**NOTICE**

No. 2928 / P.S.C., Dt. 03.05.2021

**No. D-17:-** It is for the information of all concerned candidates applying for OCS-2020 that, in view of the “lockdown” declared by the Government of Odisha throughout the state with effect from 5th May 2021 to 19th May 2021 the scheduled date for conduct of OCS preliminary (written) examination, 2020, pursuant to Advt. No.07 of 2020-21, published vide Notice No. 2192/PSC, Dt.22.03.2021, is hereby postponed. The details of the Programme of the said examination shall be notified in due cource. The candidates are advised to visit the website of the Commssion at http://opsc.gov.in regularly for further information in the matter.

Sd./- Additional Secretary

OIPR-12002/11/0012/2122

> ମନୁଷ୍ୟର ମହତ୍ତ୍ୱ ସେ ଯେଉଁ ଅବସ୍ଥାରେ ବର୍ତ୍ତମାନ ଅଛି– ସେଥିରେ ନାହିଁ। କିନ୍ତୁ ସେ ଯାହା ହୋଇ ଚାଲିଛି ସେଇଥିରେ ଅଛି। ତା'ର ମହତ୍ତ୍ୱ ହେଲା– ତାରି ରୁଦ୍ଧ ଗୋପନ କର୍ମଶାଳା ଭିତରେ ଚାଲିଛି ଏକ ଜୀବନ୍ତ ଶ୍ରମ। ତାରି ଭିତରେ ବିଶ୍ୱକର୍ମା ଅତିମାନବତ୍ୱକୁ ନିର୍ମାଣ କରିଚାଲିଛନ୍ତି। –ଶ୍ରୀଅରବିନ୍ଦ

# ପଳାଇଲେ, ପଳାଇଲେ

ଦେଶର ୫ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏବେ ଯେଉଁ ବିଷୟରେ ଅଧିକ ଚର୍ଚ୍ଚା ଆରମ୍ଭ ହେଲାଣି ତାହା ହେଉଛି ଲକ୍‌ଡାଉନ୍ ବା ଶଟ୍‌ଡାଉନ୍। କୁହାଯାଉଛି, ଜାତୀୟ ସ୍ତରରେ ଏଭଳି କଠୋର ପଦକ୍ଷେପ ନିଆଯାଇପାରେ। ୨୦୨୦ ଉଦାହରଣକୁ ଦୃଷ୍ଟିରେ ରଖି ଦେଖିଲେ ଯଦି ସେଭଳି କୌଣସି ନିଷ୍ପତ୍ତି ନିଆଯାଏ, ତାହା ଦେଶବାସୀଙ୍କ ଜୀବିକା ଉପରେ ଘୋର ନକାରାତ୍ମକ ପ୍ରଭାବ ପକାଇବ। ଗତବର୍ଷ ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶାଠାରୁ ଆରମ୍ଭ କରି ସ୍ଥାନୀୟ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜନବହୁଳ ଦେଶ ଭାରତରେ ଅଧିକ ଲୋକ ଦିନ ମଜୁରିଆ। ଗୋଟିଏ ଦିନର ମଜୁରି ନ ମିଳିଲେ ସେହି ପରିବାରର ଅର୍ଥନୀତି ଭୁଶୁଡ଼ିପଡୁଛି। ସେଥିପାଇଁ ସ୍ଥାନୀୟ ପ୍ରଶାସନ ସ୍ଥିତି ଦେଖି ଲକ୍‌ଡାଉନ ବା କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିବାର ଆବଶ୍ୟକତା ରହିଛି। ଇତିମଧ୍ୟରେ ଓଡ଼ିଶା ସରକାର ୫ ମେ'ରୁ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। କରୋନା ମୁକାବିଲା ପାଇଁ ଏପରି ସାମୟିକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ତେବେ ଟିକାକରଣକୁ ବ୍ୟାପକ କରାଯାଇ ସମସ୍ତେ ଏହି ପ୍ରତିଷେଧକ ନେଇପାରିଲେ କୋଭିଡ୍–୧୯ ଭୂତାଣୁର ଗତିକୁ ରୋଧ କରାଯାଇପାରନ୍ତା ବୋଲି ବିଶ୍ୱାସ ହେଉଛି।

ଭାରତରେ ଏବେ ଦୁଇ ପ୍ରକାର ଟିକା–କୋଭିଶିଲ୍ଡ ଓ କୋଭାକ୍ସିନ୍ ଉପଲବ୍ଧ ହେଉଛି। ଅକ୍ସଫୋର୍ଡ–ଆଷ୍ଟ୍ରାଜେନିକା ଦ୍ୱାରା ବିକଶିତ କୋଭିଶିଲ୍ଡ ଅଦାର ପୁନାୱାଲାଙ୍କ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ସିଆଇଆଇ) ଦ୍ୱାରା ପ୍ରସ୍ତୁତ ହେଉଥିବା ବେଳେ ଭାରତ ବାୟୋଟେକ୍ 'କୋଭାକ୍ସିନ୍' ଯୋଗାଇଚାଲିଛି। ହେଲେ ଏହି ଦୁଇ ସଂସ୍ଥା ଚାହିଦା ମୁତାବକ ଟିକା ଯୋଗାଇପାରୁ ନାହାନ୍ତି। ଏଭଳି ସମୟରେ ପୁନାୱାଲା ଦେଶ ଛାଡ଼ି ଲଣ୍ଡନ ପଳାଇଯିବା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଲଣ୍ଡନର 'ଦି ଟାଇମ୍ସ' ଖବରକାଗଜକୁ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି ଯେ, କୋଭିଶିଲ୍ଡ ଟିକା ଯୋଗାଣକୁ ନେଇ ଧମକପୂର୍ଣ୍ଣ ଫୋନ୍ ପାଇବା ପରେ ସେ ଓ ତାଙ୍କ ପରିବାର ବିଦେଶ ପଳାଇଯିବାକୁ ବାଧ୍ୟ ହେଲେ। ତାଙ୍କ ସଫେଇ ସାଧାରଣରେ ଗ୍ରହଣଯୋଗ୍ୟ ହେଉନାହିଁ। ଶୁଣିବାକୁ ମିଳୁଛି ବ୍ରିଟେନ୍‌ରେ ଟିକା ଉତ୍ପାଦନ କରି ନିଜ ବ୍ୟବସାୟ ବଢ଼ାଇବାକୁ ସେ ଯୋଜନା କରୁଛନ୍ତି। ନିଜର ବ୍ୟବସାୟ ବୃଦ୍ଧି କରିବା ଲାଗି ଉଦ୍ୟମ କରିବାରେ କିଛି ଭୁଲ ନାହିଁ। କିନ୍ତୁ ଶିଳ୍ପପତି ବିଜୟ ମାଲ୍ୟାଙ୍କ ଭଳି ଲୁଚି ବିଦେଶ ପଳାଇଯିବା ଆଲୋଚନାର ବିଷୟ ପାଲଟିଛି। କେନ୍ଦ୍ର ସରକାର ନିକଟରେ ପୁନାୱାଲାଙ୍କୁ ଅଗ୍ରିମ ଋଣ ବାବଦରେ ୩,୦୦୦ କୋଟି ଟଙ୍କା ଦେଇଥିଲେ। ଏଥିସହିତ ତାଙ୍କୁ ୱାଇ–କାଟାଗୋରି ସୁରକ୍ଷା ସେହି କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିଲା। ଏତେ ସତ୍ତ୍ୱେ ତାଙ୍କର ବିଦେଶ ପଳାଇବାର ଢଙ୍ଗ ଓ ସମୟ ଦେଖିଲେ ତାଙ୍କ ଉଦ୍ଦେଶ୍ୟ ଉପରେ ସନ୍ଦେହ ସୃଷ୍ଟି କରୁଛି। ପୁନାୱାଲା ଅତି ଧନୀ ବୋଲି ପରିବାର ସହ ଦେଶ ଛାଡ଼ି ପଳାଇଯାଇପାରିଲେ। ଅନ୍ୟପଟେ ସାଧାରଣ ଭାରତୀୟ ଉପରେ ଯେତେ ଚାପ ଓ ଧମକ ଆସିଲେ ମଧ୍ୟ ବିଦେଶ ପଳାଇବା ସମ୍ଭବପର ହୁଏ ନାହିଁ। ଏବେ ଦେଶରେ ଯେତେବେଳେ କରୋନା କୋପ ଅତି ଜୋର ଧରିଛି, ସେତେବେଳେ ଧମକ ପାଉଥିବାର ଆଳ ଦେଖାଇ ଦେଶଛାଡ଼ି ପଳାଇବା ଏକ ଅତ୍ୟନ୍ତ ନିନ୍ଦନୀୟ ପଦକ୍ଷେପ। ମନେପକାଇ ଦିଆଯାଇପାରେ ଯେ, ୨୨ ଜାନୁୟାରୀ ୨୦୨୧ରେ ପୁଣେସ୍ଥିତ ମଞ୍ଜରୀଠାରେ ଥିବା ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ନିର୍ମାଣାଧୀନ କୋଠାରେ ନିଆଁ ଲାଗିଯାଇଥିଲା। ସେଥିରେ ୫ ଜଣଙ୍କ ପ୍ରାଣହାନି ଘଟିଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିବା ଅନେକ ପ୍ରଶ୍ନ ଛିଡ଼ା କରିଥିଲା।

ଭାରତରେ କିଭଳି ଅଧିକ ଲୋକ ଶୀଘ୍ର ଓ ସହଜରେ ଟିକା ପାଇପାରିବେ ତାହା ଉପରଲିଖିତ ସଂସ୍ଥା ପ୍ରାଥମିକତା ଦେବା ଶୋଭନୀୟ ହୋଇଥାନ୍ତା। ଅଦ୍ୟାବଧି ଦେଶରେ ୧୫ କୋଟି ୭୨ ଲକ୍ଷ ଲୋକଙ୍କୁ ଟିକା ଦିଆଯାଇସାରିଲାଣି। ଅବଶିଷ୍ଟ ଲୋକଙ୍କୁ କିଭଳି ତୁରନ୍ତ ଟିକା ଦିଆଯାଇପାରିବ ଓ ସେଥିପାଇଁ କେଉଁ ପ୍ରକାର ରଣକୌଶଳ ନିଆଗଲେ ଏହାକୁ ତ୍ୱରାନ୍ୱିତ କରାଯାଇପାରିବ, ତାହା ଉପରେ ବିଚାରବିମର୍ଶ ହେବା କଥା। ହେଲେ ସେତିକି ଉତ୍ତରଦାୟିତ୍ୱ ପୁନାୱାଲାଙ୍କ ଭଳି ବ୍ୟବସାୟୀଙ୍କର ରହୁ ନ ଥିବାରୁ ସେମାନେ ଲୋକଙ୍କ ଚକ୍ଷୁରେ ନିନ୍ଦିତ ହେଉଛନ୍ତି।

ବିଶେଷଜ୍ଞଙ୍କ ମତରେ ଜନଟିକାକରଣ ଦ୍ୱାରା କୋଭିଡ୍–୧୯ ଭୂତାଣୁକୁ ଅନେକାଂଶରେ ପ୍ରତିରୋଧ କରାଯାଇପାରିବ। ଦୁଃଖର ବିଷୟ ଯେ, ଦେଶର ସର୍ବବୃହତ୍ ଟିକା ନିର୍ମାତା ଦେଶଛାଡ଼ି ପଳାଇବା ଦ୍ୱାରା ଭାରତରେ ଟିକାକରଣ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

**୪ ମେ ୧୯୯୬**

- ଚୀନ୍‌ର ଅସନ୍ତୁଷ୍ଟ ନେତା ଲିୟୁ ଗାଙ୍ଗ ଯୁକ୍ତରାଷ୍ଟ୍ର ଆମେରିକାକୁ ପଳାୟନ କରିଛନ୍ତି ଓ ସେଠାରେ ତାଙ୍କୁ ରାଜନୈତିକ ଆଶ୍ରୟ ପ୍ରଦାନ କରାଯାଇଛି ବୋଲି ଆମେରିକାର ଏକ ମାନବ ଅଧିକାର ସଙ୍ଗଠନ ସଂସ୍ଥା ପ୍ରକାଶ କରିଛି।
- ପ୍ରଥମ ଶ୍ରେଣୀୟ କ୍ରିକେଟ ମ୍ୟାଚ୍‌ରେ ୧୩ ଜଣଙ୍କୁ କ୍ୟାଚ୍ ଓ ଷ୍ଟମ୍ପ ଆଉଟ୍ କରି ଜିମ୍ବାୱେର ଉଇକେଟ କିପର ୱାନେ ଜେମ୍‌ସଙ୍କ ବିଶ୍ୱରେକର୍ଡ ପ୍ରତିଷ୍ଠା।
- କ୍ରିକେଟ ଦୁନିଆର ଅନ୍ୟତମ ପୁରୁଖା କ୍ରିକେଟର ତଥା ଅମ୍ପାୟାର ନରମ୍ୟାନ୍ ଓଲ୍‌ଡଫିଲ୍‌ଡଙ୍କର ୮୪ ବର୍ଷ ବୟସରେ ପରଲୋକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 4 |
| | | 3 | | | 8 | 9 | 1 | 2 |
| | | | | 1 | | | 5 | |
| | | 8 | | | | | 6 | |
| | | | 2 | | 5 | | | 9 |
| | 9 | 1 | | 7 | 3 | | 2 | |
| | | 7 | | 8 | 9 | | | |
| | | 2 | | | 1 | | | |
| 5 | | | | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 9 | 1 | 4 | 3 | 6 | 5 | 7 |
| 1 | 7 | 4 | 2 | 6 | 5 | 8 | 3 | 9 |
| 3 | 6 | 5 | 9 | 8 | 7 | 4 | 1 | 2 |
| 4 | 8 | 2 | 6 | 9 | 1 | 3 | 7 | 5 |
| 9 | 1 | 3 | 5 | 7 | 4 | 2 | 6 | 8 |
| 7 | 5 | 6 | 8 | 3 | 2 | 9 | 4 | 1 |
| 6 | 9 | 7 | 4 | 1 | 8 | 5 | 2 | 3 |
| 5 | 4 | 1 | 3 | 2 | 9 | 7 | 8 | 6 |
| 2 | 3 | 8 | 7 | 5 | 6 | 1 | 9 | 4 |

ଗତକାଲିର ଉତ୍ତର

# କହିଲେ କୁଳ କୁଟୁମ୍ବକୁ ଲାଜ



ଅକ୍ଷୟ କୁମାର ମିଶ୍ର

ମୋ ସମେତ ସମସ୍ତେ ଆଜି କାଠଗଡ଼ାରେ। ଗୀତା ଛୁଇଁ ଶପଥ କରି କୁହୁଛୁ, 'ଯାହା କହିବି ସତ କହିବି, ଆଦୌ ମିଛ କହିବି ନାହିଁ।' କିନ୍ତୁ ସଭିଏଁ ମିଛ ହିଁ କହୁଛୁ। ସତ କହିବାର ସାହସ ଆମଠି ନାହିଁ। କହିଲେ କୁଳ କୁଟୁମ୍ବକୁ ଲାଜ, ନ କହିଲେ କୁଳ ଭାସିଯାଉଛି। କହିଲେ କେଉଁଠି ନା କେଉଁଠି ଅଙ୍ଗୁଳି ନିଜ ଆଡ଼କୁ ଉଠିବାର ସମ୍ଭାବନା ଅଛି। ମଣିଷ ଏମିତି ଏକ ପ୍ରାଣୀ, ଯିଏ ଅନ୍ୟର ଦୋଷ ଧରିବାକୁ ଭଲପାଏ। କିନ୍ତୁ ନିଜ ଦୋଷ ଦୁର୍ବଳତା କଥା ଉଠିଲେ, "ତା ପାଇଁ ଏମିତି ହେଲା, ସେମାନେ ସେମିତି କରିଦେଲେ, ମୋ କଥା ରହିଲା ନାହିଁ, ମୋତେ ଏତେଟା ଅଧିକାର ଦିଆଯାଇ ନାହିଁ" ଇତ୍ୟାଦି କେତେ ଯୁକ୍ତି ଉପସ୍ଥାପନ କରି ନିଜକୁ ଦୋଷମୁକ୍ତ କରିବାକୁ ଚେଷ୍ଟା କରେ। ଅବଶ୍ୟ ଏଥିପାଇଁ ଆମ ବ୍ୟବସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ଥିବା ତ୍ରୁଟିପୂର୍ଣ୍ଣ ପ୍ରାବଧାନ ମଣିଷର ସ୍ୱାଧୀନ ଇଚ୍ଛା ଉପରେ ଲଗାମ ଲଗାଇଦିଏ। ସେଇଥିପାଇଁ ବ୍ୟବସ୍ଥାରେ ଜଡ଼ିତ ଥିବା ମୁଖ୍ୟ ପୁରୋଧାମାନଙ୍କୁ ଅଧିକ ଦାୟୀ କରାଯାଏ।

ଅପ୍ରିୟ ହେଲେ ମଧ୍ୟ ଆମ ରାଜ୍ୟର ଶିକ୍ଷା ବ୍ୟବସ୍ଥାର କିଛି କଥା ଏହି ପ୍ରବନ୍ଧ ମାଧ୍ୟମରେ ଉଠାଇବାକୁ ଚେଷ୍ଟା କରିଛି। କଥାଟି ଆରମ୍ଭ କରିବି ୨୦୨୧– ବୋର୍ଡ଼ ପରୀକ୍ଷା ବାତିଲକୁ ନେଇ। ଏହି କଥା ସହିତ ପୂର୍ବାପର ଅନେକ ପ୍ରସଙ୍ଗ ଜଡ଼ିତ। ଏଣୁ ବହୁ ପ୍ରସଙ୍ଗ ଆଲୋଚନା ଭିତରକୁ ଆପଣାଛାଏଁ ଟାଣି ହୋଇଆସିବ। ଆମେ ସମସ୍ତେ ଜାଣିଛେ, ୨୦୨୦ ମାର୍ଚ୍ଚ ୧୭ଠାରୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ କରୋନା କାରଣରୁ ତାଲା ଝୁଲୁଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲା ବିଦ୍ୟାଳୟ ବାରଣ୍ଡା ମାଡ଼ିବାକୁ ସୁଯୋଗ ପାଇ ନାହାନ୍ତି। ବିନା ପଢ଼ାରେ, ବିନା ପରୀକ୍ଷାରେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। କରୋନାର ଦ୍ୱିତୀୟ ଲହରକୁ ଦେଖି ନବମ ଓ ଏକାଦଶ ଶ୍ରେଣୀରେ ପଢୁଥିବା ପିଲାଙ୍କୁ ମଧ୍ୟ ବିନା ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଯାଇଛି। ଅବଶ୍ୟ ଏମାନଙ୍କ ପାଇଁ ଦୁଇ ମାସିଆ ଶିକ୍ଷାଦାନ କାର୍ଯ୍ୟକ୍ରମ କରାଯାଇପାରିଛି। ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଶିକ୍ଷା ବିଭାଗ ଅଧିକ ତତ୍ପରତା ପ୍ରକାଶ କରି ୧୦୦/୩୬୫ର ପାଠପଢ଼ା ବନାମ ୭୦/୧୦୦ର ପାଠ୍ୟଖସଡ଼ାକୁ ନେଇ କାର୍ଯ୍ୟସାରଣୀ ପ୍ରସ୍ତୁତ କରିଥିଲେ। ସବୁ ଅଭାବ ଅସୁବିଧାକୁ ପ୍ରତିହତ କରି ଶିକ୍ଷକ ପଢ଼ାଇଲେ, ପିଲାମାନେ ପଢ଼ିଲେ। ବାସ୍ତବରେ ବୋର୍ଡ଼ ପରୀକ୍ଷା ଛାତ୍ର, ଶିକ୍ଷକ, ଅଭିଭାବକ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ। ପରୀକ୍ଷା ଫଳକୁ ଅନୁଧ୍ୟାନ କରି କେଉଁମାନେ ବିଜ୍ଞାନ, କଳା, ବାଣିଜ୍ୟ ପଢ଼ିବେ ଅଥବା ବୈଷୟିକ ଶିକ୍ଷାରେ ନାମ ଲେଖାଇବେ ସ୍ଥିର ହୋଇଥାଏ। ଉଚ୍ଚ ମାଧ୍ୟମିକସ୍ତରରେ ନାମଲେଖା ସମୟରେ ଚୟନ ପ୍ରକ୍ରିୟା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଥିବା ନମ୍ବର ଉପରେ ନିର୍ଭର କରେ। ଏହା ବ୍ୟତୀତ ଆଜିର ଦିନରେ ମଧ୍ୟ କିଛି କର୍ମନିଯୁକ୍ତି ମାଟ୍ରିକ୍ ପରୀକ୍ଷାର ନମ୍ବରକୁ ଦେଖି ସ୍ଥିର ହୋଇଥାଏ, ଯେମିତି କେନ୍ଦ୍ର ସରକାର ଅଧୀନରେ ଥିବା ଗ୍ରାମୀଣ ଡାକ ବିଭାଗ। ବୋର୍ଡ଼ ପରୀକ୍ଷା ବାତିଲ ହେବାପରେ ଏସବୁ କ୍ଷେତ୍ରରେ ଅସମ୍ଭବ ଜଟିଳତା ଦେଖାଦେବ।

ତା'ପରେ ଆସିବ ପରୀକ୍ଷାଫଳ ସମ୍ପର୍କରେ। ସୂଚନା ମିଳୁଛି, ଚାରୋଟି ପ୍ରାକ୍ଟିସ୍ ପରୀକ୍ଷାରେ ରଖିଥିବା ସର୍ବୋଚ୍ଚ ନମ୍ବରକୁ ବୋର୍ଡ଼ ପରୀକ୍ଷାର ନମ୍ବର ଧରାଯାଇ ପରୀକ୍ଷାଫଳ ପ୍ରକାଶ ପାଇବ। ମାତ୍ର ଏହି ପରୀକ୍ଷାଗୁଡ଼ିକ ନିମନ୍ତେ ବୋର୍ଡ଼ ଛାଡୁଥିବା ପ୍ରଶ୍ନପତ୍ର ପରୀକ୍ଷା ପୂର୍ବଦିନ ସାମାଜିକ ଗଣମାଧ୍ୟମରେ ଉପଲବ୍ଧ ହେଉଥିଲା। ପ୍ରଶ୍ନଗୁଡ଼ିକର ଉତ୍ତର ମଧ୍ୟ ଛାତ୍ରୀଛାତ୍ରମାନେ ପାଉଥିଲେ। ସବୁଠାରୁ କୌତୂହଳର ବିଷୟ ହେଉଛି, ଚତୁର୍ଥ ପ୍ରାକ୍ଟିସ ପରୀକ୍ଷା ହେବା ପୂର୍ବରୁ ବୋର୍ଡ଼ କେଉଁ ଆଧାରରେ ପରୀକ୍ଷାଫଳ ପ୍ରକାଶ କରିବ ଏକଥା ସମସ୍ତଙ୍କୁ ଜଣାପଡ଼ି ଯାଇଥିଲା। ଅର୍ଥାତ୍ ପରୀକ୍ଷା ଏକ ପ୍ରହସନ ପାଲଟି ଯାଇଥିଲା। ଆଠ ନମ୍ବର ରଖିବାକୁ ସକ୍ଷମ ନଥିବା ପିଲାଟି ଅଶୀ ନମ୍ବର ରଖିଲା। ପରୀକ୍ଷାରେ ସାଧୁତା ଅବଲମ୍ବନ କରିବା କଷ୍ଟ ଥିଲା। ମୂଲ୍ୟାୟନ ସମୟରେ ଯେ ଶିକ୍ଷକଙ୍କୁ ଅଧିକ ନମ୍ବର ଦେବା ପାଇଁ ଚାପ/ଧମକ ଆସି ନ ଥିବ, ଏକଥା ମଧ୍ୟ କୁହାଯାଇ ନ ପାରେ। ପୁଣି ବୋର୍ଡ଼ ଯଦି ପିଲାଙ୍କର ମାର୍କ ମାଗେ, ସେତେବେଳେ ପ୍ରଧାନଶିକ୍ଷକ ବହୁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ପ୍ରଥମତଃ ସରକାର ବିଦ୍ୟାଳୟ ଖୋଲିବା ସମୟରେ କହିଲେ, ସ୍କୁଲକୁ ଆସିବା ପିଲାଙ୍କର ଇଚ୍ଛା ଉପରେ ନିର୍ଭର କରେ। ଯେଉଁମାନେ ଆସିବେ ତାଙ୍କ ଅଭିଭାବକ ଅଣ୍ଡରଟେକିଂ ଲେଖିଦେବେ। ଏହାକୁ ଦୃଷ୍ଟିରେ ରଖି ବେଶ୍ କିଛି ପିଲା ଆସିଲେ ନାହିଁ। ପୁଣି ପରୀକ୍ଷାରେ ମଧ୍ୟ ବହୁ ପିଲା ଅନୁପସ୍ଥିତ ରହିଲେ। ଏହି ପିଲାମାନଙ୍କ କଥା ଭାବିବା ବେଳକୁ ଶିକ୍ଷକର ଅବସ୍ଥା 'ଗାଈକୁ ମାଇଲେ ମଲି, ଗାଈ ମାଇଲେ ମଲି'। ଦ୍ୱିତୀୟରେ ପ୍ରଶ୍ନପତ୍ର ପ୍ରଘଟକୁ ଲକ୍ଷ୍ୟକରି ଯେଉଁ ପ୍ରଧାନଶିକ୍ଷକ ପରୀକ୍ଷା କରିନାହାନ୍ତି, ଅଥବା ନିଜସ୍ୱ ପ୍ରସ୍ତୁତ ପ୍ରଶ୍ନରେ ପରୀକ୍ଷା କରିଛନ୍ତି ସେମାନେ ଏବେ ଅଡୁଆରେ ପଡ଼ିଛନ୍ତି। ସ୍ୱଚ୍ଛତା ସେମାନଙ୍କ ପାଇଁ ସମସ୍ୟା ସାଜିଛି। ହେଲେ କରିବେ କ'ଣ, ସବୁ ତପସ୍ୟା ଶୁଖୁଆ ପୋଡ଼ାରେ ଯିବ। ମିଛର ଆଶ୍ରୟ ବ୍ୟତୀତ ଅନ୍ୟ ଗତି ନାହିଁ। ତୃତୀୟରେ ପରୀକ୍ଷାଫଳ ପ୍ରକାଶ ପାଇବା ପରେ କିଛି ଅପ୍ରୀତିକର ପରିସ୍ଥିତି ମଧ୍ୟ ଉପୁଜିପାରେ। ପୁନଶ୍ଚ ଏକ୍ସ–ରେଗୁଲାର, ମୁକ୍ତ ବିଦ୍ୟାଳୟ, ମଧ୍ୟମା ଏବଂ ପତ୍ରମାଧ୍ୟମରେ ପରୀକ୍ଷା ଦେଉଥିବା ପିଲାମାନେ ଆଜି ଅନିଶ୍ଚିତତା ଭିତରେ। ଯେଉଁ ପିଲାମାନେ ପ୍ରତ୍ୟହ ବିଦ୍ୟାଳୟ ଆସୁଥିଲେ, ପରୀକ୍ଷା ପାଇଁ କଠିନ ପରିଶ୍ରମ କରୁଥିଲେ, ସେମାନେ ସମସ୍ତେ ଧୁଆ ମୂଳା ଅଧୁଆ ମୂଳା ସହିତ ସମାନ ହୋଇଯିବାର ଯନ୍ତ୍ରଣା ନିଶ୍ଚୟ ଅନୁଭବ କରୁଥିବେ।

କଥା ହେଉଛି, ବୋର୍ଡ ପରୀକ୍ଷା ବାତିଲ କରିବା ବ୍ୟତୀତ ଆଉ କିଛି ବିକଳ୍ପ ପନ୍ଥା ଥିଲା କି ? ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ମେ ୩ ତାରିଖଠାରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହୋଇଥାଆନ୍ତା। ଯେତେବେଳେ କରୋନା ସଂକ୍ରମଣ ଶିଖର ଛୁଇଁବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି, ସେଭଳି ଜଟିଳ ପରିବେଶ ଭିତରେ ୬ ଲକ୍ଷ ୪୨ ହଜାର ପିଲାଙ୍କ ପରୀକ୍ଷା କରିବା ସରକାର ପାଇଁ ଏକ ଚ୍ୟାଲେଞ୍ଜ ଥିଲା। କିନ୍ତୁ ଏବେ ଯଦି ଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କଠାରୁ ପରୀକ୍ଷା ବାତିଲ ସପକ୍ଷରେ ଓ ବିପକ୍ଷରେ ମତ ନିଆଯିବ, ତେବେ ମନେହୁଏ ୯୯% ମତ ସପକ୍ଷରେ ହିଁ ଆସିବ। ଏହାର ପ୍ରମାଣ ଆମେ ପାଇଯିବା, ଯେତେବେଳେ କେତେଜଣ ଛାତ୍ରୀଛାତ୍ର ପରୀକ୍ଷାଫଳରେ ସନ୍ତୁଷ୍ଟ ନ ହୋଇ ପୁନର୍ବାର ପରୀକ୍ଷା ଦେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି।

କାରଣ, ସମସ୍ତେ ଖୁସ୍। ଛାତ୍ର–ଶିକ୍ଷକ–ଅଭିଭାବକ ସମସ୍ତେ। ଶତ ପ୍ରତିଶତ ପରୀକ୍ଷାଫଳ ହେବ, ତାହା ପୁଣି ଗୁଣାତ୍ମକ। ଉପର ହାକିମଙ୍କ କୈଫିୟତର ଉତ୍ତର ଦେବାକୁ ପଡ଼ିବନି। ଆଗୁଆ ପ୍ରଶ୍ନ ଓ ଉତ୍ତର ଉଭୟ ଜାଣି ପିଲା ପରୀକ୍ଷା ଦେଲେ। ମାର୍କ କେତେ ରହିଲା, ତାହାବି ଜାଣିଲେ। ପରୀକ୍ଷା ପାଇଁ ଟେନ୍‌ସନ ନାହିଁ। ଫେଲ୍ ହେବାର ସମ୍ଭାବନା ନାହିଁ। ବରଂ ଯଦି କେହିବି କଡ଼ା ମାଷ୍ଟର ଫୁଲ ମାର୍କ ଦେବାରେ କୁଣ୍ଠାବୋଧ କରନ୍ତି, ପର ମୁହୂର୍ତ୍ତରେ ଫୋନ୍ ଆସିପାରେ– ସବୁଠି ସାରମାନେ ପୂରା ନମ୍ବର ଦେଉଥିବା ବେଳେ ଆପଣ କୃପଣ କାହିଁକି? ଏପରିକି ସ୍ଥଳ ବିଶେଷରେ ଯଦି ଉପର ହାକିମଙ୍କ କାନରେ ଏକଥା ପଡ଼ିବ, ତେବେ ଶୁଣିବାକୁ ମିଳିପାରେ– ପିଲା ପାସ୍ କରିଗଲେ କିମ୍ବା ଅଧିକ ନମ୍ବର ରଖିଲେ ଆପଣଙ୍କର ଅସୁବିଧା କ'ଣ?

ଏବର୍ଷ ଏକ ଭିନ୍ନ ପରିବେଶ ଯୋଗୁଁ ସିନା ପରୀକ୍ଷା ବାତିଲ ହୋଇଗଲା ବୋଲି ଆମକୁ ଛଳନାପୂର୍ଣ୍ଣ ଆଲୋଚନା କରିବାକୁ ସୁଯୋଗ ମିଳିଯାଇଛି। କିନ୍ତୁ ବିଗତ ବର୍ଷମାନଙ୍କରେ ଅଧିକ ପାସ୍‌ହାର ପାଇଁ ଉପରୁ ତଳ ପର୍ଯ୍ୟନ୍ତ ଯେଉଁ କସରତ ଚାଲେ ଆମେ ସବୁ ଦେଖି ନୀରବଦ୍ରଷ୍ଟା ସାଜୁଥିଲୁ। ଏବେ ଆଲୋଚନା ରଖିଲେ ପାଠକେ କହିବେ, କଙ୍କାଳକୁ ପୋଷ୍ଟମର୍ଟମ କରିବା ସମୀଚୀନ ନୁହେଁ। ତଥାପି ଏତିକି କହିବି, ଆମେ ଆମ ଭବିଷ୍ୟତ ପିଢ଼ି ସହିତ ଅନ୍ୟାୟ କରୁଛୁ। ତା'ର ଜ୍ୱଳନ୍ତ ଉଦାହରଣ ହେଲା ପରୀକ୍ଷା ନ ଦେଇ ପାସ୍, ପରୀକ୍ଷା ଦେଇ ଶୂନ ରଖିଲେ ମଧ୍ୟ ପାସ୍, ବିଦ୍ୟାଳୟ ନ ଆସିଲେ ମଧ୍ୟ ପାସ୍ ପୁଣି ଉଜ୍ଜ୍ୱଳ, ଉତ୍ଥାନ, ଉତ୍କର୍ଷ ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ବପାଠକୁ ପଢ଼ାଇବା ଦ୍ୱାରା କେତେ ପିଲା ଉପକୃତ ହେଉଛନ୍ତି ତାହାର ହିସାବ ଫର୍ଦ୍ଦ ଆଉ ଏକ ମିଥ୍ୟାର ଜମାନବନ୍ଦୀ। ଯାହାର ଯେତିକି ଯୋଗ୍ୟତା ତାକୁ ସେତିକି ପ୍ରାପ୍ତି ହେବା ଆବଶ୍ୟକ। ପ୍ରାପ୍ୟଠାରୁ ପ୍ରାପ୍ତି ଅଧିକ ହେଲେ ଗର୍ବ ଅହଙ୍କାର ବୃଦ୍ଧିପାଏ। ପୁଣି ପ୍ରାପ୍ୟଠାରୁ ପ୍ରାପ୍ତି କମ୍ ହେଲେ ମନରେ ହତୋତ୍ସାହ ଆସେ। ଏହାର ପ୍ରତ୍ୟକ୍ଷ ପ୍ରଭାବ ପିଲାଙ୍କ ଉପରେ ହିଁ ପଡ଼େ। ଯାହା ସମାଜରେ ଦେଖିବାକୁ ମିଳୁଛି, ବାଳ ଅପରାଧୀଙ୍କ ସଂଖ୍ୟା ବଢୁଛି। ଅନ୍ୟପକ୍ଷରେ ବିଭିନ୍ନ ପଦ ପଦବୀରେ ଅଧିଷ୍ଠିତ ହେଲାପରେ କର୍ତ୍ତବ୍ୟ ସଂପାଦନ ଅପେକ୍ଷା ମିଥ୍ୟା ପ୍ରତିଷ୍ଠା ପଛରେ ଧାବମାନ ହେବା ଦେଖିବାକୁ ମିଳୁଛି। ଏ ସମସ୍ତ ବିଲକ୍ଷଣ ପଶ୍ଚାତ୍‌ଭାଗରେ ଆମର ଉଦାରବାଦୀ ନୀତିର କୌଣସି ସମ୍ପର୍କ ନାହିଁ କହିବା ଭୁଲ ହେବ। ଏଇଥିପାଇଁ ପ୍ରଥମେ ମୁଁ କହିଥିଲି, ଆମେ କାଠଗଡ଼ାରେ ଛିଡ଼ା ହୋଇ ମିଛ କହିଚାଲିଛୁ। କାହାକୁ ଅସନ୍ତୁଷ୍ଟ ନ କରିବା ପାଇଁ ଆମର ଯତ୍ପରୋନାସ୍ତି ଉଦ୍ୟମର ଫଳ ହିଁ ଆମକୁ ସତ୍ୟଠାରୁ ଦୂରେଇ ରଖୁଛି। ମନେରଖିବା ଉଚିତ ଏମିତି ହେଲେ କୁଳ ଭାସିଯିବା ସୁନିଶ୍ଚିତ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା
ମୋ: ୭୦୦୮୦୭୩୫୯୯

# ଚିନ୍ତା ବଢ଼ାଇଛି ସଂକ୍ରମଣ



ଲଳିତେନ୍ଦୁ ପଲାଉରୀ

ସାରା ଦେଶରେ କରୋନା ସଂକ୍ରମଣ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ମେଡିକାଲଗୁଡ଼ିକରେ ଅକ୍ସିଜେନ ଅଭାବରୁ ପ୍ରତିଦିନ ଅନେକ କରୋନା ରୋଗୀଙ୍କ ମୃତ୍ୟୁ ହେଉଛି। କରୋନା ଜନିତ ମୃତ୍ୟୁସଂଖ୍ୟା ଏତେ ବଢୁଛି ଯେ ଦାହ ସଂସ୍କାର ପାଇଁ ମଶାଣିରେ ସ୍ଥାନ ଅଭାବ ପଡ଼ି ଗଲାଣି। ମୃତକଙ୍କ ଅନ୍ତିମ ସଂସ୍କାର ପାଇଁ ଶ୍ମଶାନରେ ଏବେ ଟୋକନ୍ ବ୍ୟବସ୍ଥା ହୋଇଛି। ଅନ୍ତିମ ସଂସ୍କାର ପାଇଁ ମୃତକଙ୍କ ପରିବାର ନିଜ ପାଳିକୁ ଅପେକ୍ଷା କରୁଛନ୍ତି। ଶବ ଦାହ ପାଇଁ ଶ୍ମଶାନର ଅଭାବ ଯୋଗୁ ଦିଲ୍ଲୀରେ ଏବେ ପାର୍କଗୁଡ଼ିକରେ ଅସ୍ଥାୟୀ ଶ୍ମଶାନ ନିର୍ମାଣ କରାଯାଇ ଶବଦାହ ହେଉଛି। ଦିଲ୍ଲୀର ସରାୟ କାଲେ ଖାଁରେ ଥିବା ପାର୍କରେ ଏବେ ଶବଦାହ ପାଇଁ ବ୍ୟବସ୍ଥା କରିଛନ୍ତି ଦିଲ୍ଲୀ ପ୍ରଶାସନ।

କରୋନା ସଂକ୍ରମଣର ଭୟ ଲୋକଙ୍କ ମାନବିକତା ଓ ସମ୍ବେଦନଶୀଳତାକୁ ଯେମିତି ହଜାଇ ଦେଇଛି। ଘରଭଡା ଦେଇଥିବା ମାଲିକମାନେ ଭଡ଼ାଟିଆଙ୍କୁ ଘରୁ ବିତାଡ଼ିତ କରୁଥିବାର ଖବର ସାମ୍ନାକୁ ଆସିଛି ଉତ୍ତରପ୍ରଦେଶର କିଛି ଅଞ୍ଚଳରେ। ବରେଲିରେ ଭଡ଼ାରେ ରହୁଥିବା ମା' ଓ ପୁଅ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ତାଙ୍କୁ ଘର ମାଲିକ ଘରୁ ବାହାର କରି ଦେଇଥିଲେ। ଶେଷରେ ଉଭୟ ମା' ପୁଅଙ୍କର ମୃତ୍ୟୁ ହୋଇଥିଲା। ସେହିଭଳି ଇନ୍ଦିରାନଗରର ଶକ୍ତିନଗର କଲୋନିରେ ଶାଶୁଙ୍କ ମୃତ୍ୟୁ ପରେ ଘରର ବିଧବା ବୋହୂ ଶବ ଶ୍ମଶାନକୁ ନେବାକୁ ଘଣ୍ଟା ଘଣ୍ଟା ଧରି ଆକୁଳ ନିବେଦନ କରିଥିଲେ ମଧ୍ୟ କେହି ବି ସାହାଯ୍ୟ ପାଇଁ ଆସି ନ ଥିଲେ। କିନ୍ତୁ ମୃତ ମହିଳା ଜଣକ କରୋନା ସଂକ୍ରମିତ ନ ଥିଲେ। ଆଗ୍ରାର ଜୟପୁର ପୋଲିସ କଲୋନିରେ ରହୁଥିବା ଜଣେ ଯୁବକଙ୍କ ବାପାଙ୍କର କରୋନାରେ ମୃତ୍ୟୁ ପରେ ମର ଶରୀରକୁ ନେବା ପାଇଁ ପୁଅ ଯେତେ ଚେଷ୍ଟା କରିଥିଲେ ମଧ୍ୟ ଆମ୍ବୁଲାନ୍ସ ମିଳି ନ ଥିଲା। କେବଳ ସେତିକି ନୁହେଁ ମର ଶରୀରକୁ କାନ୍ଧ ଦେବା ପାଇଁ ମଧ୍ୟ କେହି ଆସି ନ ଥିଲେ ; ଯାହା ଫଳରେ ଯୁବକ ଜଣକ ବାଧ୍ୟ ହୋଇ ତାଙ୍କ ବାପାଙ୍କ ମରଶରୀରକୁ କାର୍ ଉପରେ ବାନ୍ଧି ଶ୍ମଶାନକୁ ନେଇ ସେଠାରେ ଅନ୍ତିମ ସଂସ୍କାର କରିଥିଲେ। କରୋନାଜନିତ ମୃତ୍ୟୁସଂଖ୍ୟା ଏତେ ବଢ଼ିଯାଇଛି କି ଲକ୍ଷ୍ନୌର ବାଇକୁଣ୍ଠ ଧାମ ଏବଂ ଗୁଲାଲ ଘାଟରେ ପ୍ରାୟ ପ୍ରତିଦିନ ଶହଶହ ମୃତଦେହ ଦାହ କରାଯାଉଛି। ଉତ୍ତରପ୍ରଦେଶ ଫାରୁଖାବାଦସ୍ଥିତ ପାଞ୍ଚାଳ ଘାଟରେ ଅନ୍ତିମ ସଂସ୍କାର ପାଇଁ ଆଉ ଜାଗା ମିଳୁନି। ଫଳରେ ଲୋକେ ବାଧ୍ୟ ହୋଇ ଗଙ୍ଗା କୂଳରେ ଅନ୍ତିମ ସଂସ୍କାର କରୁଛନ୍ତି। ବ୍ୟବହୃତ ପିପିଇ କିଟ୍, ମାସ୍କ ଖୋଲାରେ ପଡିରହୁଛି। ଏହାଦ୍ୱାରା ସଂକ୍ରମଣ ବଢ଼ିବାର ସମ୍ଭାବନା ରହିଛି। ଦାହ ସଂସ୍କାରରେ କୋଭିଡ୍ ପ୍ରୋଟୋକଲ ପାଳନ କରାଯାଉ ନଥିବା ମଧ୍ୟ ଦେଖିବାକୁ ମିଳୁଛି।

ଚିନ୍ତାଜନକ ବିଷୟ ହେଉଛି, ସଂକ୍ରମଣ ଉଦ୍‌ବେଗଜନକ ଭାବେ ବଢୁଥିବା ବେଳେ ଅକ୍ସିଜେନ୍ ଅଭାବ ଯୋଗୁ ଅନେକ ହସ୍ପିଟାଲ ଗୁରୁତର ରୋଗୀଙ୍କୁ ଆଉ ଗ୍ରହଣ କରୁନାହାନ୍ତି। ପରିସ୍ଥିତି ଏପରି ହୋଇଛି ଯେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିୱାଲ ନିଜର ଅସହାୟତା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏଭଳି ସଙ୍କଟ ସମୟରେ ଦିଲ୍ଲୀ ହାଇକୋର୍ଟ ମଧ୍ୟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଅକ୍ସିଜେନ୍ ଯୋଗାଣରେ କେତେକ ବ୍ୟକ୍ତି ବାଧା ସୃଷ୍ଟି କରୁଥିବାରୁ ହାଇକୋର୍ଟ କ୍ଷୋଭ ପ୍ରକାଶ କରିବା ସହିତ ଏଭଳି ବ୍ୟକ୍ତିଙ୍କୁ ଫାଶୀରେ ଝୁଲାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ମଧ୍ୟ କହିଛନ୍ତି କି କରୋନା ସ୍ଥିତି ଜାତୀୟ ଜରୁରୀ ସ୍ଥିତିଠାରୁ କିଛି କମ୍ ନୁହେଁ। ଭାରତରେ କୋଭିଡ୍–୧୯ ସଙ୍କଟ 'ହୃଦୟବିଦାରକ' ବୋଲି ବିଶ୍ୱ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଅଭିଯାନ ଚଳାଇଥିବା ୧୮ବର୍ଷିୟା ସାମାଜିକ କର୍ମୀ ଗ୍ରେଟା ଥନ୍‌ବର୍ଗ କହିଛନ୍ତି, ଭାରତକୁ ଏହି ସଙ୍କଟରୁ ମୁକ୍ତି ଦେବାକୁ ବିଶ୍ୱ ସମୁଦାୟ ଆଗେଇ ଆସିବାକୁ ସେ ନିବେଦନ କରିଛନ୍ତି। କରୋନା ସଂକ୍ରମଣକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜରୁରିକାଳୀନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାଇକେଲ ରିଆନ କହିଛନ୍ତି, ଭାରତରେ କରୋନା ସଂକ୍ରମଣ ନିୟନ୍ତ୍ରଣ ବର୍ତ୍ତମାନ ସ୍ଥିତିରେ ଅତ୍ୟନ୍ତ କଷ୍ଟକର ବ୍ୟାପାର।

ଭାରତରେ କରୋନା ସଂକ୍ରମଣ ପ୍ରବଳ ହେବାରୁ ଯୁକ୍ତରାଷ୍ଟ୍ର ଆମେରିକା ଗଭୀର ଚିନ୍ତା ପ୍ରକଟ କରିଛି। ଏଭଳି ସଙ୍କଟଜନକ ପରିସ୍ଥିତି ବେଳେ ଆମେରିକାରେ ଗଚ୍ଛିତ ଥିବା କୋଭିଡ୍ ଟିକା ଏବଂ ଅନ୍ୟାନ୍ୟ ଜୀବନ ରକ୍ଷାକାରୀ ଭେଷଜ ସାମଗ୍ରୀ ଭାରତକୁ ପଠାଇଛି ଆମେରିକା। ବ୍ରିଟେନ ମଧ୍ୟ ସହାୟତା ଦେଇଛି। କେନ୍ଦ୍ର ସରକାର କୋଭିଡ୍–୧୯ ଟିକା ଆମଦାନୀ, ମେଡିକାଲ୍ ଅକ୍ସିଜେନ୍ ଏବଂ ଅନ୍ୟାନ୍ୟ ଉପକରଣ ଉପରୁ ଟିକସ ଛାଡ଼ କରିଛନ୍ତି। ଦେଶରେ ବହୁଳ ପରିମାଣରେ ଅକ୍ସିଜେନ୍ ଉପଲବ୍ଧ କରାଇବା ନିମନ୍ତେ 'କଷ୍ଟମ୍ ଡିୟୁଟି' ଉଚ୍ଛେଦ ପାଇଁ ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଦେଶର ସମସ୍ତ ଜିଲାରେ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପିଏମ୍ କେୟାର ପାଣ୍ଠିରୁ ଅର୍ଥ ବିନିଯୋଗ ଲାଗି ନିର୍ଦ୍ଦେଶ ଦିଆଯାଇଛି।

ପ୍ରତିଦିନ ଦେଶରେ ୩ ଲକ୍ଷରୁ ଅଧିକ କରୋନା ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏହି ଭୟଙ୍କର ସ୍ଥିତିକୁ କେବଳ ବ୍ୟାପକ ଟିକାକରଣ ମାଧ୍ୟମରେ ହ୍ରାସ କରାଯାଇପାରିବ ବୋଲି ୱାଶିଂଟନ ୟୁନିଭରସିଟିର ଇନ୍‌ଷ୍ଟିଚ୍ୟୁଟ ଫର୍ ହେଲ୍‌ଥ ମେଟ୍ରିକ୍ସ ଆଣ୍ଡ ଇଭାଲ୍ୟୁଏଶନ ପୂର୍ବାନୁମାନ କରିଛି। ଆମେରିକାର ୱାଶିଂଟନ୍ ୟୁନିଭରସିଟିର ସ୍କୁଲ୍ ଅଫ୍ ମେଡିସିନର ଅନୁସନ୍ଧାନକାରୀ ଦଳର ଆସିଷ୍ଟାଣ୍ଟ ପ୍ରଫେସର ଜିଆଦ ଅଲ–ଅଲି କହିଛନ୍ତି, ରୋଗ ଚିହ୍ନଟ ହେବାର ୬ ମାସ ପରେ ମଧ୍ୟ କରୋନାରୁ ଭଲହୋଇଥିବା ରୋଗୀର ମୃତ୍ୟୁ ଆଶଙ୍କା ରହୁଛି। କରୋନା ସଂକ୍ରମିତ ରୋଗୀଙ୍କୁ ପରୀକ୍ଷା କରିବା ବେଳେ ଡାକ୍ତରମାନେ ମଧ୍ୟ ଅଧିକ ସତର୍କ ହେବା ଉଚିତ। କରୋନା ଭାଇରସରୁ ସୁସ୍ଥ ହେବା ପରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଦୀର୍ଘ ସମୟ ଧରି ରହୁଛି। ପ୍ରାରମ୍ଭିକ ସଂକ୍ରମଣରୁ ସୁସ୍ଥ ହେବା ପରେ ରୋଗର ପ୍ରଥମ ୩୦ ଦିନରୁ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ମୃତ୍ୟୁ ଆଶଙ୍କା ୬୦ ପ୍ରତିଶତ ଥିବା ଗବେଷଣାରୁ ଜଣାପଡିଛି। ଏହି ୬ ମାସରେ କରୋନାରୁ ସୁସ୍ଥ ହୋଇଥିବା ୧୦୦୦ ରୋଗୀଙ୍କ ଭିତରୁ ୮ ଜଣଙ୍କ ମୃତ୍ୟୁ ହୋଇପାରେ ବୋଲି ତଥ୍ୟରେ ଦର୍ଶାଯାଇଛି। ଦେଶର ଏଭଳି ସଙ୍କଟଜନକ ସ୍ଥିତିରେ କେବଳ ସଚେତନତା, ସାମାଜିକ ଦୂରତା, ବାଧ୍ୟତାମୂଳକ ମାସ୍କ ପରିଧାନ, ବାରମ୍ବାର ହାତ ଧୋଇବା ସହ ଯଥା ସମ୍ଭବ ଘରେ ରହିବା, ସଞ୍ଜମତା ଓ ଧୈର୍ଯ୍ୟର ସହ ଏହାକୁ ମୁକାବିଲା କରିବା ହିଁ ଆମ ସମସ୍ତଙ୍କ ପାଇଁ ଶ୍ରେୟ ହେବ।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ–୯୭୭୮୬୯୭୦୩୬

## ଏଇ ଭାରତରେ

ପିଲାଦିନେ ଦୁଃଖ କଷ୍ଟ ସହିଥିବା ବ୍ୟକ୍ତି ହିଁ ଦୁଖୀ ଓ ଅସହାୟଙ୍କ ପେଟ କଥା ଚିନ୍ତା କରିପାରନ୍ତି, ଯାହା କରୁଛନ୍ତି ଦିଲ୍ଲୀର ସରିତା କଶ୍ୟପ। ନିଜ ରୋଜଗାରର ସିଂହଭାଗ ବ୍ୟୟକରି ସେ ଗୃହହୀନ, ଜରିଗୋଟାଳି ଏବଂ ଭୋକିଲା ପିଲାଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ସରିତାଙ୍କ ବୟସ ୪୩। ପିଲାଦିନେ ତାଙ୍କ ଘରପାଖ ଗୁରୁଦ୍ୱାରା ଲଙ୍ଗରେ ଲୋକମାନଙ୍କୁ ଖାଇବାକୁ ଦିଆଯିବା ଦେଖିବା ପରେ ସେ ମଧ୍ୟ ଏଭଳି କାର୍ଯ୍ୟ କରିବାକୁ ବିଚାର କରିଥିଲେ। ପଢ଼ାଶେଷ ପରେ ଘର ଚଳାଇବା ଲାଗି ସେ ଅଟୋମୋବାଇଲ ସେଲ୍ସମ୍ୟାନ ଭାବେ ଚାକିରି କରିଥିଲେ । ହେଲେ ଗରିବଙ୍କୁ ଭୋଜନ ଦେବା ପାଇଁ ୨୦୧୯ରେ ତାହା ଛାଡିଦେଇ ସେବେଠାରୁ ଏହି ସେବା ଜାରି ରଖିଛନ୍ତି। ସିଙ୍ଗଲ୍ ମଦର ଭାବେ ସରିତା ବଡିଭୋରରୁ ଉଠି ରାଜମା ଓ ରାଇସ ଖାଦ୍ୟ ପ୍ରସ୍ତୁତ କରି ନିଜ ସ୍କୁଟରରେ ତାହାକୁ ଦିଲ୍ଲୀର ପୀରଘଡ଼ିରେ ଥିବା ତାଙ୍କ 'ଆଣ୍ଟି ଷ୍ଟଲ୍'କୁ ନିଅନ୍ତି। ସେ ୬୦% ଖାଦ୍ୟ ଲୋକମାନଙ୍କୁ ବିକ୍ରି କରିବା ପରେ ଆଉ ୪୦% ଗୃହହୀନ ଓ ଭୋକିଲା ପିଲାମାନଙ୍କୁ ଖାଇବାକୁ ଦିଅନ୍ତି। ଫୁଲ୍ ପ୍ଲେଟ୍‌କୁ ୬୦ ଟଙ୍କାରେ ବିକି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳାଇ ଅସହାୟମାନଙ୍କୁ ମାଗଣାରେ ଖାଇବାକୁ ଦେବାରେ ଖର୍ଚ୍ଚ କରିଥାଆନ୍ତି ସରିତା।

## ଚିରନ୍ତନୀ

ଲଭେ କିବା ଆସି ଏଥି କି ହଜାଏ,
ସେ ହିସାବ କାହିଁ?
ଦେଖିବା ଶୁଣିବା ଯେତେ ରହେ ବାକି,
ଅନ୍ତ ତା'ର ନାହିଁ। -(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଟିକାକୁ ନେଇ ରାଜନୀତି ନ ହେଉ

ମହାଶୟ,

ଅଧିକରୁ ଅଧିକ ଲୋକଙ୍କୁ ଟିକାକରଣ କରି କରୋନା ମହାମାରୀ କବଳରୁ ମୁକ୍ତ ରଖିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଇଆସୁଛନ୍ତି । ତେବେ ଦେଶ ଏବେ ଘଡ଼ିସନ୍ଧି ମୁହୂର୍ତ୍ତରେ ଗତି କରୁଥିବା ବେଳେ ଟିକାକୁ ନେଇ ରାଜନୀତି ହେଉଛି। କେନ୍ଦ୍ର ସରକାର ବାରମ୍ବାର କହୁଛନ୍ତି ଯେ,ଦେଶରେ ଟିକାର ଅଭାବ ନାହିଁ। ମାତ୍ର ଓଡ଼ିଶା ସମେତ ଅନେକ ରାଜ୍ୟ ଅଭିଯୋଗ କରୁଛନ୍ତି ଯେ, କେନ୍ଦ୍ର ପର୍ଯ୍ୟାପ୍ତ ପରିମାଣର ଟିକା ଯୋଗାଇ ପାରୁ ନ ଥିବାରୁ ଟିକାକରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । କେନ୍ଦ୍ର ସରକାରଙ୍କ ଉତ୍ତର ହେଉଛି କେତେକ ରାଜ୍ୟ ନିଜର ଦୋଷ ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ମିଛ କହୁଛନ୍ତି । ତେବେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଏପ୍ରିଲ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଦେଶସାରା ପାଳିତ ହୋଇଥିବା ଟିକା ଉତ୍ସବରେ ମଧ୍ୟ ବିଭିନ୍ନ ରାଜ୍ୟରେ ଟିକା ଅଭାବରୁ ଶହ ଶହ ଟିକାକରଣ କେନ୍ଦ୍ର ବନ୍ଦ ହୋଇଯାଇଛି। ଓଡ଼ିଶାରେ ଏପ୍ରିଲ ୧୦ ତାରିଖ ସୁଦ୍ଧା ପ୍ରତିଦିନ ୨ ଲକ୍ଷ ଟିକା ଦିଆଯାଉଥିବା ବେଳେ ପରେଏହା ଯଥେଷ୍ଟ କମିଯାଇଛି । ଓଡ଼ିଶାରେ ବହୁ ଜିଲାରେ ଟିକାକରଣ ବନ୍ଦ ରହିବା ବି ଦୁଃଖଦାୟକ। ଟିକାକୁ ନେଇ ରାଜନୀତି ନ ହେଉ ଓ ବ୍ୟାପକ ଟିକାକରଣକୁ ସୁନିଶ୍ଚିତ କରାଯିବା ଉଚିତ ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

## କେନ୍ଦ୍ର ଅନୁଦାନ ଫେରି ନ ଯାଉ

ଗୋପାଳପୁରଠାରେ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏଥିପାଇଁ କେନ୍ଦ୍ର ସରକାର ୧୦ କୋଟି ଟଙ୍କା ଅନୁଦାନ ଦେଇଛନ୍ତି। କିନ୍ତୁ ରାଜ୍ୟ ସରକାର ଖାନ୍‌ନଗରଠାରେ ନେତାଜୀ ବସ୍ ଟର୍ମିନାଲ କରିବାକୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଭିତ୍ତିଭୂମି ଓ ଆନୁଷଙ୍ଗିକ ସୁବିଧା ଥିବାରୁ ନିର୍ମାଣ କରାଯାଉ, ଯାହା ଭବିଷ୍ୟତରେ ଯାନବାହନ ସଂଖ୍ୟାବୃଦ୍ଧି ହେଲେ ଜରୁରୀ ଆବଶ୍ୟକ ପଡ଼ିବ । ଏଥିପ୍ରତି ପରିବହନ ବିଭାଗ ଗୁରୁତ୍ୱ ଦେଉ ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜଷ୍ଟିସ୍ ପି. ସି. ପନ୍ତ ଏନ୍ଏଚ୍ଆର୍‌ସି କାର୍ଯ୍ୟକାରୀ ଅଧ୍ୟକ୍ଷ**

ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆର୍‌ସି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ପ୍ରଫୁଲ୍ଲ ଚନ୍ଦ୍ର ପନ୍ତଙ୍କୁ ଏପ୍ରିଲ ୨୫ରେ ନିଯୁକ୍ତ କରାଯାଇଛି। ଏ ନେଇ ସୋମବାର ଏନ୍ଏଚ୍ଆର୍‌ସି କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ରାଷ୍ଟ୍ରପତି ଏନ୍ଏଚ୍ଆର୍‌ସିର ସଦସ୍ୟ ଥିବା ଜଷ୍ଟିସ୍ ପନ୍ତଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ୨୦୧୯ ଏପ୍ରିଲ ୨୨ରେ ଏନ୍ଏଚ୍ଆର୍‌ସିରେ ସଦସ୍ୟ ଭାବେ ନିଯୁକ୍ତି ପୂର୍ବରୁ ସେ ୨୦୧୪ ଅଗଷ୍ଟ ୧୩ରୁ ୨୦୧୭ ଅଗଷ୍ଟ ୨୯ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ବିଚାରପତି ରହିଥିଲେ।

## ସଂକ୍ଷେପରେ

### ଭାଗୀରଥି ପାଣିଗ୍ରାହୀ ଆଇନ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ

**ବ୍ରହ୍ମପୁର ଅଫିସ, ୩।୫:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଭାଗୀରଥି ପାଣିଗ୍ରାହୀ କଟକ ସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଫେସର ପାଣିଗ୍ରାହୀ ମନୋନୀତ ହୋଇଥିବା ଚିଠି ନଂ. ୧୯୦୫୩ /୩୦।୪।୨୧ରେ ଉଲ୍ଲେଖ କରାଯାଇଛି। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଭ୍ୟ ଭାବେ ମନୋନୀତ ହେବାପରେ ସେ ସୁଚାରୁ ରୂପେ ନିଜର ସମସ୍ତ ଦାୟିତ୍ୱ ନିର୍ବାହ କରିବେ ବୋଲି କହିଛନ୍ତି।

### ୨୦୨୨ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ନୂଆ ବାସଭବନ

**ନୂଆଦିଲ୍ଲୀ, ୩।୫:** ଦେଶରେ ଭୟଙ୍କର କୋଭିଡ୍ ସ୍ଥିତି ଲାଗି ରହିଥିବାବେଳେ

**ମିଳିଲା ପରିବେଶ ସମ୍ବନ୍ଧିତ ମଞ୍ଜୁରୀ**

ପ୍ରଧାନମନ୍ତ୍ରୀଙ୍କ ନୂଆ ବାସଭବନ ନିର୍ମାଣ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ଜୋରସୋର୍‌ରେ ଲାଗିଛନ୍ତି କେନ୍ଦ୍ର ସରକାର। ନୂଆ ପାର୍ଲାମେଣ୍ଟ ଭବନ ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟ ଅଧୀନରେ ରଖାଯାଇଥିବା ପ୍ରଧାନମନ୍ତ୍ରୀଙ୍କ ବାସଭବନର ନିର୍ମାଣ କାର୍ଯ୍ୟ ୨୦୨୨ ଡିସେମ୍ବର ସୁଦ୍ଧା ଶେଷ ହେବ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରିବେଶ ସମ୍ବନ୍ଧିତ ମଞ୍ଜୁରୀ ମିଳିଛି। କରୋନାରେ ସର୍ବାଧିକ ପ୍ରଭାବିତ ଦିଲ୍ଲୀରେ ଲକ୍‌ଡାଉନ କଟକଣା ଜାରି ସତ୍ତ୍ୱେ ସେଣ୍ଟ୍ରାଲ ଭିଷ୍ଟାକୁ 'ଅତ୍ୟାବଶ୍ୟକ ସେବା' ଅଧୀନରେ ରଖାଯାଇ ଶ୍ରମିକଙ୍କ ଦ୍ୱାରା ଏହାର ନିର୍ମାଣ କାମ ଜାରି ରହିଛି। ଏହାକୁ ନେଇ ବିରୋଧୀଙ୍କ କଡ଼ା ସମାଲୋଚନା ଓ ବିରୋଧ ସତ୍ତ୍ୱେ କେନ୍ଦ୍ର ସରକାର ଏହି ପ୍ରୋଜେକ୍ଟ କାମ ଜାରି ରଖିବା ସହ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିଛନ୍ତି।

### ଡଙ୍ଗା ଓଲଟି ୨୬ ମୃତ

**ଢାକା, ୩।୫:** ବାଂଲାଦେଶର ପଦ୍ମା ନଦୀରେ ସୋମବାର ଏକ ଯାତ୍ରୀବାହୀ ସ୍ପିଡ୍‌ବୋଟ୍ ବାଲି ପରିବହନ କରୁଥିବା ଏକ ଜାହାଜ ସହ ଧକ୍କା ହୋଇ ଓଲଟି ପଡ଼ିଛି। ଏଥିରେ ୨୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ନିଖୋଜ ଅଛନ୍ତି। ବୋଟ୍‌ରେ ପ୍ରାୟ ୪୦ ଜଣ ଯାତ୍ରୀ ରହିଥିଲେ।

### ନାବାଳକଙ୍କୁ ମାଡ଼ ଅଭିଯୋଗ: ହାବିଲଦାର ସସ୍‌ପେଣ୍ଡ

**ପାରାଦୀପ, ୩।୫(ସ୍ୱ.ପ୍ର.):** ପାରାଦୀପ ଜଟାଧାରମୁହାଣ ସାମୁଦ୍ରିକ ଥାନା ପୋଲିସ ରବିବାର ଶଟ୍‌ଡାଉନ୍ ସମୟରେ ଜଣେ ନାବାଳକଙ୍କୁ ମାଡମାରି ଗୁରୁତର କରିଛି। ଘଟଣା ଜଣାପଡ଼ିବାପରେ ଜଗତସିଂହପୁର ଏସ୍‌ପି ସୋମବାର ହାବିଲଦାର ଆର୍.କେ. ପରିଡ଼ାଙ୍କୁ ସସପେଣ୍ଡ କରିଛନ୍ତି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ପ୍ରକାଶ ଯେ, ରବିବାର ରାତିରେ ଷଣ୍ଢକୁଦବସ୍ତିର ଜଣେ ନାବାଳକ ପାଖକୁ ପାଣି ପାଇଁ ଯାଇଥିଲେ। ସେତେବେଳେ ପାଟ୍ରୋଲିଂ ଗାଡ଼ି ସେଠାରେ ପହଞ୍ଚି ବାହାରେ ବୁଲୁଥିବା ଲୋକଙ୍କୁ ବାଡ଼େଇଥିଲା। ଏହି ସମୟରେ ହାବିଲଦାର ପରିଡ଼ା ପାଇପ୍‌ରେ ସମ୍ପୃକ୍ତ ନାବାଳକଙ୍କୁ ଏକ ଶକ୍ତ ପାହାର ପକାଇଥିଲେ। ଏହା ତାଙ୍କ କାନମୁଣ୍ଡାରେ ବାଜିବାରୁ ପଡ଼ିଯାଇଥିଲେ। ଘରଲୋକ ତାଙ୍କୁ ଆମ୍ବୁଲାନ୍ସରେ ପ୍ରଥମେ ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲ ନେଇଥିଲେ। ଅବସ୍ଥା ଗୁରୁତର ହେବା ଖବରପାଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିମାଇଁ ସେଠୀ, ଥାନାଧିକାରୀ ବିଜୟ ବେକ୍ ନାବାଳକଙ୍କୁ କଟକ ବଡ଼ ଡାକ୍ତରଖାନା ନେବା ପାଇଁ ବ୍ୟବସ୍ଥା କରିଥିଲେ। ସୋମବାର ସେ ଘରକୁ ଫେରିଛନ୍ତି। ଘଟଣା ସମ୍ପର୍କରେ ପୋଲିସ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବେକ୍ କହିଛନ୍ତି।

# ଜିଏସ୍‌ଟି ସଂଗ୍ରହରେ ଓଡ଼ିଶାର ସର୍ବକାଳୀନ ରେକର୍ଡ

**ଭୁବନେଶ୍ୱର, ୩।୫(ବ୍ୟୁରୋ)**

**୨୦୨୧ ଏପ୍ରିଲ୍‌ରେ ୧୧୨୬.୬୭ କୋଟି ଆଦାୟ**

ଜିଏସ୍‌ଟି ପ୍ରଚଳନ ହେବା ପରଠାରୁ ଚଳିତ ଆର୍ଥିକ ବର୍ଷ (୨୦୨୧-୨୨) ଏପ୍ରିଲରେ ଓଡ଼ିଶା ୧୧୨୬.୬୭ କୋଟିର ଜିଏସ୍‌ଟି ସଂଗ୍ରହକରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ୨୦୧୯ରେ ଏହି ସମୟରେ ରାଜ୍ୟ ଜିଏସ୍‌ଟି ସଂଗ୍ରହ ପରିମାଣ ୯୨୭.୬୦ କୋଟି ଟଙ୍କା ଥିବାବେଳେ ୨୦୨୦ ଏପ୍ରିଲରେ ଏହା ମାତ୍ର ୩୬୦.୩୬ କୋଟି ଟଙ୍କା ଥିଲା। ଏହା ପୂର୍ବରୁ ୨୦୨୧ ମାର୍ଚ୍ଚରେ ସର୍ବାଧିକ ରାଜ୍ୟ ଜିଏସ୍‌ଟି ୯୫୪.୬୨ କୋଟି ଟଙ୍କା ସଂଗୃହୀତ ହୋଇଥିଲା।

ଚଳିତ ବର୍ଷ ଏପ୍ରିଲରେ ଏତେ ଅଧିକ ପରିମାଣର ଜିଏସ୍‌ଟି ସଂଗ୍ରହ ପଛରେ ଅନେକ କାରଣ ରହିଛି। ଟିକସ ପଇଠରେ ଉନ୍ନତି, ଲୌହ ଇସ୍ପାତ କ୍ଷେତ୍ରରୁ ଅଧିକ ସଂଗ୍ରହ ଏବଂ ସର୍ବୋପରି ଟିକସ ଅଧିକାରୀଙ୍କ ଦ୍ୱାରା ରିଟର୍ନ ଯାଞ୍ଚ କରାଯାଇ ଦେୟ ଜିଏସ୍‌ଟି ଆଦାୟ, କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି), ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ଓ ଅତିରିକ୍ତ ଟିକସ ବାବଦରେ ଯଥାକ୍ରମେ ୯୫୨.୪୩ କୋଟି, ୧୧୫୭.୦୫ କୋଟି ଓ ୬୧୩.୩୩ କୋଟି ଟଙ୍କା ସଂଗୃହୀତ ହୋଇଛି। ମୋଟ୍ ଜିଏସ୍‌ଟି ପରିମାଣ ହେଉଛି ୩୮୪୯.୪୮ କୋଟି ଟଙ୍କା, ଯାହା ଏକ ସର୍ବକାଳୀନ ରେକର୍ଡ। ୨୦୧୯ ଏପ୍ରିଲରେ ଏହି ପରିମାଣ ୨୯୫୫.୬୦ କୋଟି ଟଙ୍କା ଥିବାବେଳେ କୋଭିଡ୍ ପ୍ରଭାବିତ ୨୦୨୦ ଏପ୍ରିଲରେ ଏହା ୭୭୪.୨୯ କୋଟି ଟଙ୍କା ଥିଲା। ଭାଟ୍ ପଇଠ କରୁଥିବା ସମସ୍ତ ବ୍ୟବସାୟୀ ୨୦୨୧ ମାର୍ଚ୍ଚ ୨୫ ତାରିଖ ପର୍ଯ୍ୟନ୍ତ ଟିକସ ପଇଠ ସେହି ମାସରେ କରିଥିଲେ। ବାକି ୫ ଦିନର ଟିକସ ୨୦୨୧ ଏପ୍ରିଲରେ ସଂଗୃହୀତ ହୋଇଥିଲା ; ଯାହା ୨୧୮.୯୫ କୋଟି ଟଙ୍କା। ୨୦୨୦ ଏପ୍ରିଲରେ ଏହି ପରିମାଣ ୧୩୦.୧୧ କୋଟି ଟଙ୍କା ଥିବାବେଳେ ୨୦୧୯ ସେହି ସମୟରେ ଏହା ୧୮୩.୯୨ କୋଟି ଟଙ୍କା ହୋଇଥିଲା। ଫଳରେ ଏ କ୍ଷେତ୍ରରେ ୬୮.୨୮ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଏଥିମଧ୍ୟରୁ ପେଟ୍ରୋଲିୟମ୍ କ୍ଷେତ୍ରରୁ ହୋଇଥିବା ସଂଗ୍ରହରେ ୧୭୫.୩୧ ପ୍ରତିଶତ ଅଭିବୃଦ୍ଧି ଘଟି ଚଳିତ ବର୍ଷ ଏପ୍ରିଲରେ ୧୬୭.୮୭ କୋଟି ଟଙ୍କା ଆଦାୟ ହୋଇଛି। ୨୦୨୦ ଏପ୍ରିଲରେ ଏହି ଆଦାୟ ପରିମାଣ ୬୦.୬୧ କୋଟି ଟଙ୍କା ଥିଲା। ନିୟମିତ ସର୍ଭେ ଓ ପଞ୍ଜୀକରଣ ମାଧ୍ୟମରେ ଟିକସ ପରିସର ବୃଦ୍ଧି କରିବା ଦିଗରେ ରାଜ୍ୟ ବାଣିଜ୍ୟକର ଓ ଜିଏସ୍‌ଟି ସଂସ୍ଥା ଅଧିକ ଗୁରୁତ୍ୱ ଦେଇଆସିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୫୨,୨୧୦ ଜଣ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇଥିଲା। ନିର୍ଦ୍ଧାରିତ ତାରିଖ ମଧ୍ୟରେ ଯେପରି ଅତିକମ୍‌ରେ ୯୦ ପ୍ରତିଶତ ରିଟର୍ନ ଦାଖଲ ହୋଇପାରିବ, ତାହା ସୁନିଶ୍ଚିତ କରିବା ପାଇଁ ସମସ୍ତ ସର୍କଲକୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ଆର୍ଥିକ ବର୍ଷରେ ଟିକସ ଦାଖଲ ଖିଲାପୀଙ୍କ ବିରୋଧରେ ୧,୨୯,୭୧୧ଟି ଜିଏସ୍‌ଟିଆର୍-୩ଏ ନୋଟିସ ଜାରି କରାଯାଇଥିବା ବେଳେ ଜିଏସ୍‌ଟି ଆଇନର ଧାରା ୬୨ ଅଧୀନରେ ୧୯,୨୬୮ଟି ଆସେସ୍‌ମେଣ୍ଟ କରାଯାଇଛି।

# ବାତ୍ୟା ସମୟରେ ପ୍ରଶାସନ ସହ ଯୋଡ଼ିହୋଇ ରୁହ: ଅଗ୍ନିଶମ ଡିଜି

**କଟକ ଅଫିସ, ୩।୫:** ଅଗ୍ନିଶମ ଡିଜି ଏମ୍. ଅକ୍ଷୟ ସୋମବାର ଭର୍ଚୁଆଲ ମୋଡ୍‌ରେ ବିଭାଗର ବିଭିନ୍ନ ପଦସ୍ଥ ଅଧିକାରୀଙ୍କ ସହ ଏକ ବୈଠକ କରିଥିଲେ। ଏଥିରେ ପ୍ରାକ୍

**ପ୍ରାକ୍ ମୌସୁମୀ ବାତ୍ୟା ସମ୍ପର୍କିତ ବୈଠକ**

ମୌସୁମୀ ବାତ୍ୟା ସମ୍ପର୍କରେ ଆଲୋଚନା ହେବା ସହ ବାତ୍ୟା ସମୟରେ କିପରି ଭାବେ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖାଯିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବାତ୍ୟା ପରବର୍ତ୍ତୀ ପରିସ୍ଥିତିକୁ କିଭଳି ମୁକାବିଲା କରାଯିବ ଓ ଏଥିପାଇଁ ଆବଶ୍ୟକ ଯନ୍ତ୍ରପାତି, କୁଶଳୀ କର୍ମଚାରୀ ଅଛନ୍ତି କି ନାହିଁ ସେ ସମ୍ବନ୍ଧରେ ଅଗ୍ନିଶମ ଡିଜି ଅଧିକାରୀମାନଙ୍କଠାରୁ ବୁଝିଥିଲେ। ବାତ୍ୟା ସମୟରେ ଜିଲା ପ୍ରଶାସନ ସହ ଯୋଡ଼ିହୋଇ ରହିବା ପାଇଁ ସେମାନଙ୍କୁ କହିଥିଲେ। କୋଭିଡ୍ ସମୟରେ କିଛି ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ କୋଭିଡ୍ କେୟାର ସେଣ୍ଟର ଓ କୋଭିଡ୍ ହସ୍ପିଟାଲରେ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଅଗ୍ନିକାଣ୍ଡ ମୁକାବିଲା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମକ୍‌ଡ୍ରିଲ ମାଧ୍ୟମରେ ତାଲିମ ପ୍ରଦାନ ସମ୍ପର୍କରେ ପଚାରି ବୁଝିଥିଲେ।

# ୧୨ ଅଭିଯୁକ୍ତ କୋର୍ଟଚାଲାଣ

**କପ୍ତିପଦା,୩।୫(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଦେୱାନବାହାଳୀ ଗ୍ରାମରେ ଗତ ଶନିବାର ରାତିରେ ଚଇତି ପର୍ବ ପାଳନକୁ ନେଇ ପୋଲିସ କର୍ମଚାରୀଙ୍କୁ

**ଚଇତି ପର୍ବରେ ପୋଲିସକୁ ଆକ୍ରମଣ ଘଟଣା**

ମରଣାନ୍ତକ ଆକ୍ରମଣ ଘଟଣାରେ ୧୨ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ସେହି ଗ୍ରାମର ସିନୁ ସିଂ ଦେଓଗାମ, ରାମ ସିଂ, ଲେଦିଆ ମହାକୁଡ଼, ଗୁରୁଡ଼ା ସିଂ, ମଙ୍ଗତା ସିଂ, ଅଙ୍ଗଦ ବିନ୍ଧାଣୀ ଓ ଭୂତାସାହି ଗ୍ରାମର ଦାମନ ସିଂ, ଦୋମୁହାଁଣୀ ଗ୍ରାମର କର୍ଣ୍ଣିଲିଆ ସିଂ, କାଶୀଝରଣ ଗ୍ରାମର ସାନକୁଆଁର ସୋରେନ, ଖଟୁଆପଡ଼ା ଗ୍ରାମର ପ୍ୟାରୀମୋହନ ସୋରେନ, ସଦାନନ୍ଦପୁର ଗ୍ରାମର ଦେବେନ୍ଦ୍ର ସିଂ ଓ କେନ୍ଦୁଝର ଜିଲା ରାଇଘାଟୀ ଗ୍ରାମର ଶିବପ୍ରସାଦ ପିଙ୍ଗୁଆ। ଅନ୍ୟ ଦୁଇ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଏନେଇ ଥାନାରେ ଶତାଧିକ ଲୋକଙ୍କ ନାମରେ ମାମଲା(ନଂ.୩୨/୨୧) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଦେୱାନବାହାଳୀ ଗ୍ରାମରେ କୋଭିଡ୍ କଟକଣା ଉଲ୍ଲଂଘନ କରି ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ସମାଗମ ହୋଇ ଚଇତି ପର୍ବ ପାଳନ କରୁଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ସେମାନଙ୍କୁ ବାରଣ କରିବାରୁ ଶତାଧିକ ଲୋକ ଥାନା ଗାଡ଼ି ଭଙ୍ଗାରୁଜା କରିବା ସହ ଜଣେ ଏଏସ୍‌ଆଇ, ଜଣେ କନେଷ୍ଟବଳ ଓ ୨ ହୋମଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ କେଦାରନାଥ ସାହୁ ଓ କପ୍ତିପଦା ଥାନା ଆଇଆଇସି ସଞ୍ଜୟ ପ୍ରଧାନ ସଦଳବଳେ ଉକ୍ତ ଗ୍ରାମରେ ଚଢ଼ାଉ କରି ୧୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିବା ସୂଚନା ମିଳିଛି।

# ଚଢ଼େଇଙ୍କ ପାଇଁ ଗଛରେ ପାଣି, ଖାଦ୍ୟ

**ଗୋପ,୩।୫(ଡି.ଏନ୍.ଏ.)**



ଗୋପ ବ୍ଲକ ଅଞ୍ଚଳରେ ପିଇବା ପାଣି ସମସ୍ୟା ଏବେ ଉତ୍କଟ ରୂପ ସୃଷ୍ଟି କରିଥିବା ବେଳେ ମଣିଷଙ୍କଠାରୁ ଆରମ୍ଭ କରି ଗୋରୁ, ଚଢ଼େଇ ସବୁ ଉହଳବିକଳ ହେଉଛନ୍ତି। ଗତ କିଛିଦିନ ହେବ ଅଧିକ ଖରା ଯୋଗୁଁ ନଦୀ, ପୋଖରୀ ଓ କେନାଲ ମଧ୍ୟ ଶୁଖିଲା ପଡ଼ିଛି। ଏଭଳି ପରିସ୍ଥିତିରେ ବୀରତୁଙ୍ଗ ପଞ୍ଚାୟତର ସ୍ୱେଚ୍ଛାସେବୀ ସଂଗଠନ ଦି ସେବକ ପକ୍ଷରୁ ଗ୍ରାମାଞ୍ଚଳର ବିଭିନ୍ନ ଗଛରେ ଚଢ଼େଇଙ୍କ ଲାଗି ଖାଇବା ଓ ପିଇବା ପାଣି ଝୁଲାଯାଇଛି। ଯାହାଦ୍ୱାରା ଛୋଟ ପକ୍ଷୀମାନେ ଖରା ଦାଉରୁ ରକ୍ଷା ପାଇବା ପାଇଁ ପାଣି ଓ ଖାଦ୍ୟ ପାଇ ବଞ୍ଚିପାରିବେ। କିଛି ଦିନ ଧରି ଜିଲା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବୀରତୁଙ୍ଗ ପଞ୍ଚାୟତର ବିଭିନ୍ନ ସ୍ଥାନରେ ନଡ଼ିଆ, ଆମ୍ବ ଗଛ ସହ ଆଉ କେତେକ ଗଛ ଲଗାଯାଇଛି। କିନ୍ତୁ ଏହି ବିଭାଗ ପକ୍ଷରୁ ଗଛଗୁଡିକରେ ପାଣି ବ୍ୟବସ୍ଥା କରାଗଲା ନାହିଁ। ଦୀର୍ଘ ଦିନ ହେବ ସେଭଳି ଗଛ ସବୁ ପଡ଼ିରହିବାରୁ ଦି ସେବକ ସଂଘ ସଭାପତି ଆଲୋକ ଜେନା ନିଜଆଡୁ ନିଷ୍ପତ୍ତି ନେଇ ପ୍ରତ୍ୟେକ ଦିନ ସକାଳେ ଏବଂ ଅପରାହ୍ନରେ ଉକ୍ତ ଗଛଗୁଡ଼ିକରେ ପାଣି ଦିଆଗଲା। ଏଥିସହ ଶ୍‌ଗୋରୁ ଓ ଚଢ଼େଇମାନଙ୍କ ପାଇଁ ମଧ୍ୟ ଖାଦ୍ୟ ସହ ପାଣି ଯୋଗାଇ ଦିଆଯାଉଛି। ଅନ୍ୟପଟେ ଜଳସମ୍ପଦ ବିଭାଗ ଗଛ ଲଗାଇଥିଲେ ମଧ୍ୟ ପାଣି ଦେଉ ନ ଥିବାରୁ ସଂଗଠନ ପକ୍ଷରୁ କେନାଲରେ ପାଣି ଯୋଗାଇ ଦେବା ସହ ସରକାର ଗୃହପାଳିତ ପଶୁପକ୍ଷୀଙ୍କ ସମସ୍ୟା ପ୍ରତି ପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ସଂଘ ସଭାପତି ଜେନା କହିଛନ୍ତି, ପ୍ରାଣୀ ମଧ୍ୟରେ ମଣିଷ ସର୍ବଶ୍ରେଷ୍ଠ ହୋଇଥିବାରୁ ସବୁ ଜାଣିପାରୁଛି। କିନ୍ତୁ ପଶୁ ଓ ଚଢ଼େଇ କଥା କହିପାରୁ ନ ଥିଲେ ସୁଦ୍ଧା ସେମାନଙ୍କ ବଞ୍ଚିବା ପାଇଁ ପିଇବା ପାଣି ଓ ଖାଦ୍ୟର ଆବଶ୍ୟକତା ନିହାତି ଜରୁରୀ। ତେଣୁ ପଶୁପକ୍ଷୀଙ୍କ ସୁରକ୍ଷା ଲାଗି ଆମ ସଙ୍ଗଠନ ପକ୍ଷରୁ ଏପରି ଏକ କାର୍ଯ୍ୟ ଆରମ୍ଭ କରାଯାଇଛି। ଆଲୋକଙ୍କ ଏଭଳି କାର୍ଯ୍ୟ ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଓ ସଂଗଠନକୁ ସାଧୁବାଦ ଜଣାଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩ କୋଟି ୨୧ ଲକ୍ଷ ଦାନ

**ଭୁବନେଶ୍ୱର,୩।୫(ବ୍ୟୁରୋ):** ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ଏବଂ ଓଡ଼ିଶା ଜଳବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ କୋଭିଡ୍-୧୯ ନିମନ୍ତେ ୩ କୋଟି ୨୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ଓପିଜିସି ୧ କୋଟି ଟଙ୍କା ଏବଂ ଓଏଚ୍‌ପିସି ୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ବ୍ୟାଙ୍କ ଆର୍‌ଟିଜିଏସ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଏହି ଅର୍ଥ ପ୍ରଦାନ କରାଯାଇଛି। ସେହିପରି ରାଜ୍ୟର କୋଭିଡ୍ ଲଢ଼େଇରେ ନିଜର ଯୋଗଦାନ ସ୍ୱରୂପ ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୨୦ ଲକ୍ଷ ଟଙ୍କା ଦାନ କରିଛନ୍ତି। ସୋମବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଲୋକସେବା ଭବନଠାରେ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଓ ବିତ୍ତୀୟ ଉପଦେଷ୍ଟା ତେଜରାଜ ପ୍ରଧାନଙ୍କଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରିୟଦର୍ଶୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦୂରଦର୍ଶୀ କୋଭିଡ୍ ପରିଚାଳନା ଯୋଗୁ ଓଡ଼ିଶାରେ ମହାମାରୀ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। କୋଭିଡ୍ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟଠାରୁ ଭଲ ସ୍ଥିତିରେ ଅଛି। ଜନସାଧାରଣଙ୍କ ସହଯୋଗରେ ରାଜ୍ୟ ଅଧିକ ସଫଳତା ହାସଲ କରିବ। ଏତାଦୃଶ ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ ହାଉସିଂ ବୋର୍ଡ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର କୋଭିଡ୍ ଲଢ଼େଇରେ ନିଜର ଯୋଗଦାନ ସ୍ୱରୂପ ଲାଲ୍‌ଚାନ୍ଦ ମାହେଶ୍ୱରୀ ଶ୍ରୀ ମାର୍ବଲ୍ସ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ ଲକ୍ଷ ୧୧ ହଜାର ଟଙ୍କା ଦାନ କରିଛନ୍ତି। ମୁଖ୍ୟ ଶାସନ ସଚିବ ମହାପାତ୍ର ରାଜ୍ୟ ଲୋକସେବା ଭବନଠାରେ କମ୍ପାନୀ ପ୍ରୋପ୍ରାଇଟର ଲାଲ୍‌ଚାନ୍ଦ୍ ମାହେଶ୍ୱରୀଙ୍କ ଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି।

GOVERNMENT OF ODISHA
No. A-89
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER, KENDRAPARA
IRRIGATION DIVISION, KENDRAPARA, DISTRICT- KENDRAPARA
E-mail ID: kendrapadairrigationdivision@gmail.com
"e" Procurement Notice No. KID-01 of 2021-22

1. Name of Work : As per Detailed Tender Call Notice
2. Total No. of Packages : KID-01 to KID-12 of 2021-22 = 12 No(s) Individual Package
3. Estimated Cost of Package(s) varies from : Rs.9.67 to 67.15 lakhs
4. Cost of Tender Paper : Rs.4,000.00 to Rs.10,000.00
5. Bid Security : Bid Security Declaration to be furnished as per Annexure - I of Section - 2 of Bid Document.
6. Period of Completion : Sl. No. 1 = Six Months; Sl. No. 2 to Sl. No. 12 = Three Months
7. Transparent Lottery (if required) drawn on 28.05.2021 at 10.00 A.M. onwards.
8. Other details :

| Procurement Officer | Bid Identification No. | Availability of Tender Online for Bidding | | Date, Time & Place of Opening of Bid |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kendrapara, Irrigation Division, Kendrapara | KID-01 to KID-12 of 2021-22 Online | 06.05.2021 at 10.00 A.M. | 18.05.2021 upto 5.00 P.M. | 19.05.2021 at 11.00 A.M. O/o. the Executive Engineer, Kendrapara Irrigation Division, Kendrapara |

Further details can be seen from the Govt. website: www.tendersorissa.gov.in.
OIPR-32163/11/0001/2122 Sd./- Executive Engineer, Kendrapara Irrigation Division, Kendrapara

NOTICE INVITING BID
ODISHA STATE MEDICAL CORPORATION LIMITED (OSMCL)
In front of Ram Mandir, Convent Square, Unit - III, Bhubaneswar - 751 001
Tel. (0674) 2380950, Website: www.osmcl.nic.in, E-mail: logistics.osmcl.od@nic.in
Bid Ref. No. OSMCL/2021-22/DRUGS-DHS-RE-TENDER/11 Date: 05.05.2021
No. CAD-215: Online bids through e-Tender portal (https://tendersodisha.gov.in) are invited from eligible bidders for **Supply of Anti Cancer Items & Drugs & Medical Consumables (Re-Tender)** **as per the particulars mentioned below:**

| Sl. No. | Particulars | Date and Time | |
|---|---|---|---|
| 1 | Date & time of release of bid | 05.05.2021, 3 P.M. | |
| 2 | Date & time for submission of queries by E-Mail ID: logistics.osmcl.od@nic.in | 10.05.2021 upto 5.00 P.M. | |
| 3 | Date & time of Online bid submission | Start Date & Time | End Date & Time |
| | | 12.05.2021, 3 P.M. | 02.06.2021, 6.00 P.M. |
| 4 | Date & time for submission of Tender Documents, Tender Document Fee of tender document | Start Date & Time | End Date & Time |
| | | 03.06.2021, 10 A.M. | 09.06.2021, 11.00 A.M. |
| 5 | Date & time of online Technical bid opening | 09.06.2021, 11.15 A.M. | |
| 6 | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in. The authority reserves the right to accept/ reject any part thereof or all the bids without assigning any reason thererof.
OIPR-10112/11/0007/2122 Sd./- Managing Director, OSMC Ltd., Odisha

COLLECTORATE, GANJAM, CHATRAPUR
(D.S.W.O. SECTION)
Ph. #: 06811-263968, 262460, E-mail: dswoganjam@nic.in
No. 1511 Dt.29.04.21
SHORT QUOTATION CALL NOTICE
No. g-09: Sealed quotations in enclosed formats under two bid systems are invited from the reputed firms/agencies for printing & supply of Nua Arunima Abhyasa Pustika - I & II for pre-school children in AWCs of Ganjam District. The bidders are instructed to visit the official website of this office i.e. www.ganjam.nic.in for further details.
Sd./- Collector & District Magistrate
Ganjam, Chatrapur
OIPR-24124/11/0003/2122

COLLECTORATE, GANJAM, CHATRAPUR
(D.S.W.O. SECTION)
Ph. #: 06811-263968, 262460, E-mail: dswoganjam@nic.in
No. 1549 Dt.30.04.21
SHORT QUOTATION CALL NOTICE
No. g-08: Sealed quotations in enclosed formats under two bid systems are invited from the reputed firms/agencies for printing & supply of Child Assessment Cards or Mo Bikas Patra for pre-school children in AWCs of Ganjam District. The bidders are instructed to visit the official website of this office i.e. www.ganjam.nic.in for further details.
Sd./- Collector & District Magistrate
Ganjam, Chatrapur
OIPR-24124/11/0002/2122

DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA
Nayapalli, Bhubaneswar - 751012
Ph.: 2392032, 2393336, 2395338, 2393912, 2396072 (Hostel), Fax: 2391954
E-mail: sihfwodisha@gmail.com / sihfwodisha@nic.in
Tender No. 2135/Bhubaneswar Dated: 30.04.2021
(SIHFW-Soc-Manpower-08/2021)
TENDER NOTICE TOWARDS ENGAGEMENT OF MANPOWER SERVICE PROVIDER FOR THE DIRECTORATE OF S.I.H. & F.W., ODISHA
No. E-77: Sealed tenders are invited under Two Bid System from the reputed experienced Manpower Agencies/Service providers for outsourcing of different services of Directorate of S.I.H. & F.W., Odisha, Unit - 8, Nayapalli, Bhubaneswar w.e.f. 01.07.2021.
The detailed information for outsourcing the service of various posts has been given in the tender document which shall be downloaded from the official website http://sihfwodisha.nic.in & https://www.odisha.gov.in/tender within the period from 05.05.2021 to 26.05.2021. The tender documents shall be reached at the Office of the Director, S.I.H. & F.W., Odisha, Nayapalli, Bhubaneswar - 751012 by Regd. Post/Speed Post latest by 3 P.M. on 26.05.2021. Tender received other than Regd. Post and Speed Post shall summarily be rejected.
Any revision, clarification, addendum, corrigendum, time-extension etc. to the above mentioned tender notice will be hoisted on the above mentioned websites only. No separate notification shall be issued in the press.
Sd./- Director
State Institute of Health & Family Welfare Odisha
Date: 30.04.2021
OIPR-10003/11/0023/2122

OFFICE OF THE MUNICIPAL COUNCIL, BARBIL
No. 1992 QUOTATION CALL NOTICE Date; 30.04.21
No. C-204: The Executive Officer, Barbil Municipality on behalf of Barbil, Dist.-Keonjhar invites sealed quotations from the intending registered firms/authorized dealers/distributors/suppliers and manufacturers for Supply, Installation & Commissioning of Outdoor Park item at Shiv Lal Park at Barbil under Barbil Municipality. The prescribed quotation schedule can be obtained from the office of the Barbil Municipality on payment of Rs.2,500/- (Rupees two thousand five hundred) only including GST in shape of Cash/Bank Draft/Bankers Cheque drawn in favour of the Executive Officer, Barbil Municipality payable at Barbil from any Nationalized Bank from date: 03.05.2021 to date: 13.05.2021 upto 11.00 A.M. during office hour except holidays.
The quotation paper along with all documents should reach the undersigned by Regd. Post/Speed Post/Courier Service or by person on or before date: 17.05.2021 upto 10.00 A.M. will in no way, be responsible for any delay in receipt of the quotation documents. The quotation will be opened on the same date at 11.00 A.M. in presnece of the quotationer or their authorized representative if any. The quotation received beyond the schedule date and time will not be considered at all.
All terms and conditions may be seen in the quotation schedule. The undersigned has the rights to accept, cancel or reject any or all the quotations without assigning any reason thereof.
By Order of Administrator
Sd./- Executive Officer, Barbil Municipality
OIPR-13108/11/0003/2122

ZILLA SWASTHYA SAMITI, KORAPUT
NATIONAL URBAN HEALTH MISSION
Advt. 2586/2021 Date: 30.04.2021
No. E-76: In response to the advertisement No. 1044 Dtd.18.03.2021 of CDM & PHO, Koraput, the final selected list of candidates for "In house selection for the post of Staff Nurse, LT & Data Assistant-cum-Accountant" under NUHM has been published in the district website www.koraput.nic.in.
Sd./- CDM & PHO cum District Mission Director, Koraput
OIPR-10077/11/0006/2122

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, JHARSUGUDA
(Department of Health & FW, Govt. of Odisha)
Advt. No. 4175/2021 Date: 03.05.2021
WALK-IN-INTERVIEW
The eligible candidates (fresher/retired) are encouraged to apply for the different positions for filling up of the following posts on **Daily Wage Basis** in Jharsuguda district for providing services on COVID-19 for the period upto 31st July 2021, which may be further extended if, situation so warrants. Interested candidate fulfilling eligible criteria can apply as per the prescribed format **on or before 12.05.2021 (01.00 P.M.)**.

| Sl. No. | Name of the Post | No. of Post |
|---|---|---|
| 1 | Staff Nurse | 10 |
| 2 | Pharmacist | 05 |
| 3 | Lab. Technician | 06 |
| 4 | Radiographer | 01 |
| 5 | MPHW (M) | 08 |
| 6 | Microbiologist | 01 |
| 7 | AYUSH Doctor (Ayurvedic) - 2 + (Homoeopathic) - 2 | 04 |

The vacancy shown above may increase or decrease at the time of actual engagement. The detail eligibility criteria, general information & application form is available in the district website www.jharsuguda.nic.in. Eligible candidates may download the application form and send the same in e-mail (cdmojharsuguda@gmail.com)/Post/Courier/by Hand and the same should reach in the Office of the CDM & PHO, Jharsuguda as per the schedule date and time. Candidates are requested to log on the district website on regular interval and no personal communication will be entertained. The undersigned reserves all right to accept or reject the candidature of the candidates without assigning any reason thereof. Typographical error (if any) may be exempted.
Sd./- Dr. Lalmohan Routray
Chief District Medical & Public Health Officer, Jharsuguda

## କୋଭିଡ୍ କେୟାର ସେଣ୍ଟର ଖୋଲିବାକୁ ଦାବି

**ଚୌଦ୍ୱାର,(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଅଞ୍ଚଳରେ କରୋନା ପରୀକ୍ଷା ପାଇଁ ବ୍ୟବସ୍ଥା ନାହିଁ। ଫଳରେ ଲୋକମାନେ ବାଧ ହୋଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା କଟକ ବଡ ମେଡିକାଲକୁ କରୋନା ଟେଷ୍ଟିଂ ପାଇଁ ଯାଉଛନ୍ତି। ସେଠାରେ ଭିଡ ରହୁଥିବାରୁ ସେମାନେ ନିରାଶ ହୋଇ ଫେରୁଛନ୍ତି। ଏହାକୁ ନେଇ ସେମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ସହରାଞ୍ଚଳରେ ଏକ କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା ପାଇଁ ଦାବି ହୋଇଛି। ଏ ନେଇ ସୋମବାର ଚୌଦ୍ୱାର ଜନସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର ଆବାହକ ସଞ୍ଜୀବ ଜେନା, ଯୁଗ୍ମ ଆବାହକ ବିନୟ କୁମାର ସାହୁ, ଭାନୁଶ୍ରୀ ମହାରଣାଙ୍କ ସମେତ ବହୁ ସଦସ୍ୟ ପୌରାଧିକାରୀ ପବିତ୍ର ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

## ସଂକ୍ଷେପରେ

### କମର୍ସିଆଲ କୋର୍ଟ ଉଦ୍‌ଘାଟିତ

**କଟକ ଅଫିସ,୩।୫:** କଟକ ଜିଲାର କଟକ ସଦର ଅଞ୍ଚଳରେ କମର୍ସିଆଲ କୋର୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଉକ୍ତ କୋର୍ଟ ପ୍ରତିଷ୍ଠା ହେବା ଦ୍ୱାରା ବ୍ୟବସାୟିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହେବା ସହ ବ୍ୟବସାୟ ଅନ୍ତର୍ଗତ ବିଭିନ୍ନ ପ୍ରକାର ଚୁକ୍ତି, ଅର୍ଥ ଆଦାୟ ଓ କ୍ଷତିପୂରଣ ମାମଲାରେ ଶୀଘ୍ର ନ୍ୟାୟ ପ୍ରଦାନ କରାଯାଇପାରିବ। ଏହି କାର୍ଯ୍ୟକ୍ରମରେ ବିଚାରପତି ବିଶ୍ୱଜିତ୍ ମହାନ୍ତି, ବିଚାରପତି ଦେବବ୍ରତ ଦାସଙ୍କ ସମେତ ହାଇକୋର୍ଟର ସମସ୍ତ ବିଚାରପତି ଉପସ୍ଥିତ ରହିଥିଲେ।

### ଚୌଦ୍ୱାରରେ ଖୋଲିଲା ସଙ୍ଗରୋଧ କେନ୍ଦ୍ର

**ଚୌଦ୍ୱାର,୩।୫(ଡି.ଏନ୍.ଏ.):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚୌଦ୍ୱାର ପୌରପାଳିକା ପକ୍ଷରୁ ସ୍ଥାନୀୟ ଗାନ୍ଧୀଛକସ୍ଥିତ ଟାଉନ୍‌ହଲ୍ ଏବଂ କଲ୍ୟାଣ ମଣ୍ଡପରେ ଦୁଇଟି ଅସ୍ଥାୟୀ ସଂଗରୋଧ କେନ୍ଦ୍ର ଖୋଲାଯାଇଛି। ଟାଉନ୍‌ହଲରେ ୩୦ ଓ କଲ୍ୟାଣ ମଣ୍ଡପରେ ୨୦ ଶଯ୍ୟା ବ୍ୟବସ୍ଥା କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା ସୂଚନା ଦେଇଛନ୍ତି। ସଂକ୍ରମଣ ସଂଖ୍ୟା ବଢ଼ିଲେ ପରବର୍ତ୍ତୀ ସମୟରେ ଅଧିକ ଶଯ୍ୟା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### କୋଭିଡ୍ ଆକ୍ରାନ୍ତଙ୍କୁ ମାଗଣାରେ ରନ୍ଧାଖାଦ୍ୟ ଦିଆଯିବ

**କଟକ ଅଫିସ,୩।୫:** ସାମାଜିକ ସଙ୍ଗଠନ ସ୍ୱପ୍ନା ଫାଉଣ୍ଡେଶନ ପକ୍ଷରୁ ସୋମବାର ହେଲ୍ପ ଲାଇନ ନମ୍ବର ୯୭୬୮୮୮୮୮୯ ଜାରି କରାଯାଇଛି। କୋଭିଡ୍‌ରେ ଆକ୍ରାନ୍ତ ହୋଇ ଆଇସୋଲେଶନରେ ରହୁଥିବା ବ୍ୟକ୍ତିମାନେ ଏହି ନମ୍ବରରେ ଯୋଗାଯୋଗ କରି ଖାଇବା ମଗାଇପାରିବେ। ସଙ୍ଗଠନର କର୍ମକର୍ତ୍ତାମାନେ ରନ୍ଧାଖାଦ୍ୟ ଅତି ସୁରକ୍ଷିତ ଭାବେ ପ୍ୟାକିଂ କରି ସେମାନଙ୍କ ପାଖରେ ପହଞ୍ଚାଇବେ। କରୋନାରେ ଆକ୍ରାନ୍ତ ହୋଇ ସଙ୍ଗରୋଧରେ ରହୁଥିବା ଅନେକ ଲୋକ ରୋଷେଇ କରିବା ପାଇଁ ହଇରାଣ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ସଙ୍ଗଠନର ପ୍ରତିଷ୍ଠାତା ସୁଧାଂଶୁ ପାତ୍ର କହିଛନ୍ତି। ଉକ୍ତ ଖାଦ୍ୟ ପାଇଁ ଟଙ୍କା ନିଆଯିବ ନାହିଁ ବୋଲି ସେ କହିଛନ୍ତି।

### ସମୀର ଦେଙ୍କ ଆରୋଗ୍ୟ ନିମନ୍ତେ ଦୀପଦାନ

**କଟକ ଅଫିସ, ୩।୫:** ପୂର୍ବତନ ମନ୍ତ୍ରୀ ସମୀର ଦେ କରୋନାରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆରୋଗ୍ୟ କାମନା କରି ଭାଜପା ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତାମାନେ ସୋମବାର ଝାଞ୍ଜିରିମଙ୍ଗଳା ମନ୍ଦିରରେ ଦୀପଦାନ କରିଛନ୍ତି। ଦଳର ପୂର୍ବତନ ଜିଲା ସଭାପତି ଲକ୍ଷ୍ମୀଧର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ, ଲଲାଟେନ୍ଦୁ ଦାସ, ଗଗନ ଓଝା, ଦେବାଶିଷ ରାୟ, ବିଜୟ ନାୟକ, ମୀନକେତନ ଦାସ, ପ୍ରବୀଣା ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

### 'ଗରିବ ପରିବାରକୁ ମାସିକ ୭୫୦୦ ଟଙ୍କା ଦିଆଯାଉ'

**କଟକ ଅଫିସ,୩।୫:** ରାଜ୍ୟ ସରକାର ଆସନ୍ତା ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କଟକ ଜିଲା କମିଟି ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ତେବେ ଏହାଦ୍ୱାରା ରାଜ୍ୟରେ ସଙ୍ଗଠିତ ଓ ଅଣସଙ୍ଗଠିତ ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ, ଘରୋଇ ଶ୍ରମିକ, ହୋଟେଲ କର୍ମଚାରୀ, ଅଟୋ ଡ୍ରାଇଭର, ରିକ୍ସା ଚାଳକ ତଥା ବସ୍ତି ଅଞ୍ଚଳବାସୀ ଅଧିକ ପ୍ରଭାବିତ ହେବେ ବୋଲି ସିପିଆଇ ପକ୍ଷରୁ କୁହାଯାଇଛି। ଏଣୁ ରାଜ୍ୟ ଓ କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ୍, ରନ୍ଧନ ଗ୍ୟାସ୍, ବିଦ୍ୟୁତ୍ ଶୁଳ୍କ ଛାଡ଼ କରନ୍ତୁ। ଏଥିସହ ଇନ୍‌କମ୍ ଟ୍ୟାକ୍ସ ପରିସରଭୁକ୍ତ ନ ଥିବା ପରିବାରଙ୍କୁ ମାସିକ ୭୫୦୦ ଟଙ୍କା ଦେବାକୁ ସିପିଆଇ ଦାବି କରିଛି। ଏ ନେଇ ସିପିଆଇ ନଗର ସମ୍ପାଦକ ବିନୋଦ ବେହେରା, ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ରାମଚନ୍ଦ୍ର ବେହେରା, ଅଶୋକ ତାହା, ସାନନ୍ଦ ସେଠୀ, ଜଗନ୍ନାଥ ମଲ୍ଲିକ, କନକ ଦାସ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ଫ୍ରି-ଫାୟାର ଗେମ୍ ପାଇଁ ମୃତ୍ୟୁ ସନ୍ଦେହ

## ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୩।୫(ବ୍ୟୁରୋ)

ଖାରବେଳନଗର ଥାନା ଅନ୍ତର୍ଗତ ରାଜକୁମାର ବସ୍ତିରେ ଏକ ଅଭାବନୀୟ ଘଟଣା ଘଟିଛି। ସୋମବାର ବନ୍ଦ କୋଠରୀରୁ ଝୁଲନ୍ତା ଅବସ୍ଥାରେ ଜଣେ ନାବାଳକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଉକ୍ତ ଘରେ ତାଙ୍କ ସାଙ୍ଗ ଶୋଇଥିବାବେଳେ ମୃତଦେହ ନିକଟରେ ଏକ ମୋବାଇଲ୍ ଫୋନ୍ ମିଳିଛି। ମୋବାଇଲ୍‌ରେ ଫ୍ରି-ଫାୟାର ଗେମ୍ ଅନ୍ ରହିଥିବାରୁ ବାଳକଙ୍କ ମୃତ୍ୟୁ ସହ ଏହାର ଲିଙ୍କ୍ ରହିଥିବା ପୋଲିସ ସନ୍ଦେହ କରୁଛି। ଏପଟେ ପରିବାର ଲୋକେ ମଧ୍ୟ ସମାନ ଆଶଙ୍କା କରୁଛନ୍ତି। ଗେମ୍ ପାଇଁ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ବୟାନ ରେକର୍ଡବେଳେ ପୋଲିସକୁ କହିଛନ୍ତି। ପୋଲିସ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୧) ରୁଜୁ କରି ଅନ୍ୟସବୁ ଦିଗକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିଛି।

ମୃତ ନାବାଳକ ହେଲେ ଯଶୋବନ୍ତ ରାଉତରାୟ। ବୟସ ମାତ୍ର ୧୨ ବର୍ଷ। ସେ ଜାଭିୟର ସ୍କୁଲ୍‌ର ଛାତ୍ର। ତାଙ୍କ ବାପାଙ୍କ କହିବାନୁସାରେ, ସ୍କୁଲ୍ ଛୁଟି ଥିବାରୁ ଯଶୋବନ୍ତ ସବୁବେଳେ ମୋବାଇଲ୍ ଫୋନ୍‌ରେ ଫ୍ରି-ଫାୟାର ଗେମ୍ ଖେଳନ୍ତି। ରବିବାର ରାତିରେ ତା'ର ଜଣେ ସାଙ୍ଗ ଘରକୁ ଆସିଥିଲେ। ଖାଇସାରିବା ପରେ ଦୁହେଁ ଏକାଠି ଗୋଟିଏ ଘରେ ଶୋଇଥିଲେ। ସକାଳ ହେବାରୁ ବାପା ଘର କବାଟ ବାଡ଼େଇଥିଲେ। ହେଲେ କେହି କବାଟ ଫିଟାଇ ନ ଥିଲେ। ସନ୍ଦେହରେ କବାଟ ଭାଙ୍ଗିଦେଇଥିଲେ। ଭିତରେ ପୁଅ ବେକରେ ଗାମୁଛା ବାନ୍ଧି ଫ୍ୟାନ୍‌ରେ ଝୁଲୁଥିବା ଦେଖି ହତବାକ ହୋଇଯାଇଥିଲେ। ଏଥିସହିତ ନାବାଳକଙ୍କ ସାଙ୍ଗ ବେଡ୍‌ରେ ନିଦରେ ଶୋଇଥିଲେ। ତୁରନ୍ତ ଘଟଣା ସମ୍ପର୍କରେ ଖାରବେଳନଗର ଥାନାକୁ ଫୋନ୍ କରି ଜଣାଇବା ପରେ ପୋଲିସ ଟିମ୍ ପହଞ୍ଚିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନ୍‌ଭିନ୍ କରିଥିଲା। ପୋଲିସ ପରିବାର ଲୋକଙ୍କ ବୟାନ ରେକର୍ଡ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା କହିଛି।

ସୂଚନାଯୋଗ୍ୟ, ବର୍ତ୍ତମାନ ସ୍କୁଲ୍ ବନ୍ଦ ରହିଥିବାରୁ ପିଲାମାନେ ଏବେ ଘରେ ରହୁଛନ୍ତି। ଅଧିକାଂଶ ପିଲା ପାଠପଢ଼ା ପରେ ମୋବାଇଲ୍ ଫୋନ୍ ସହ ସମୟ ବିତାଉଛନ୍ତି। ଇଣ୍ଟରନେଟ୍‌ରେ ମନଇଚ୍ଛା ସାଇଟ୍ ଖୋଲି ଦେଖୁଛନ୍ତି। ଅଧିକାଂଶ ବିଭିନ୍ନ ଗେମ୍‌ରେ ନିଜକୁ ନିମଗ୍ନ ରଖୁଛନ୍ତି। ଫଳରେ ଗେମ୍ ଦ୍ୱାରା ପିଲାଙ୍କ କୋମଳ ମନ ପ୍ରଭାବିତ ହୋଇ ଆତ୍ମହତ୍ୟା ଭଳି ପନ୍ଥାକୁ ଆପଣାଉଥିବା ପୂର୍ବରୁ ନଜିର ରହିଛି। ତେଣୁ ପିଲାଙ୍କୁ ମୋବାଇଲ୍ ଦେବା ପୂର୍ବରୁ ଅଭିଭାବକମାନେ ଗାଇଡ୍ କରିବା ସହ ନଜର ରଖିବା ଆବଶ୍ୟକ ବୋଲି ମନସ୍ତତ୍ତ୍ୱବିତ୍‌ମାନେ କହିଛନ୍ତି।



ଖରାବେଳେ ଭୁବନେଶ୍ୱର ବିନ୍ଦୁସାଗରରେ ପିଲାମାନେ ଗାଧୋଇବାର ମଜା ନେଉଛନ୍ତି।

## ଅଙ୍ଗନୱାଡି କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

କଟକ ସଦର,୩।୫(ଡି.ଏନ.ଏ.)

କନ୍ଦରପୁର ଥାନା ଅଧୀନ ଗତିରାଉତପାଟଣା (ରଥସାହି) ଗ୍ରାମର ଅଙ୍ଗନୱାଡି ରକ୍ମିଣୀ ସେଠୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ରବିବାର ଅଭିଯୋଗ ହୋଇଛି। ଅଙ୍ଗନୱାଡି କର୍ମୀଙ୍କ ମୁଣ୍ଡରେ ଆଘାତ ଲାଗିବାରୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏ ନେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୧୧/୨୧) ରୁଜୁ କରିଛି। ଜମିବାଡି ବିବାଦକୁ ନେଇ ଏହି ଆକ୍ରମଣ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଶନିବାର ରକ୍ମିଣୀ ଗାଧୋଇ ସାରି ଘରକୁ ଫେରୁଥିବାବେଳେ ପଡୋଶୀ ଘରର ଜଣେ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି।

## ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି

କଟକ ଅଫିସ, ୩।୫

ଅଙ୍ଗନୱାଡି କର୍ମୀ ୬୨ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦେଶନାମା ରହିଛି। ଏହାର ଅବମାନନା କରି କଟକ ସିଟି-୨ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଗଙ୍ଗାମନ୍ଦିର ଅଙ୍ଗନୱାଡି କର୍ମୀ ଚନ୍ଦନା ପାଲ (୬୦)ଙ୍କୁ ୨୭।୧୧।୨୦ରେ କାର୍ଯ୍ୟରୁ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଆଦେଶକୁ ଚ୍ୟାଲେଞ୍ଜ କରି ଅଙ୍ଗନୱାଡି କର୍ମୀ ଚନ୍ଦନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏ ସମ୍ପର୍କିତ ମାମଲାର ଶୁଣାଣି କରି ୨୭।୪।୨୧ରେ କଟକ ସିଟି-୨ ସିଡିପିଓଙ୍କ ପକ୍ଷରୁ ବହିଷ୍କାର ନିର୍ଦ୍ଦେଶକୁ ସ୍ଥଗିତ ରଖିବା ସହ ଅଙ୍ଗନୱାଡି କର୍ମୀଙ୍କୁ ୬୨ ବର୍ଷ ପର୍ଯ୍ୟନ୍ତ କାମ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ, କଟକ ଜିଲାପାଳ, ଉପଜିଲାପାଳ, କଟକ ସିଟି-୨ ସିଡିପିଓଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ସୂଚନାଥାଉ କି, ଭାରତୀୟ ମଜଦୁର ସଂଘ ଦ୍ୱାରା ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର ଆସୋସିଏଶନ ତରଫରୁ ୧୨।୧।୨୦୧୯ରେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ ସମୟରେ ମୁଖ୍ୟମନ୍ତ୍ରୀ ଅଙ୍ଗନୱାଡି କର୍ମୀଙ୍କ ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିଥିଲେ।

## ରେଲୱେ ପ୍ରିପେଡ୍ ଅଟୋ ସଦସ୍ୟଙ୍କୁ ପରିଚୟପତ୍ର, ୟୁନିଫର୍ମ ପ୍ରଦାନ ଦାବି

କଟକ ଅଫିସ, ୩।୫

କଟକ ରେଲୱେ ଷ୍ଟେଶନରେ ୨୦୧୧ରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ କଟକ ରେଲୱେ ପ୍ରିପେଡ୍ ଅଟୋ ଆସୋସିଏଶନର ୨୧୦ ଜଣ ସଦସ୍ୟ ଅଟୋ ସେବା ଯୋଗାଇ ଆସୁଛନ୍ତି। ଗତବର୍ଷ କରୋନା ସମୟରେ ମଧ୍ୟ ନିଜ ଜୀବନକୁ ବାଜି ଲଗାଇ ସେବା ଯୋଗାଇଛନ୍ତି। ସେମାନଙ୍କୁ ପରିଚୟପତ୍ର, ୟୁନିଫର୍ମ ପ୍ରଦାନ କରାଯାଇନାହିଁ ବୋଲି ଆସୋସିଏଶନ ପକ୍ଷରୁ ସୋମବାର କଟକ ରେଲୱେ ଷ୍ଟେଶନ ଗେଟ୍ ନମ୍ବର-୨ ପ୍ରିପେଡ୍ କାଉଣ୍ଟର ସମ୍ମୁଖରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଆସୋସିଏଶନ ପକ୍ଷରୁ କୁହାଯାଇଛି, ଆସନ୍ତା ୫ ତାରିଖରୁ ରାଜ୍ୟ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ଟ୍ରେନ୍ ଚଳାଚଳ ସ୍ୱାଭାବିକ ଥିବାରୁ ଅଟୋସେବା ଯୋଗାଇବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ସହଯୋଗ କରିବାକୁ ଦାବି କରାଯାଇଛି। ଏଥିସହ ୨୧୦ ସଦସ୍ୟଙ୍କୁ ପରିଚୟ ପତ୍ର, ୟୁନିଫର୍ମ ପ୍ରଦାନ, ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟବୀମାଭୁକ୍ତ କରିବାକୁ ଆସୋସିଏଶନ ଦାବି କରିଛି। ସେହିପରି ଅଟୋ ଚଳାଚଳ ସ୍ଥାନକୁ ସାନିଟାଇଜ କରିବା ଓ ଆସୋସିଏଶନ ସଦସ୍ୟଙ୍କୁ କୋଭିଡ୍ ଟିକା ପ୍ରଦାନ କରିବାକୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ଆସୋସିଏଶନ ସଭାପତି ଲୋକନାଥ ଲେଙ୍କା, ବସୁଦେବ ଦାସ, ଦେବେନ୍ଦ୍ର ପାଣିଗ୍ରାହୀ, ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ର ସଂସଦ ପାଠାଗାରର ବାର୍ଷିକୋତ୍ସବ

ଟାଙ୍ଗୀ, (କଟକ) ୩।୫(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦ ପାଠାଗାରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ପାଠାଗାର ଅଧ୍ୟକ୍ଷ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅଜୟ କୁମାର ପୃଷ୍ଟି ପାଠାଗାର ସମ୍ପର୍କରେ ସୂଚନା ଦେଇଥିଲେ। ଉକ୍ତ ଉତ୍ସବରେ ବ୍ଲକ ଅଞ୍ଚଳର ତୃତୀୟ, ପଞ୍ଚମ ଶ୍ରେଣୀରେ ମେଧାବୃତ୍ତି ପାଇଥିବା ଏବଂ ଓଡ଼ିଆ ଭାଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହିତ କପ ମୁଖ୍ୟଅତିଥି ପ୍ରଦାନ କରିଥିଲେ। ନର୍ସିଂ ପାଠ୍ୟକ୍ରମ ସ୍ନାତକର କୃତୀ ଛାତ୍ରୀ ଏଲିନା ସାହୁ ରାଜ୍ୟପାଳଙ୍କ ଦ୍ୱାରା ସ୍ୱର୍ଣ୍ଣ ପଦକ ପୁରସ୍କାର ପ୍ରାପ୍ତ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସତ୍ୟ



@ ପବିତ୍ର



@ ମନ୍ମଥ



@ ବିଜୁ



@ ସୂର୍ଯ୍ୟକାନ୍ତ



@ ସୁଶୀଲ



@ ରିଧିକାନ୍ତ

## ମାମଲା ବିଚାରାଧୀନ ଥିଲାବେଳେ ଜମି ବିକ୍ରି ପାଇଁ ବିଜ୍ଞପ୍ତି

**ବଗଲା ଧର୍ମଶାଳା ଜମି ବିକ୍ରି ମାମଲା**

- ସମ୍ବିତ୍ ପାତ୍ରଙ୍କ ପକ୍ଷରୁ ପ୍ରତିଜବାବ ଦାଖଲ

କଟକ ଅଫିସ, ୩।୫

ପୁରୀ ବଗଲା ଧର୍ମଶାଳା ଜମି ବିକ୍ରି ମାମଲା ହାଇକୋର୍ଟରେ ବିଚାରାଧୀନ ଥିବାବେଳେ ପ୍ରଶାସନ ପକ୍ଷରୁ ଧର୍ମଶାଳାର କିଛି ଜମିକୁ ଆଉ ୬ ଜଣଙ୍କୁ ବିକିବା ଲାଗି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ମାମଲାର ଶୁଣାଣି ଶେଷ ନ ହେବା ପର୍ଯ୍ୟନ୍ତ ଏହି ଜମି ଉପରେ କୌଣସି ନିର୍ମାଣ କରାଇ ନ ଦେବା ପାଇଁ ଆବେଦନକାରୀ ଜଗନ୍ନାଥ ବସ୍ତିଆ ହାଇକୋର୍ଟରେ ଏକ ମିସ୍‌କେସ୍ ଦାଏର କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଏବଂ ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ମାମଲାର ଶୁଣାଣି କରିଛନ୍ତି। ତେବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଅଗଷ୍ଟ ୯କୁ ଦିନ ଧାର୍ଯ୍ୟ ହୋଇଛି।

ଆବେଦନକାରୀ ବସ୍ତିଆ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି, ବଗଲା ଧର୍ମଶାଳାର ମୋଟ୍ ୨ ଏକର ୫୭୪ ଡିସିମିଲ୍ ଜମି ରହିଛି। ସେଥିମଧ୍ୟରୁ ୩୪୦ ଡିସିମିଲ୍ ଜମିକୁ ପୁରୀ ଜିଲାପାଳ ୨୦୨୦ ଅଗଷ୍ଟ ୫ରୁ ୧୨ ତାରିଖ ମଧ୍ୟରେ ୬ ଜଣ ଲଜିଂ ମାଲିକଙ୍କୁ ବିକ୍ରି କରି ଦେଇଥିଲେ। ଏହାକୁ ବିରୋଧ କରି ରୁଜୁ ହୋଇଥିବା ମାମଲାରେ ହାଇକୋର୍ଟ ଗତ ଜାନୁୟାରୀ ୧୧ ତାରିଖରେ ପୁରୀ ଜିଲାପାଳଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ଗତ ମାର୍ଚ୍ଚ ୨ ତାରିଖରେ ପୁରୀ ଜିଲାପାଳ ଆଉ ୬ ଜଣଙ୍କୁ ଜମି ବିକ୍ରି ପାଇଁ ଏକ ସାନି ବିଜ୍ଞପ୍ତି ଜାରି କରିଛନ୍ତି।



ଏ ସମ୍ପର୍କରେ ଜଣାପଡିବା ପରେ ଆବେଦନକାରୀ ପୁରୀ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କିନ୍ତୁ ଜିଲାପାଳ ଏହା ଉପରେ କୌଣସି ପଦକ୍ଷେପ ନ ନେବାରୁ ସେ ହାଇକୋର୍ଟରେ ଏହି ମିସ୍‌କେସ୍ ରୁଜୁ କରିଛନ୍ତି। ଅପରପକ୍ଷରେ ଭାଜପା ନେତା ଡ. ସମ୍ବିତ୍ ପାତ୍ର ଏ ସମ୍ପର୍କିତ ମାମଲାରେ ସୋମବାର ପ୍ରତିଜବାବ ଦାଖଲ କରିଛନ୍ତି। ଜଗନ୍ନାଥଙ୍କ ଅମୃତମଣୋହି ଜମି ଅନ୍ତର୍ଗତ ବଗଲା ଧର୍ମଶାଳା ଆସୁଛି। ପ୍ରଶାସନ ଏହି ଜମିକୁ ବିକି ଭକ୍ତଙ୍କୁ ଭଗବାନଙ୍କଠାରୁ ଦୂରେଇବାକୁ ଚେଷ୍ଟା କରୁଛି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ବ୍ରାଉନସୁଗାର ଜବତ: ଜଣେ ଗିରଫ

କଟକ ଅଫିସ, ୩।୫

କଟକ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ସୋମବାର ଚଢାଉ କରାଯାଇ ବ୍ରାଉନସୁଗାର ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅବକାରୀ ଗୋଇନ୍ଦା ବିଭାଗ ଇନ୍‌ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲଙ୍କ ସୂଚନାନୁଯାୟୀ, ବାଙ୍କୀ ନୂଆଗାଁ ଅଞ୍ଚଳରେ ପୂର୍ବାହ୍ନ ୧୧ଟାରେ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଏହି ସମୟରେ ଅଭିଯୁକ୍ତ ପ୍ରତାପ କୁମାର ରାଉତ(୩୮)କୁ ଗିରଫ କରାଯିବା ସହିତ ତାଙ୍କ ନିକଟରୁ ୨୨୦ ଗ୍ରାମ୍ ବ୍ରାଉନ ସୁଗାର ଜବତ କରାଯାଇଥିଲା। ଜବତ୍ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୨ ଲକ୍ଷ ଟଙ୍କା ହେବ ବୋଲି ସାମଲ ସୂଚନା ଦେଇଛନ୍ତି।

## ଥାନାରେ ଯୁବକଙ୍କ ଆତ୍ମହତ୍ୟା

ଗୋପାଳପୁର,୩।୫

ଗଞ୍ଜାମ ଜିଲା ଗୋଳନ୍ଥରା ଥାନାରେ ଜଣେ ଯୁବକ ସୋମବାର ରାତି ପ୍ରାୟ ୮ଟାରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଏହି ଥାନା ଅନ୍ତର୍ଗତ ରଙ୍ଗିପୁର ଗ୍ରାମର ଗଣେଶ ଡାକୁଆ। ଅପରାହ୍ନରେ ରଙ୍ଗିପୁର ପଞ୍ଚାୟତ କାର୍ଯ୍ୟାଳୟରେ ରାଶନ ଚାଉଳ ବଣ୍ଟା ହେଉଥିବା ବେଳେ ଗଣେଶ ଗଣ୍ଡଗୋଳ କରିଥିଲେ। ଏ ନେଇ ଥାନାକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ଗଣେଶଙ୍କୁ ଥାନାକୁ ଆଣି ମହିଳା ଓ ଶିଶୁ ଡେସ୍କରେ ରଖିଥିଲା। ରାତି ପ୍ରାୟ ୮ଟାରେ ଗଣେଶ ବେକରେ ପିନ୍ଧିଥିବା ବେଲ୍ଟ ବାନ୍ଧି ଓହଳି ପଡିଥିଲେ। ପୋଲିସ କର୍ମଚାରୀ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଆବେଲ ହୋଇ ପାରନ୍ତି ବର୍କସାୟାର ହାଥାୱେ ସିଇଓ

**ନୂଆଦିଲ୍ଲୀ,୩।୫:** ବର୍କସାୟାର ହାଥାୱେ ଇଙ୍କ୍‌ର ଉତ୍ତରାଧିକାରୀ କିଏ ହେବ ସେ ନେଇ କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ଏହା ଉପରୁ କମ୍ପାନୀର ମୁଖ୍ୟ ୱାରେନ ବଫେଟ ପରଦା ହଟାଇଛନ୍ତି। ସେ ସିଇଓ ପଦବୀରୁ ଓହରିବା ପରେ ତାଙ୍କ ସ୍ଥାନରେ ଗ୍ରେଗ୍ ଆବେଲଙ୍କୁ ନୂଆ ସିଇଓ ନିଯୁକ୍ତ କରାଯାଇପାରେ ବୋଲି ବଫେଟ୍ ସ୍ପଷ୍ଟ କରିଛନ୍ତି। ବଫେଟ(୯୦) ଏକ ସାକ୍ଷାତ୍କାରରେ କହିଛନ୍ତି, ଆଜି ରାତିରେ ଯଦି କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ କିଛି ନିଷ୍ପତ୍ତି ନିଅନ୍ତି ତେବେ ଗ୍ରେଗ୍ ଆସନ୍ତାକାଲିଠାରୁ ନୂଆ ଦାୟିତ୍ୱ ଗ୍ରହଣ କରିବେ। ଯଦି ଆବେଲଙ୍କୁ ନେଇ କିଛି ନିଷ୍ପତ୍ତି ନ ହୁଏ ତେବେ ଅଜିତ ଜୈନ ନୂଆ ଦାୟିତ୍ୱ ନେଇପାରନ୍ତି। ଅଜିତ ବର୍ତ୍ତମାନ କମ୍ପାନୀର ବୈଦେଶିକ ବୀମା ବାଣିଜ୍ୟ ମୁଖ୍ୟ ଭାବେ କାମ କରୁଛନ୍ତି। କମ୍ପାନୀରୁ ଓହରିବା ନେଇ ବଫେଟ କୌଣସି ଘୋଷଣା ବର୍ତ୍ତମାନ ଯାଏ କରିନାହାନ୍ତି। ସେହିଭଳି ଆବେଲ ଏବଂ ଜୈନ କମ୍ପାନୀର ଉପାଧ୍ୟକ୍ଷ ଭାବେ ୨୦୧୮ରୁ କାମ କରୁଛନ୍ତି। କିଏ ସିଇଓ ହେବେ ସେ ନେଇ କମ୍ପାନୀର ସ୍ପଷ୍ଟୀକରଣ ମଗାଯାଇଥିବା ବେଳେ ଏହା ମିଳିପାରିନାହିଁ।

### ୪୦ ହଜାରଙ୍କୁ ଭାକ୍ସିନ ଦେବ ଜେକେ

**ନୂଆଦିଲ୍ଲୀ,୩।୫:** ପ୍ରମୁଖ ଶିଳ୍ପସଂସ୍ଥା ଜେକେ ଅର୍ଗାନାଇଜେଶନ କୋଭିଡ୍ ଲଢ଼େଇରେ ସାମିଲ ହୋଇଛି। କମ୍ପାନୀ ପକ୍ଷରୁ ଆବଶ୍ୟକ ରିଲିଫ୍ ସହାୟତା ଯୋଗାଣ ଦିଗରେ ପଦକ୍ଷେପ ନିଆଯାଉଛି। ଏଥି ଅନ୍ତର୍ଗତ ଟିକାକରଣ ଅଭିଯାନ ପାଇଁ 'ମିଶନ କ୍ରିଟିକାଲ' ପ୍ରୟାସର ଶୁଭାରମ୍ଭ କରାଯାଇଛି। ଏହାଦ୍ୱାରା ସଂସ୍ଥାର ଷ୍ଟେକ୍ ହୋଲ୍‌ଡରଙ୍କ ଟିକାଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଅଦ୍ୟାବଧି ସଂସ୍ଥା ପକ୍ଷରୁ ୧୨ ହଜାର ବ୍ୟକ୍ତିବିଶେଷଙ୍କର ଟିକାକରଣ କରାଯାଇଛି। କମ୍ପାନୀ ପକ୍ଷରୁ ୪୦ ହଜାରରୁ ବ୍ୟକ୍ତି ବିଶେଷଙ୍କ ଟିକାଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି।

# ଚାକିରି ହରାଇଲେ ୭୫ ଲକ୍ଷ

ନୂଆଦିଲ୍ଲୀ,୩।୫

କୋଭିଡ୍-୧୯କୁ ନିୟନ୍ତ୍ରଣ କରିବା ଲାଗି ଆଞ୍ଚଳିକ ସ୍ତରରେ ଲକ୍‌ଡାଉନ କଟକଣା ଜାରି କରାଯାଇଛି। ଫଳରେ ଏପ୍ରିଲ ମାସରେ ୭୫ ଲକ୍ଷ ଲୋକ ଚାକିରି ହରାଇଥିବା ଜଣାପଡ଼ିଛି।

**ଲକ୍‌ଡାଉନ ପ୍ରଭାବ**



ବେରୋଜଗାରୀ ହାର ୪ ମାସର ସର୍ବୋଚ୍ଚ ସ୍ତର ୮% ଛୁଇଁଥିବା ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍ଆଇଇ) ପକ୍ଷରୁ ସୋମବାର ଏକ ରିପୋର୍ଟ ପ୍ରକାଶ ପାଇଛି। ବର୍ତ୍ତମାନ ବଜାର ସ୍ଥିତି ଚ୍ୟାଲେଞ୍ଜିଂ ରହିଥିବାରୁ ବେରୋଜଗାରୀ କ୍ଷେତ୍ରରେ ଏଭଳି ଧାରା ଜାରି ରହିବ ବୋଲି ସିଏମ୍ଆଇଇର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ମହେଶ ବ୍ୟାସ କହିଛନ୍ତି।

ରିପୋର୍ଟ ମୁତାବକ, ମାର୍ଚ୍ଚ ତୁଳନାରେ ଏପ୍ରିଲରେ ବଜାର ସ୍ଥିତି ବିଗିଡିବା ଯୋଗୁ ବେରୋଜଗାରୀ ହାର ଅହେତୁକ ଭାବେ ବଢ଼ିଛି। ଜାତୀୟ ସ୍ତରରେ ବେରୋଜଗାରୀ ହାର ୭.୯୭% ସ୍ତରରେ ରହିଛି। ସହରାଞ୍ଚଳରେ ଏହି ହାର ୯.୭୮% ରହିଥିବା ବେଳେ ଗ୍ରାମାଞ୍ଚଳରେ ଏହା ୭.୧୩% ସ୍ତରରେ ରହିଛି। ମାର୍ଚ୍ଚ ମାସରେ ଜାତୀୟ ସ୍ତରରେ ବେରୋଜଗାରୀ ହାର ୬.୫୦% ସ୍ତରରେ ରହିଥିଲା। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ସ୍ଥିତି ଏହି ସମୟରେ ବେଶି କିଛି ବିଗିଡ଼ି ନ ଥିଲା।

କୋଭିଡ୍ ବଢ଼ିବାରୁ ଆଞ୍ଚଳିକ ସ୍ତରରେ କଟକଣା ବଢ଼ାଯାଇଛି। ଏହା ଆର୍ଥିକ କାର୍ଯ୍ୟକଳାପକୁ ପ୍ରଭାବିତ କରିଛି। ଫଳରେ ନିଯୁକ୍ତି ଉପରେ ଏହାର ପ୍ରଭାବ ପଡିଛି ବୋଲି ବ୍ୟାସ ମତବ୍ୟକ୍ତ କରିଛନ୍ତି। ସ୍ଥିତି ବିଗିଡ଼ି ରହିଲେ ଉଭୟ ବେରୋଜଗାରୀ ଏବଂ ଶ୍ରମଶକ୍ତିର ଯୋଗଦାନ ଉଭୟ ପ୍ରଭାବିତ ହୋଇ ରହିବାର ଆଶଙ୍କା ଉପୁଜିଛି। ଗତ ବର୍ଷ ଲକ୍‌ଡାଉନ ଭଳି ଚଳିତ ବର୍ଷ ସ୍ଥିତି ଭିନ୍ନ ରହିଛି। ଗତ ବର୍ଷ ବେରୋଜଗାରୀ ହାର ୨୪% ସ୍ତର ଛୁଇଁଥିଲା। କରୋନା ସଂକ୍ରମଣ ଏବଂ ଲୋକଙ୍କ ଲୋକଙ୍କ ଜୀବନ ହାନି ହେଉଥିବାରୁ ଲକ୍‌ଡାଉନକୁ ଶେଷ ବିକଳ୍ପ ଭାବେ ରାଜ୍ୟଗୁଡିକ ନେଇପାରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମାସରେ କହିଥିଲେ।

# ଭାକ୍ସିନ ଟେକ୍ନୋଲୋଜି ଶେୟାରିଂ କରନ୍ତୁ ଦେଶ ସମୂହ: ସୀତାରାମନ

ନୂଆଦିଲ୍ଲୀ,୩।୫



କୋଭିଡ୍-୧୯ ମହାମାରୀ ସମୟରେ ଦେଶ ସମୂହ ଭାକ୍ସିନ ପ୍ରସ୍ତୁତି ନେଇ ଟେକ୍ନୋଲୋଜି ନିଜ ନିଜ ମଧ୍ୟରେ ଶେୟାରିଂ କରିବା ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ଆହ୍ୱାନ ଜଣାଇଛନ୍ତି। ଦେଶଗୁଡ଼ିକ ମଧ୍ୟରେ କୌଣସି ଭାକ୍ସିନ ଜାତୀୟତାବାଦ ନ ରହିବାର ଆବଶ୍ୟକତା ରହିଛି। ଟେକ୍ନୋଲୋଜି ଶେୟାରିଂ ପାଇଁ ଦେଶ ସମୂହ ଆଗେଇ ଆସିବା ଆବଶ୍ୟକ ବୋଲି ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି)ର ବାର୍ଷିକ ଭର୍ଚୁଆଲ କାର୍ଯ୍ୟକ୍ରମରେ ସୀତାରାମନ ଏହା କହିଛନ୍ତି। ଏହି ଅବସରରେ ସେ ବୌଦ୍ଧିକ ସମ୍ପତ୍ତି ଅଧିକାରର ବାଣିଜ୍ୟ ସମ୍ପର୍କିତ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। କୋଭିଡ୍-୧୯ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ବିଭିନ୍ନ ଦେଶ ମିଳିତ ହେବା ଉପରେ ମଧ୍ୟ ସେ ମତ ରଖିଛି। ପରିବେଶ ସୁରକ୍ଷା ଦିଗରେ ପ୍ୟାରିସ ଚୁକ୍ତି ପାଳନ କ୍ଷେତ୍ରରେ ଭାରତ ସରକାରଙ୍କ ପଦକ୍ଷେପ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଭାରତୀୟ ଅର୍ଥ ବ୍ୟବସ୍ଥା କିଭଳି ଆଗକୁ ବଢ଼ିପାରିବ ତାକୁ ଧ୍ୟାନରେ ରଖାଯାଇଛି। ଏମ୍ଏସ୍ଏମ୍ଇଗୁଡ଼ିକ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ହୋଇଥିବାରୁ ଶିଳ୍ପଗୁଡ଼ିକୁ ୩ ଲକ୍ଷ କୋଟି ଟଙ୍କାର ସହାୟତା ଦିଆଯାଇଛି।

# ଅଭିବୃଦ୍ଧି ଆକଳନ କମାଇଲା ବାର୍କଲେ

ମୁମ୍ବାଇ,୩।୫




ଆର୍ଥିକ ବର୍ଷ ୨୦୨୧-୨୨ ଲାଗି ଭାରତର ଅଭିବୃଦ୍ଧି ହାର ୧୦% ରହିବ ବୋଲି ଗ୍ଲୋବାଲ ବ୍ରୋକ୍‌ରେଜ ଫାର୍ମ ବାର୍କଲେ ସୋମବାର ପ୍ରକାଶ କରିଛି। ଭାରତର ଅଭିବୃଦ୍ଧି ହାର ୧୧% ରହିବା ନେଇ ଏହି ଫାର୍ମ ପୂର୍ବରୁ ଆକଳନ କରିଥିବା ବେଳେ ବର୍ତ୍ତମାନ ଏଥିରେ ପରିବର୍ତ୍ତନ କରିଛି। ଦେଶ ମଧ୍ୟରେ ଟିକା ଯୋଗାଣରେ ବିଳମ୍ବ ଏବଂ ସଂକ୍ରମଣ ବଢୁଥିବାରୁ ଅଭିବୃଦ୍ଧି ଆକଳନକୁ ଏହା ପରିବର୍ତ୍ତନ କରିଥିବା ଜଣାପଡିଛି। ଯଦି ଜୁନ୍ ଯାଏ ଲକ୍‌ଡାଉନ ଲାଗି ରହେ ତେବେ ଏହା ଦେଶର ଅର୍ଥ ବ୍ୟବସ୍ଥା ପ୍ରାୟ ୩୮.୪ ବିଲିୟନ ଡଲାର କ୍ଷତି ସହିବ ବୋଲି ଏହା ଆକଳନରେ କହିଛି। କଟକଣା ଯଦି ଅଗଷ୍ଟ ଯାଏ ଜାରି ରହେ ତେବେ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ୮.୮% ଖସିପାରେ ବୋଲି ଏହାର ରିପୋର୍ଟରେ ଆଶଙ୍କା କରାଯାଇଛି।

ଗତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ୭.୬% ଖସିବା ନେଇ ଏହା ଆକଳନ କରିଛି। କରୋନା ମହାମାରୀ ରୋକିବା ଲାଗି ଜାରି ହୋଇଥିବା ଲକ୍‌ଡାଉନ ଅର୍ଥବ୍ୟବସ୍ଥା, ନିଯୁକ୍ତି ଏବଂ ଚାହିଦା ଉପରେ ଗଭୀର ପ୍ରଭାବ ପକାଇଛି। ଆର୍ଥିକ ବର୍ଷ ୨୦୨୧-୨୨ରେ ଅଭିବୃଦ୍ଧି ଉନ୍ନତ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଆଞ୍ଚଳିକ ସ୍ତରରେ ଲକ୍‌ଡାଉନ ଅଭିବୃଦ୍ଧି ଉପରେ ପ୍ରଭାବ ପକାଉଥିବା କୁହାଯାଉଛି। ଅର୍ଥ ବ୍ୟବସ୍ଥା ୧୦.୫% ହାରରେ ବଢ଼ିବ ବୋଲି ଆର୍‌ବିଆଇ ମଧ୍ୟ କହିସାରିଛି। ସଂକ୍ରମଣ ବଢୁଥିବାରୁ ଏହା ଅର୍ଥ ବ୍ୟବସ୍ଥା ଲାଗି ଅନିଶ୍ଚିତତା ବଢ଼ାଉଛି। ସେହିଭଳି ଟିକାକରଣ ହ୍ରାସ ହେଉଥିବାରୁ ଏହା ସୁଧାର ପ୍ରକ୍ରିୟାକୁ ମଧ୍ୟ ବାଧା ପହଞ୍ଚାଉଛି ବୋଲି ବାର୍କଲେ ରିପୋର୍ଟରେ ପ୍ରକାଶ ପାଇଛି।

### ଜେଏସ୍‌ପିଏଲ୍‌ର ଦୈନିକ ୧୦୦ ଟନ୍ ଅକ୍ସିଜେନ ଯୋଗାଣ

ନୂଆଦିଲ୍ଲୀ,୩।୫

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ଏହାର ଅନୁଗୋଳ ସ୍ଥିତ ମେଗା ଇସ୍ପାତ କାରଖାନାରୁ ଗତ ଏପ୍ରିଲ ମାସରୁ ତରଳ ମେଡିକାଲ ଅମ୍ଳଜାନ(ଏଲ୍ଏମ୍ଓ) ଦେଶର ବିଭିନ୍ନ ରାଜ୍ୟକୁ ଯୋଗାଉଛି। ସରକାରଙ୍କ ନିୟମ ଅନୁଯାୟୀ, କମ୍ପାନୀ ପକ୍ଷରୁ ଦେଶର ଅନେକ ଡାକ୍ତରଖାନାକୁ ଟ୍ୟାଙ୍କର ମାଧ୍ୟମରେ ମେଡିକାଲ ଅମ୍ଳଜାନ ପଠାଯାଇଛି। କମ୍ପାନୀର ଅଧ୍ୟକ୍ଷ ନବୀନ ଜିନ୍ଦଲ କିଛିଦିନ ପୂର୍ବରୁ କହିଥିଲେ, ବିପର୍ଯ୍ୟୟ ଏବଂ ଜରୁରିକାଳୀନ ପରିସ୍ଥିତିରେ ଜେଏସ୍‌ପିଏଲ୍ ଦେଶ ତଥା ଦେଶବାସୀଙ୍କ ସହ ସର୍ବଦା ଛିଡ଼ା ହୋଇଛି। କମ୍ପାନୀର ଅନୁଗୋଳ ଇସ୍ପାତ କାରଖାନା ପରିସରରେ ଥିବା ଅମ୍ଳଜାନ କାରଖାନାରୁ ନିୟମିତ ଭାବରେ ତରଳ ମେଡିକାଲ ଅମ୍ଳଜାନ ଉତ୍ପାଦନ କରିବା ସହିତ ଅମ୍ଳଜାନ ଟ୍ୟାଙ୍କରଗୁଡିକୁ କ୍ରମାଗତ ଭାବରେ ଭରାଯାଉଛି।

# ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୨୦ ଲକ୍ଷ ଟଙ୍କା ଦେଲା ହାଉସିଂ ବୋର୍ଡ



ଭୁବନେଶ୍ୱର,୩।୫

ଓଡ଼ିଶା ରାଜ୍ୟ ଗୃହନିର୍ମାଣ ସଂସ୍ଥା (ଓଏସ୍‌ଏଚ୍‌ବି) ପକ୍ଷରୁ ରାଜ୍ୟର କୋଭିଡ୍ ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଓ ଏହାର ବିତ୍ତ ଉପଦେଷ୍ଟା ତଥା ମୁଖ୍ୟ ହିସାବ ଅଧିକାରୀ ତେଜରାଜ ପ୍ରଧାନ ସୋମବାର ଲୋକସେବା ଭବନ ପରିସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଭେଟି ଏହି ସହାୟତା ରାଶି ପ୍ରଦାନ କରିଥିଲେ।

ଏହିଅବସରରେ ପ୍ରିୟଦର୍ଶୀ କହିଥିଲେ, ରାଜ୍ୟରେ କୋଭିଡ୍ ପରିସ୍ଥିତିକୁ ମୁଖ୍ୟମନ୍ତ୍ରୀ ସଫଳ ଭାବେ ମୁକାବିଲା କରୁଛନ୍ତି। ତାଙ୍କର ଦୂରଦର୍ଶିତା ସମ୍ପନ୍ନ ନେତୃତ୍ୱ ଏବଂ ରାଜ୍ୟ ସରକାରଙ୍କ ସମୟୋପଯୋଗୀ ବିଭିନ୍ନ ପଦକ୍ଷେପ ଯୋଗୁ ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଭଲ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ।

## ରାଜ୍ୟ ଖବର

# ପୁଣି ଚକଡ଼ା ଚିନ୍ତା

- ଅମଳ ପୂର୍ବରୁ ଫସଲ କ୍ଷତି
- ରବିଧାନରେ ରୋଗପୋକ
- କାମ କରୁନି କୀଟନାଶକ

ବରଗଡ଼ ଅଫିସ୍,୩।୫



ବରଗଡ଼ ବ୍ଲକ ବରାହଗୋଡ଼ାରେ ଚକଡ଼ା ରୋଗପୋକରେ କ୍ଷତିଗ୍ରସ୍ତ ଧାନ ଫସଲ।

ବରଗଡ଼ ଜିଲାରେ ରବିଧାନ ଅମଳ ପୂର୍ବରୁ ମାଟିଆ ଗୁଣ୍ଡି (ଚକଡ଼ା) ରୋଗପୋକ ଉପଦ୍ରବ ଦେଖାଦେଇଛି। ଫଳରେ ଅମଳ ପୂର୍ବରୁ ଧାନ ଫସଲ ଉଜୁଡ଼ି ଯାଇଛି। କୀଟନାଶକ ପ୍ରୟୋଗ ସତ୍ତ୍ୱେ ତାହା କାମକୁ ଆସୁ ନ ଥିବା ଚାଷୀମାନେ କହିଛନ୍ତି। ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ସମେତ ଅନ୍ୟ ଗ୍ରାମରେ ହୋଇଥିବା ଧାନ ଫସଲରେ ଏଭଳି ରୋଗପୋକ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି।

ପାଗ ଅନୁକୂଳ ଯୋଗୁ ବରଗଡ଼ ଜିଲାରେ ଏଥର ରବି ଧାନ ଭଲ ହୋଇଥିଲା। ଧାନ ପାକଳ ଅବସ୍ଥାକୁ ଆସିବା ଯାଏ ସବୁ ଠିକ୍‌ଠାକ୍ ଥିଲା। କିନ୍ତୁ ଏବେ ଅମଳ ସମୟରେ ଫସଲରେ ରୋଗପୋକ ପ୍ରାଦୁର୍ଭାବ ବଢ଼ିଯାଇଛି। ଏଥିଯୋଗୁ ଧାନ କେଣ୍ଡାଗୁଡ଼ିକ ଶୁଖିଯାଉଥିବା ବେଳେ ଧାନ ଅଗାଡ଼ି ହୋଇଯାଉଛି। କୀଟନାଶକ ତାକୁ ଦମନ କରିପାରୁନାହିଁ। ବରାହଗୋଡ଼ା ଗ୍ରାମର ଚାଷୀ ଏକାଦଶିଆ ସାହୁ କୁହନ୍ତି, ସେ ପ୍ରାୟ ୨୦ଏକର ଜମିରେ ଧାନ ଚାଷ କରିଛନ୍ତ। ସବୁ ଜମିରେ ଚକଡ଼ା ରୋଗପୋକ ବ୍ୟାପିଛି। ୪ଥର କୀଟନାଶକ ପ୍ରୟୋଗ ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ଗ୍ରାମର ଅନ୍ୟ ଜଣେ ଚାଷୀ ତରଣୀ ସାହୁ କହିଛନ୍ତି, ତାଙ୍କର ୫ଏକର ଜମିରେ ଚକଡ଼ା ରୋଗପୋକ ଲାଗିଛି। କୀଟନାଶକ ୩ଥର ପ୍ରୟୋଗ କରି ସାରିଲେଣି। ମାତ୍ର ରୋଗପୋକ ଦମନ ହେଉନାହିଁ। ଆଉ ଜଣେ ଚାଷୀ ସୁରେଶ୍ୱ ନେକାଣ୍ଟି କହିଛନ୍ତି, ବରାହଗୋଡ଼ା ସମେତ ବିଭିନ୍ନ ଅଞ୍ଚଳରେ ଧାନ ଫସଲରେ ଚକଡ଼ା ରୋଗପୋକ ଲାଗିଛି। ଚାଷୀମାନେ ଯେଉଁ କୀଟନାଶକ ଚାହୁଁଛନ୍ତି, ସେହି କୀଟନାଶକ କୃଷି ବିଭାଗ ରିହାତିରେ ଦେଉନାହିଁ। ଫଳରେ ଚାଷୀ ବାହାରୁ କିଣି ଖର୍ଚ୍ଚାନ୍ତରେ ପଡୁଛି। ଅନ୍ୟପଟେ କୀଟନାଶକ ପ୍ରୟୋଗ କଲେ ସୁଦ୍ଧା ରୋଗପୋକ ଦମନ ହେଉନାହାନ୍ତି। ଏଭଳି ସ୍ଥିତିରେ କୃଷି ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ ପରାମର୍ଶ ସହିତ କୀଟନାଶକ ଯୋଗାଇଦେବା ଦରକାର ବୋଲି ନେକାଣ୍ଟି କହିଛନ୍ତି। ଏଭଳି ଭାବେ ଗ୍ରାମର ଶତାଧିକ ଚାଷୀଙ୍କ ଧାନ ଫସଲରେ ରୋଗପୋକ ଲାଗିଥିବା ଜଣାପଡିଛି। ଏ ସମ୍ପର୍କରେ ସ୍ଥାନୀୟ ସହକାରୀ କୃଷି ଅଧିକାରୀ ରବୀନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଲେ, କୃଷି କର୍ମଚାରୀ ସମ୍ପୃକ୍ତ ଅଞ୍ଚଳର କ୍ଷେତ୍ର ପରିଦର୍ଶନ କରିଛନ୍ତି। ପ୍ରଭାବିତ ଚାଷୀଙ୍କୁ ଆବଶ୍ୟକ କୀଟନାଶକ ପ୍ରୟୋଗ ଉପରେ ପରାମର୍ଶ ଦେଇଛନ୍ତି।

# ସାନି ତଦନ୍ତ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ

ନବରଙ୍ଗପୁର,୩।୫(ବି.ପ୍ର.)

**ତେଲଙ୍ଗାନାରେ ଇଟାଭାଟି ମାଲିକଙ୍କ ନିକଟରେ ସାନଝିଅ ବନ୍ଧକ ଘଟଣା**
- ନବରଙ୍ଗପୁର ଜିଲା ପ୍ରଶାସନ ମଧ ତଦନ୍ତ କରିବ
- ମୂଳ ରିପୋର୍ଟରେ ନ ଥିଲା କାହାର ବୟାନ

ତେଲଙ୍ଗାନା ରାଜ୍ୟର ଏକ ଇଟାଭାଟି ମାଲିକଙ୍କ ନିକଟରେ ରୋଗାକ୍ରାନ୍ତ ମାଆ ଛାଡ଼ି ଆସିଥିବା ସାନଝିଅକୁ ପରେ ମାଲିକ ନ ଛାଡିବା ଏବଂ ଏହି ଘଟଣା ଜାତୀୟ ମାନବାଧିକାର କମିଶନଙ୍କ ନିକଟକୁ ଯିବା ପରେ ତେଲଙ୍ଗାନା ପ୍ରଶାସନ ରିପୋର୍ଟକୁ ନେଇ କମିଶନ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ରିପୋର୍ଟ ଉଭୟ ତେଲଙ୍ଗାନା ସରକାର ଓ ନବରଙ୍ଗପୁର ଜିଲା ପ୍ରଶାସନକୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଖବରରୁ ଜଣାପଡିଛି ଚନ୍ଦାହାଣ୍ଡି ବ୍ଲକ କେନାଲ ସାହିର ଅନାଦି ଚୌହାନ ତାଙ୍କ ସାନଝିଅ ପ୍ରିୟଙ୍କାଙ୍କୁ ନେଇ ତେଲଙ୍ଗାନାର ଏକ ଇଟାଭାଟିରେ କାମ କରୁଥିଲେ। ସ୍ୱାମୀଙ୍କ ବିୟୋଗ ପରେ ମା' ଅନାଦି ଦୁଇ ଝିଅ ସାଗରିକା ଓ ପ୍ରିୟଙ୍କାଙ୍କୁ ଧରି ବହୁ କଷ୍ଟରେ ଚଳୁଥିଲେ। ପରିବାର ପ୍ରତିପୋଷଣ ଓ ଦୁଇ ଝିଅଙ୍କ ପାଠପଢା ପାଇଁ ବାଧହୋଇ ଦାଦନ ଖଟି ଯିବାକୁ ନିଷ୍ପତ୍ତି ନେଇଥିଲେ। ସାନଝିଅ ପ୍ରିୟଙ୍କାକୁ ଧରି ସେ ତେଲଙ୍ଗାନା ଯାଇଥିଲେ। ସେଠାରେ ସେ ଏକ ଇଟାଭାଟିରେ କାମ କରୁଥିଲେ। କିଛିଦିନ ପରେ ଅନାଦିଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ଇଟାଭାଟି ମାଲିକ ତାଙ୍କୁ ଚାନ୍ଦାହାଣ୍ଡି ପଠାଇ ଦେଇଥିଲେ। ୨୦୨୦ ମେ ୪ରେ ଅନାଦିଙ୍କ ମୃତ୍ୟୁ ଘଟିଥିଲା। ଅନାଦି ଘରକୁ ଫେରିବା ସମୟରେ ଇଟାଭାଟି ମାଲିକଙ୍କଠାରୁ କିଛି ଟଙ୍କା ଆଣିଥିବା ବେଳେ ସାନଝିଅ ପ୍ରିୟଙ୍କାଙ୍କୁ ସମ୍ପୃକ୍ତ ମାଲିକଙ୍କ ଦାୟିତ୍ୱରେ ଛାଡି ଆସିଥିଲେ। ପରେ ମା'ଙ୍କ ମୃତ୍ୟୁ ଖବର ବଡ଼ଝିଅ ସାଗରିକା ପ୍ରିୟଙ୍କାଙ୍କୁ ଜଣାଇଥିଲେ। ମାତ୍ର ଇଟାଭାଟି ମାଲିକ ଟଙ୍କା ପାଇଁ ସାନଝିଅକୁ ବନ୍ଧକ ରଖି ଛାଡି ନ ଥିଲେ। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ପୂର୍ବତନ ଏମ୍ପି ପ୍ରଦୀପ ମାଝି ଏବଂ ଜିଲା ପ୍ରଶାସନର ହସ୍ତକ୍ଷେପ କରିବାରୁ ପ୍ରିୟଙ୍କା ଫେରି ଆସିଥିଲେ। ଏହି ଘଟଣାକୁ ନେଇ ଭବାନୀପାଟଣା ବାହାଦୁର ବଗିଚାପଡ଼ାର ଦିଲୀପ ଦାସ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ୨୦୨୦ ମେ ୨୦ରେ ଅଭିଯୋଗ କରବାରୁ କମିଶନ ତେଲଙ୍ଗାନା ପ୍ରଶାସନକୁ ରିପୋର୍ଟ ମାଗିଥିଲେ। ସେତେବେଳେ ଯେଉଁ ରିପୋର୍ଟ ପ୍ରଦାନ କରାଯାଇଥିଲା ସେଥିରେ ଝିଅର ବୟାନ, ଇଟାଭାଟି ମାଲିକ ଓ ଅଭିଯୋଗକାରୀଙ୍କ ବୟାନ ରେକର୍ଡ ହୋଇ ନ ଥିଲା। ଏହି ରିପୋର୍ଟ ଉପରେ କମିଶନ ସନ୍ଦେହ ପ୍ରକାଶ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଲଙ୍ଗାନା ମୁଖ୍ୟ ଶାସନ ସଚିବ ଓ ନବରଙ୍ଗପୁର ଜିଲା ପ୍ରଶାସନକୁ ପୁନର୍ବାର ଘଟଣାର ତଦନ୍ତ କରି ଏହାର ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ୨୭।୪।୨୦୨୧ରେ ନିର୍ଦ୍ଦେଶ ଦେଇଛନ୍ତି।

# ବାପାଙ୍କ ଦଶାହରେ ପୁଅ ମୃତ

ଚଣ୍ଡିଖୋଲ,୩।୫(ଡି.ଏନ.ଏ.)

ବାପାଙ୍କ ଦଶାହ ଦିନ ପୁଅର ମୃତ୍ୟୁ ଘଟଣା ବଡ଼ଚଣା ବ୍ଲକ ପୁରୁଣା ସୁଙ୍ଗୁଡା ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ସେହି ଗ୍ରାମର ଗୋଲଖ ଚନ୍ଦ୍ର ବାରିକ(୭୦)ଙ୍କ ଗତମାସ ୨୩ ତାରିଖରେ ହୃଦ୍‌ଘାତରେ ପରଲୋକ ଘଟିଥିଲା । ରବିବାର ଥିଲା ତାଙ୍କ ଦଶାହ। ଗୋଲଖଙ୍କ ମଝିଆ ପୁଅ ସଦାନନ୍ଦ(୩୪) ୩ ଦିନ ତଳେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହାର ଦୁଇଦିନ ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ହେବାରୁ କୋଭିଡ ଟେଷ୍ଟ କରାଯାଇଥିଲା । ରିପୋର୍ଟ ନେଗେଟିଭ ଆସିଥିଲେ ମଧ୍ୟ ଜ୍ୱର କମି ନ ଥିଲା । ଫଳରେ ତାଙ୍କୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପୁଣି ଥରେ କୋଭିଡ୍ ଟେଷ୍ଟ କରିବା ପରେ ପଜିଟିଭ ରିପୋର୍ଟ ଆସିଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସଦାନନ୍ଦଙ୍କ ପରଲୋକ ଘଟିଛି। ସରକାରୀ ନିୟମ ଅନୁଯାୟୀ କଟକରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହି ଖବର ଜଣାପଡିବା ପରେ ପରିବାର ଲୋକଙ୍କ ସହିତ ଗ୍ରାମବାସୀ ଭାଙ୍ଗି ପଡ଼ିଛନ୍ତି।

### ଜନସେବା କେନ୍ଦ୍ର ସିଲ୍

ଦେବଗଡ଼,୩।୫(ଡି.ଏନ.ଏ)

କୋଭିଡ କଟକଣା ଉଲ୍ଲଂଘନ ଅଭିଯୋଗରେ ଦେବଗଡ ଜିଲା ବାରକୋଟ ଥାନା ଅଧୀନ ବମ୍ପରଡା ଗ୍ରାମରେ ଥିବା ଏକ ଜନସେବା କେନ୍ଦ୍ରକୁ ସୋମବାର ସିଲ୍ କରାଯାଇଛି। ଉକ୍ତ ଜନସେବା କେନ୍ଦ୍ର ଖୋଲିଥିବା ଗିରିଜା ଶଙ୍କର ମହାକୁଡ ବାରମ୍ବାର କୋଭିଡ ନିୟମ ଉଲ୍ଲଂଘନ କରିବାରୁ ବାରକୋଟ ଥାନା ପୋଲିସ ଉକ୍ତ କେନ୍ଦ୍ରକୁ ସିଲ୍ କରିଥିବା ଥାନାଧିକାରୀ କନକ ମାଝୀ ସୂଚନା ଦେଇଛନ୍ତି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ଦେବଗଡ ଜିଲାରେ ପୋଲିସ ଅମାନିଆଙ୍କ ଠାରୁ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରିଛି।

# ବୃଦ୍ଧଙ୍କୁ ମିଳିଲାନି ଚାରିକାନ୍ଧ

ବରଗଡ଼ ଅଫିସ୍/ପାଇକମାଳ,୩।୫

- କରୋନା ଭୟ ଓ ଜାତିଆଣ ଭାବ ବାଧକ
- ମୃତଦେହକୁ ଏକାକୀ କାନ୍ଧ ଦେଲେ ପୁତୁରା



ମୃତଦେହକୁ ମୃତକଙ୍କ ପୁତୁରା କାନ୍ଧେଇ ନେଉଛନ୍ତି।

ବରଗଡ଼ ଜିଲା ପାଇକମାଳ ବ୍ଲକ ଟେମରୀ ପଞ୍ଚାୟତ ଅଧୀନ ଖୁର୍ସାପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ବୃଦ୍ଧ ପୁନଉ ମାଝି(୭୨)ଙ୍କ ମୃତ୍ୟୁ ପରେ ଶ୍ମଶାନକୁ ନେବା ପାଇଁ ତାଙ୍କୁ ଚାରିକାନ୍ଧ ମିଳିନାହିଁ। ଫଳରେ ତାଙ୍କ ପୁତୁରା ରାମେଶ୍ୱର ଓରଫ ଅନାମ ଏକାକୀ ମୃତଦେହକୁ କାନ୍ଧେଇ ଶ୍ମଶାନକୁ ନେଇ ପୋତି ଦେଇଛନ୍ତି। ଗୋଟିଏ ପଟେ କରୋନା ଭୟ ଏବଂ ଅନ୍ୟପଟେ ମୃତ ବୃଦ୍ଧ ଅନ୍ୟ ଜାତିରେ ବିବାହ କରିଥିବାରୁ ସାହି ପଡ଼ିଶା ମୃତଦେହକୁ କାନ୍ଧ ଦେବା ପାଇଁ ଆସି ନ ଥିବା ଚର୍ଚ୍ଚା ହେଉଛି।

ବୃଦ୍ଧ ପୁନଉ ସ୍ତ୍ରୀ କ୍ଷୀର(୬୫)ଙ୍କ ସହିତ ରହୁଥିଲେ। ତାଙ୍କର ପିଲାଛୁଆ କେହି ନାହାନ୍ତି। ତେବେ ଏହି ଦମ୍ପତି ପରସ୍ପର ଭିନ୍ନ ଜାତିର ହୋଇଥିବାରୁ ଜାତିଆଣ ଭାବ ନେଇ ମୃତ ବୃଦ୍ଧଙ୍କ ଭାଇ ସପରିବାର ଖୁର୍ସାପାଲି ଗ୍ରାମଠାରୁ ୧୦କି.ମି ଦୂର ଭୁଲିଆବନ୍ଧ ଗ୍ରାମରେ ରହିଆସୁଛନ୍ତି। ପୁନଉ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଗତ ଶନିବାର ସକାଳ ପ୍ରାୟ ୬ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ କ୍ଷୀର କାନ୍ଦୁଥିବା ସତ୍ତ୍ୱେ ମୃତଦେହକୁ ଚାରିକାନ୍ଧ ଦେବା ପାଇଁ ସାହି ପଡ଼ିଶା ଲୋକ ପାଖକୁ ଯାଇ ନ ଥିଲେ। ଖବର ପାଇ ଦିନ ପ୍ରାୟ ୧୦ଟାରେ ଭୁଲିଆବନ୍ଧରେ ରହୁଥିବା ତାଙ୍କ ପୁତୁରା ଅନାମ ସେଠାକୁ ପହଞ୍ଚି ଏକୁଟିଆ ମୃତଦେହକୁ କାନ୍ଧେଇ ଗ୍ରାମ ନିକଟ ଶ୍ମଶାନକୁ ନେଇ ପୋତି ଦେଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଆଶାକର୍ମୀ କୁମୁଦିନୀ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ବୃଦ୍ଧ ଜଣକ ଯକ୍ଷ୍ମାରୋଗରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ନିୟମିତ ଔଷଧ ମଧ୍ୟ ଦିଆଯାଉଥିଲା। ବୟସାଧିକ୍ୟ ଯୋଗୁ ସେ ଅସୁସ୍ଥ ହୋଇ ଶଯ୍ୟାଶାୟୀ ଥିଲେ। ତେବେ ସେ କରୋନା ଆକ୍ରାନ୍ତ ଥିବା ଜଣାପଡ଼ିନାହିଁ। ଅନ୍ୟ ଜାତିରେ ବିବାହ କରିଥିବାରୁ କେହି ତାଙ୍କ ପାଖକୁ ଯାଇ ନ ଥିବା ଜଣାପଡ଼ିଛି ବୋଲି ଆଶାକର୍ମୀ ସାହୁ କହିଥିଲେ।

ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବାଶିଷ ଲୁହାଙ୍କୁ ପଚାରିବାରୁ ବୃଦ୍ଧଙ୍କ ମୃତ୍ୟୁ ପରେ ପ୍ରଶାସନକୁ କୌଣସି ସୂଚନା ଦିଆଯାଇ ନ ଥିଲା। ସେଥିପାଇଁ ମୃତଦେହ ଉଦ୍ଧାର ପାଇଁ ଆମେ ପହଞ୍ଚି ପାରି ନ ଥିଲୁ। ସୋମବାର ଖବର ପାଇ ମୃତକଙ୍କ ଘରକୁ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ତାଙ୍କ ସ୍ତ୍ରୀଙ୍କୁ ୨ହଜାର ଟଙ୍କା ଦେଇଥିବା ସେ କହିଥିଲେ। କରୋନା ନୁହେଁ, ଅନ୍ୟ ଜାତିରେ ବିବାହ କରିଥିବା ଯୋଗୁ ଜାତିଆଣ ଭାବ ନେଇ ମୃତକଙ୍କ ପାଖକୁ କେହି ପାଖ ପଡ଼ିଶା ଆସି ନ ଥିବା ଜଣାପଡ଼ିଛି ବୋଲି ମଧ୍ୟ ସେ କହିଥିଲେ।



ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ବିପୁଳ ବିଜୟରେ ଦଳର ନେତା ଏବଂ କର୍ମୀମାନେ ଖୁସି ବ୍ୟକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଟିଏମ୍‌ସି ଏମ୍‌ପି ତଥା ବଙ୍ଗଳା ଅଭିନେତ୍ରୀ ନୁସ୍‌ରତ ଜହାଁ ଟୁଇଟ କରି ମମତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କ୍ୟାପଶନରେ ଲେଖିଛନ୍ତି, 'ଜିତିଗଲେ, ଖେଳ ହେଲା'। ତାଙ୍କର ଏହି ଟୁଇଟ ଏବେ ଖୁବ ଭାଇରାଲ ହେଉଛି। ଏହି ଟୁଇଟ୍‌କୁ ବର୍ତ୍ତମାନ ସୁଦ୍ଧା ୧୧୦୦୦ରୁ ଅଧିକ ଲୋକ ଦେଖିସାରିଥିବା ବେଳେ ୨୯୧ ଜଣ ରିଟୁଇଟ କରିଛନ୍ତି। ଜଣେ ୟୁଜର ଲେଖିଛନ୍ତି, ମମତା ବାନାର୍ଜୀଙ୍କୁ ଶୁଭେଚ୍ଛା। ଆଉ ଜଣେ ୟୁଜର ଲେଖିଛନ୍ତି, ଜୟ ବଙ୍ଗଳା, ଏବେ ଖେଳ ହେବ।

# ସଫଳତା ସାଉଁଟୁଛି 'ଇଞ୍ଜେନ୍ୟୁଟି'

**ମଙ୍ଗଳ ଅଭିଯାନରେ ସାମିଲ ହୋଇଥିବା ନାସାର ଇଞ୍ଜେନ୍ୟୁଟି ହେଲିକପ୍ଟର ଗୋଟିଏ ପରେ ଗୋଟିଏ ସଫଳତା ସାଉଁଟିବାରେ ଲାଗିଛି। ନିଜର ୫ଟି ମହତ୍ତ୍ୱାକାଂକ୍ଷୀ ଉଡ଼ାଣ ଅଭିଯାନ ଭିତରୁ ୪ଟିରେ ଉତ୍ତୀର୍ଣ୍ଣ ହୋଇଥିବା ଏହି ଯାନ ଏବେ ମଙ୍ଗଳରେ ଗବେଷଣା ଚଳାଇଥିବା ପର୍ସିଭରେନ୍ସ ରୋଭରକୁ ଜୀବନ ପାଇଁ ଆବଶ୍ୟକ ତତ୍ତ୍ୱ ଖୋଜିବାରେ ସହାୟତା କରୁଛି।**



**ନୂଆଦିଲ୍ଲୀ:** ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ପର୍ସିଭରେନ୍ସ ରୋଭର ମଙ୍ଗଳର ପୃଷ୍ଠରେ ଅନ୍ୱେଷଣ ଜାରି ରଖିଛି। ହେଲେ ରୋଭର ସହିତ ଗବେଷଣାରେ ସାମିଲ ହୋଇଥିବା ଇଞ୍ଜେନ୍ୟୁଟି ହେଲିକପ୍ଟର ଲୋହିତ ଗ୍ରହର ପ୍ରତିକୂଳ ପରିବେଶରେ ପ୍ରଥମ ଥର ସଫଳତାର ସହ ଉଡାଣ ଭରି ଆଶ୍ଚର୍ଯ୍ୟଜନକ ସଫଳତା ହାସଲ କରିଛି। ବୈଷୟିକ ଜ୍ଞାନକୌଶଳରେ ସମୃଦ୍ଧ ଏହି ଯାନ ଏବେ ପରବର୍ତ୍ତୀ ମିଶନ ଲାଗି ଆଗକୁ ବଢ଼ିଛି। ନିଜର ପ୍ରଥମ ଉଡ଼ାଣରୁ ଇଞ୍ଜେନ୍ୟୁଟି ହେଲିକପ୍ଟର ପ୍ରମାଣିତ କରିସାରିଛି ମଙ୍ଗଳରେ ହାଲୁକା ଡ୍ରୋନ୍ ଏବଂ ବିମାନ ଚାଳନା ସମ୍ଭବ। ଦ୍ୱିତୀୟ ଚରଣରେ ରୋଭରର ପଥପ୍ରଦର୍ଶକ ସାଜିବ ଇଞ୍ଜେନ୍ୟୁଟି। ରୋଭର ଆଗେ ଆଗେ ଯାଇ ସହାୟତା କରିବାକୁ ପଡ଼ିବ। ଫଳରେ ଲୋହିତ ଗ୍ରହରେ ଜୀବସତ୍ତା ଖୋଜିବା ସହଜ ହେବ।

ନାସା ପକ୍ଷରୁ ଟୁଇଟ୍‌ରେ ସୂଚନା ଦିଆଯାଇଛି, ଇଞ୍ଜେନ୍ୟୁଟି ନିଜର ୫ଟି ଉଡ଼ାଣ ଭିତରୁ ୪ଟିରେ ଆଶାତୀତ ସଫଳତା ହାସଲ କରିଛି। ପ୍ରତ୍ୟେକ ଥର ଏହା ଅଧିକ ଉଚ୍ଚତା ଏବଂ ଗତିରେ ଉଡ଼ିବାରେ ସକ୍ଷମ ହୋଇଛି। ତେବେ ଏହି ୪ ଉଡ଼ାଣ ଲାଗି ଇଞ୍ଜେନ୍ୟୁଟି ହେଲିକପ୍ଟରକୁ ଆବଶ୍ୟକଠାରୁ ଅଧିକ ସମୟ ଲାଗିଛି। ହେଲେ ଏହାକୁ ଆହୁରି ଅନେକ କାର୍ଯ୍ୟ କରିବାର ଅଛି। ମଙ୍ଗଳ ଗ୍ରହରେ ଅଦ୍ୟାବଧି ହୋଇଥିବା ଗବେଷଣାରୁ ଜୀବନର ସତ୍ତା ମିଳିନାହିଁ। ତଥାପି ଲକ୍ଷାଧିକ ବର୍ଷ ପୂର୍ବରୁ ଏଠାରେ ଜୀବନ ଥିଲା ବୋଲି ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି। ମଙ୍ଗଳ ଅଭିଯାନରେ ସାମିଲ ଥିବା ରୋଭର ଏବେ ମାଟିତଳେ ସୂକ୍ଷ୍ମଜୀବ ଏବଂ ସେମାନଙ୍କ ସଙ୍କେତକୁ ଖୋଜିବା ଲାଗି ନିୟୋଜିତ ଅଛି। ୧.୮ କିଲୋଗ୍ରାମ ବିଶିଷ୍ଟ ଇଞ୍ଜେନ୍ୟୁଟି ରେଟୋକ୍ରାଫ୍ଟ ଆଗାମୀ ଭବିଷ୍ୟତରେ ମହାକାଶ ଗବେଷଣାର ଦିଗ ବଦଳାଇଦେବ। କେବଳ ମଙ୍ଗଳ ନୁହେଁ, ଅନ୍ୟ ଗ୍ରହରେ ଏହାକୁ ସଫଳତାର ସହ ବ୍ୟବହାର କରାଯାଇପାରିବ ବୋଲି ନାସା ପକ୍ଷରୁ କୁହାଯାଇଛି।

## ପର୍ସିଭରେନ୍ସ ରୋଭରର ପଥପ୍ରଦର୍ଶକ

ସୂଚନାଯୋଗ୍ୟ, ହାଲୁକା ଇଞ୍ଜେନ୍ୟୁଟି ଯାନ ମଙ୍ଗଳ ପରିବେଶରେ ଉଡ଼ାଣ ଭରି ଅନେକ ତଥ୍ୟ ହାସଲ କରିବାରେ ସକ୍ଷମ। ଅନ୍ୱେଷଣ ଲାଗି ଉତ୍ତମ ରାସ୍ତା ଖୋଜିବା, ସଂକୀର୍ଣ୍ଣ ଗୁମ୍ଫାରେ ପ୍ରବେଶ କରି ତଥ୍ୟ ସଂଗ୍ରହ କରିବାରେ ସିଦ୍ଧହସ୍ତ। ନିକଟରେ ପ୍ରସ୍ତାବିତ୍ ଇଞ୍ଜେନ୍ୟୁଟିର ୫ମ ଉଡ଼ାଣକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। କାରଣ ଏହାକୁ କେବଳ ଏକମାସ କାର୍ଯ୍ୟ କରିବା ଲାଗି ଡିଜାଇନ କରାଯାଇଥିଲା, ଯାହା ସମ୍ପୂର୍ଣ୍ଣ ସୌର ଶକ୍ତି ଉପରେ ନିର୍ଭରଶୀଳ। ଅତ୍ୟଧିକ ଚାପରେ ଏହାର ଯନ୍ତ୍ରାଂଶ ଖରାପ ହୋଇଯିବା ଆଶଙ୍କା ରହିଛି। ଅନୁରୂପ ଭାବେ ଅତ୍ୟଧିକ ଥଣ୍ଡା ଇଲାକାରେ ଏହା କାମ କରିପାରିବ କି ନାହିଁ ତାହା ସବୁଠାରୁ ବଡ଼ ପ୍ରଶ୍ନ ଭାବେ ବୈଜ୍ଞାନିକଙ୍କ ସାମ୍ନାରେ ଉଭା ହୋଇଛି।

# ଜନ୍ମଦିନ ପାଳିଲେନି ଅନୁଷ୍କା




**ମୁମ୍ବାଇ:** ଦେଶରେ କରୋନାର ଦ୍ୱିତୀୟ ଲହର ଭୟାବହ ସ୍ଥିତି ସୃଷ୍ଟି କରିଛି। ମହାମାରୀରେ ସଂକ୍ରମିତ ଓ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ କରୋନାର ଶିକାର ହେଉଛନ୍ତି ଏବଂ ହଜାର ହଜାର ଲୋକଙ୍କ ଜୀବନ ଯାଉଛି। ଏଭଳି ପରିସ୍ଥିତିରେ ସମସ୍ତ ସେଲିବ୍ରିଟି ମଧ୍ୟ ଦେଶକୁ ସାହାଯ୍ୟ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରୁଛନ୍ତି। ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଏବଂ ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ମଧ୍ୟ ଲୋକଙ୍କୁ ସଚେତନ କରିଛନ୍ତି। ଏହା ଭିତରେ ଶନିବାର ଅନୁଷ୍କାଙ୍କ ଜନ୍ମଦିନ ଥିବାବେଳେ ସେ ଏହି ଦିନକୁ ପାଳନ କରି ନ ଥିବା କହିଛନ୍ତି। ଏ ସମ୍ପର୍କରେ ଅନୁଷ୍କା ଶର୍ମା ଏକ ଭିଡିଓ ମଧ୍ୟ ଶେୟାର କରିଛନ୍ତି। ଭିଡିଓ ମାଧ୍ୟମରେ ଅଭିନେତ୍ରୀ ତାଙ୍କ ପ୍ରଶଂସକଙ୍କୁ ଏକ ବିଶେଷ ବାର୍ତ୍ତା ଦେଇଛନ୍ତି। ଭିଡିଓରେ ଅନୁଷ୍କା କହୁଛନ୍ତି– ସମସ୍ତଙ୍କୁ ନମସ୍କାର, ଆଶା କରେ ଆପଣ ସମସ୍ତେ ସୁରକ୍ଷିତ ରହିବେ। ଜନ୍ମଦିନର ଶୁଭେଚ୍ଛା ପାଇଁ ମୁଁ ତୁମ ସମସ୍ତଙ୍କୁ ଧନ୍ୟବାଦ ଦେବାକୁ ଚାହେଁ। ଆପଣ ପ୍ରକୃତରେ ମୋର ଦିନକୁ ସ୍ୱତନ୍ତ୍ର କରିଛନ୍ତି। କିନ୍ତୁ ଏହି ଯନ୍ତ୍ରଣାଦାୟକ ସମୟ ମଧ୍ୟରେ, ମୁଁ ମୋର ଜନ୍ମଦିନ ପାଳନ କରିବା ଠିକ ଅନୁଭବ କରି ନାହିଁ। ଅନୁଷ୍କା ଆହୁରି କହିଛନ୍ତି– ଏହି ସମୟରେ ସମସ୍ତଙ୍କ ପାଇଁ ମୋର ଏକ ବିଶେଷ ବାର୍ତ୍ତା ଅଛି। ଦେଶର ଏହି ସଙ୍କଟ ପରିସ୍ଥିତିରେ ମୁଁ ଦେଶକୁ ଏକଜୁଟ ହୋଇ କରୋନା ସହ ଲଢ଼େଇ ପାଇଁ ନିବେଦନ କରୁଛି। ବିରାଟ ଏବଂ ମୁଁ ଆମର ସାମାନ୍ୟ ସମର୍ଥନ ଦେବାକୁ ଏକାଠି ହେଉଛୁ। ଅନୁଷ୍କା ଶର୍ମା ଶେଷ ଥର ପାଇଁ ଶାହରୁଖ ଖାନଙ୍କ ସହିତ ଆନନ୍ଦ ଏଲ ରୟଙ୍କ 'ଜିରୋ'ରେ ବଡ ପରଦାରେ ନଜର ଆସିଥିଲେ। ଇରଫାନ ଖାନଙ୍କ ପୁଅ ବାବିଲ ଖାନଙ୍କ ଡେବ୍ୟୁ ଫିଲ୍ମ 'କାଲା'ରେ ଅନୁଷ୍କା ନଜର ଆସିବେ।

# ୧୦୮ ବର୍ଷରେ ଭାରତୀୟ ସିନେମା

**ମୁମ୍ବାଇ:** ଆଜି ହିନ୍ଦୀ ସିନେମା ଏହା ଭିତରେ ୧୦୮ ବର୍ଷ ପୂରଣ କରିଛି। ପ୍ରଥମ ଭାରତୀୟ ଫିଚର ଚଳଚ୍ଚିତ୍ର ରାଜା ହରିଶ୍ଚନ୍ଦ୍ର ୧୯୧୩ରେ ମୁକ୍ତିଲାଭ କରିଥିଲା। ସେବେଠାରୁ ସିନେମାରେ ଅନେକ ପରିବର୍ତ୍ତନ ଆସିଛି। ଲଣ୍ଡନରୁ ଫେରିବା ପରେ ଦାଦା ସାହେବ ଫାଲକେ 'ରାଜା ହରିଶ୍ଚନ୍ଦ୍ର' ନାମକ ଏକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଏହାପୂର୍ବରୁ ଭାରତୀୟ ଲୋକଙ୍କ ସିନେମା ସହ କୌଣସି ସମ୍ପର୍କ ନ ଥିଲା। ରାଜା ହରିଶ୍ଚନ୍ଦ୍ରକୁ ଭାରତର ପ୍ରଥମ ଚଳଚ୍ଚିତ୍ର ବୋଲି କୁହାଯାଉଛି। 'ରାଜା ହରିଶ୍ଚନ୍ଦ୍ର' ଏକ ନିର୍ବାକ ଚଳଚ୍ଚିତ୍ର ଥିଲା। ଏଥିରେ କାହାଣୀକୁ ଅଙ୍ଗଭଙ୍ଗୀରେ କୁହାଯାଇଥିଲା। ବ୍ରିଟିଶମାନଙ୍କ ସହ ଲଢିବା ପାଇଁ ଦାଦାସାହେବ ଫାଲକେ ମଧ୍ୟ ଏହି ଚଳଚ୍ଚିତ୍ରର କାହାଣୀର ମୂଳଦୁଆ ପକାଇଥିଲେ। ଏହି ଚଳଚ୍ଚିତ୍ରର କାହାଣୀ ଥିଲା ରାଜା ହରିଶ୍ଚନ୍ଦ୍ରଙ୍କ ମହାନତା। ଜଣେ ସାଧୁ ତାଙ୍କୁ ପ୍ରତାରଣା କରି ସିଂହାସନକୁ ଛଡେଇ ନେଇଯାଏ। ରାଜା ହରିଶ୍ଚନ୍ଦ୍ରଙ୍କୁ ଭାରତ ଦେଶର ବୋଲି ସମ୍ବୋଧିତ କରାଯାଇଥିଲା। ବିଶ୍ୱାସ କରାଯାଏ ଯେ, ସମ୍ପୃକ୍ତଙ୍କୁ ବ୍ରିଟିଶମାନଙ୍କ ସହିତ ତୁଳନା କରାଯାଇଥିଲା। ସେତେବେଳେ ଦାଦା ସାହେବ ଫାଲକେଙ୍କ 'ରାଜା ହରିଶ୍ଚନ୍ଦ୍ର'ର ବଜେଟ ୧୫ ହଜାର ଟଙ୍କା ଥିଲା। ଏହି ଚଳଚ୍ଚିତ୍ରରେ କୌଣସି ମହିଳା ଅଭିନୟ କରି ନ ଥିଲେ। ଚଳଚ୍ଚିତ୍ରରେ ତାରାମତି ନାମକ ରାଣୀ ଭୂମିକାରେ ଆନ୍ନା ସାଲଙ୍କେ ଅଭିନୟ କରିଥିଲେ। ନିର୍ଦ୍ଦେଶକ ଦାଦା ସାହେବ ଫାଲକେ ଫିଲ୍ମର ଅଭିନେତ୍ରୀଙ୍କୁ ଖୋଜିବା ପାଇଁ ରେଡ ଲାଇଟ ଅଞ୍ଚଳକୁ ଯାଇଥିଲେ। ଏହି ସିନେମାରେ ରାଜା ହରିଶ୍ଚନ୍ଦ୍ର ଭୂମିକାରେ ଡି ଡି ଦାବକେ ଅଭିନୟ କରିଥିଲେ।



# ଦିନରେ ପୋଲିସ, ରାତିରେ ଡାକ୍ତର

**ଭୋପାଳ:** ପରଦା ଉପରେ କଳାକାରମାନଙ୍କୁ ଅନେକ ସମୟରେ ଡବଲ ରୋଲ କରିବାର ଦେଖିବାକୁ ମିଳିଥାଏ। କିନ୍ତୁ ପ୍ରକୃତ ଜୀବନରେ ବି ଏମିତି କେତେଜଣ ଅଛନ୍ତି, ଯେଉଁମାନେ ଡବଲ ରୋଲ କରିପାରନ୍ତି, ଏକଥା ହୁଏତ କେହି ବିଶ୍ୱାସ କରିପାରିବେ ନାହିଁ। କିନ୍ତୁ ମଧ୍ୟପ୍ରଦେଶରେ ଏମିତି ଜଣେ ବ୍ୟକ୍ତିତ୍ୱ ଅଛନ୍ତି, ଯିଏକି ଦିନରେ ପୋଲିସ ଡ୍ୟୁଟି କରିବା ସହିତ ରାତିରେ ଡାକ୍ତର ପାଲଟି ଯାଉଛନ୍ତି। ଆଉ ଉଭୟ ଭୂମିକାରେ ଲୋକଙ୍କ ସେବା କରି ସେ ବେଶ୍ ଆତ୍ମସନ୍ତୋଷ ଲାଭ କରୁଛନ୍ତି।

ମଧ୍ୟପ୍ରଦେଶ ଇନ୍ଦୋରର ସ୍ପେଶାଲ ବ୍ରାଞ୍ଚର ପୋଲିସ ଅଫିସର ହେଉଛନ୍ତି ରାଜେଶ ସହାୟ। କିନ୍ତୁ ତାଙ୍କର ଆଉ ଏକ ପରିଚୟ ହେଉଛି ସେ ଜଣେ ଡାକ୍ତର ମଧ୍ୟ। ଆଉ ଏହି ଦୁଇଟି ଭୂମିକାରେ ଏବେ ସେ ଦିନ ରାତି କାମ କରୁଛନ୍ତି। ଅର୍ଥାତ୍ ଦିନରେ ପୋଲିସ ଅଫିସରଭାବେ ନିଜ କର୍ତ୍ତବ୍ୟ କରିବା ସହିତ ରାତିରେ କରୋନା ରୋଗୀଙ୍କୁ ଡାକ୍ତର ସାଜି ଚିକିତ୍ସା କରୁଛନ୍ତି। କରୋନା ସମୟରେ ପୋଲିସ କୋଭିଡ୍ ଯୋଦ୍ଧା ସାଜି ଲୋକଙ୍କ ପାଇଁ କାମ କରୁଛନ୍ତି। ଏଥିପାଇଁ ଅନେକ ସମୟରେ ସେମାନେ ଏବଂ ସେମାନଙ୍କ ପରିବାର ମଧ୍ୟ କରୋନା ସଂକ୍ରମଣର ଶିକାର ହେଉଛନ୍ତି। ତେଣୁ ଇନ୍ଦୋରରେ ଏକ ପ୍ରାଥମିକ ଉପଚାର କେନ୍ଦ୍ର ସଞ୍ଚାଳନ କରି ପୋଲିସ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଚିକିତ୍ସା କରାଯାଉଛି। ଏଭଳି ପରିସ୍ଥିତିରେ ମାତ୍ର ଜଣେ ଡାକ୍ତରଙ୍କୁ ଏହି କେନ୍ଦ୍ରରେ ନିଯୁକ୍ତ କରାଯାଇଥିଲା। କିନ୍ତୁ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ଡାକ୍ତର ଜଣକ ଏକୁଟିଆ ଚିକିତ୍ସା କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ତାଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥିଲେ ରାଜେଶ। ଇନ୍ଦୋର ପୋଲିସରେ ଭର୍ତ୍ତି ହେବା ପୂର୍ବରୁ ରାଜେଶ ଏମ୍‌ବିବିଏସ୍ ଏବଂ ଏମ୍‌ଡି ଡିଗ୍ରୀ ହାସଲ କରିଥିଲେ। ତେଣୁ ସେ କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ଆଗେଇ ଆସିଥିଲେ। ଏଣୁ ଦିନବେଳେ ସେ ପୋଲିସ ପୋଷାକ ପିନ୍ଧି ନିଜ ଡ୍ୟୁଟି ସାରିବା ପରେ ସନ୍ଧ୍ୟାବେଳକୁ ଡାକ୍ତର ସାଜି କରୋନା ୱାର୍ଡରେ ରୋଗୀଙ୍କ ଚିକିତ୍ସା କରିବା ଆରମ୍ଭ କରି ଦେଇଛନ୍ତି। ଗୋଟିଏ ପଟେ ପୋଲିସର କର୍ତ୍ତବ୍ୟ, ଅନ୍ୟପଟେ ଡାକ୍ତରଭାବେ ଲୋକଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ରାଜେଶ ବେଶ୍ ଆତ୍ମସନ୍ତୋଷ ପାଇ ପାରୁଛନ୍ତି ବୋଲି କହିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ରାଜେଶଙ୍କ ଭଳି ବ୍ୟକ୍ତି ମାନବିକତା ପ୍ରଦର୍ଶନ କରି ଲୋକଙ୍କୁ ସଙ୍କଟରୁ ରକ୍ଷା କରିବା ପାଇଁ ଆଗେଇ ଆସିବା ଉଚିତ୍।



# ଘାସ ଖାଇ ବଞ୍ଚୁଛନ୍ତି

## ମାଡାଗାସ୍କରରେ ସ୍ଥିତି ଦୟନୀୟ

**ମାଡାଗାସ୍କର:** ବିଶ୍ୱର ଅନେକ ଦେଶରେ କରୋନା ମହାମାରୀ କାୟା ବିସ୍ତାର କରିଚାଲିଛି। ଏଭଳି ପରିସ୍ଥିତିରେ ଆଫ୍ରିକା ମହାଦେଶର ମାଡାଗାସ୍କର ଗମ୍ଭୀର ଦାରିଦ୍ର୍ୟତା ମଧ୍ୟରେ ଗତି କରୁଛି। ଏଠାରେ ବାସ କରୁଥିବା ହଜାର ହଜାର ଲୋକ ଜଙ୍ଗଲୀ ଘାସ ପତ୍ର ଏବଂ ଝିଣ୍ଟିକା ଖାଇ ଭୋକ ମେଣ୍ଟାଉଛନ୍ତି। ମାଡାଗାସ୍କରରେ ଲଗାତର ମରୁଡ଼ି ଏବଂ ଧୂଳିଝଡ଼ ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଥାଏ। ଫଳରେ ଏଠାକାର ଲୋକେ ଅନାହାରରେ ଦିନ କାଟନ୍ତି। ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ବରିଷ୍ଠ ନିର୍ଦ୍ଦେଶକ ଅମର ଦାଉଦି ଚେତାବନୀ ଦେଇଛନ୍ତି ଯେ, ମାଲାଗାସୀରେ ପିଲାମାନଙ୍କ ଜୀବନ ବିପଦରେ। ଏଠାରେ ୫ ବର୍ଷରୁ କମ ପିଲାମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଉଦ୍‌ବେଗଜନିତ ରହିଛି। ମାଡାଗାସ୍କରର ଦକ୍ଷିଣ ଅଞ୍ଚଳ ମରୁଡ଼ି ଦ୍ୱାରା ଅଧିକ ପ୍ରଭାବିତ ହୋଇଛି ଏବଂ ଲୋକଙ୍କ ପାଖରେ ଖାଦ୍ୟର ଉତ୍ସ ନାହିଁ। ଏଠାରେ ଦୁର୍ଭିକ୍ଷର ଭୟ ଅଛି ବୋଲି ଦାଉଦି ଚେତାବନୀ ଦେଇଛନ୍ତି। କାରଣ ସେମାନେ ପୂର୍ବରୁ ଦୁନିଆରେ ଏପରି ପରିସ୍ଥିତି ଦେଖିନାହାନ୍ତି। ମାଡାଗାସ୍କର ହେଉଛି ଦୁନିଆର ସବୁଠାରୁ ଗରିବ ଦେଶ। ଏଠାରେ ଲୋକମାନେ ମାଲାଗାସୀ ଏବଂ ଫରାସୀ ଭାଷା କୁହନ୍ତି। ମାଡାଗାସ୍କର ଏହାର ଅନନ୍ୟ ରଙ୍ଗୀନ ମାଟି ହେତୁ ରେଡ ଦ୍ୱୀପ ଭାବରେ ମଧ୍ୟ ଜଣାଶୁଣା। ଅନେକ ଔଷଧୀୟ ଉଦ୍ଭିଦ ପ୍ରଜାତି ମାଡାଗାସ୍କରରେ ମିଳିଥାଏ, ଯାହା ହର୍ବାଲ ଔଷଧରେ ବ୍ୟବହୃତ ହୁଏ।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କେଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଉପକୂଳ ଓଡ଼ିଶା, ନବରଙ୍ଗପୁର, ରାୟଗଡ଼ା, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କେନ୍ଦୁଝର, ମୟୁରଭଞ୍ଜ, ଗଜପତି, ବୌଦ୍ଧ ଆଦି ଜିଲାର କେତେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ଆସିପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବା ସହ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ମଙ୍ଗଳବାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୨.୧ |
| ଚାନ୍ଦବାଲି | ୩୫.୫ | ୨୧.୦ |
| କଟକ | ୩୭.୫ | ୨୨.୦ |
| ପାରାଦୀପ | ୩୧.୮ | ୨୩.୨ |
| ଭୁବନେଶ୍ୱର | ୩୯.୧ | ୨୩.୪ |
| ଗୋପାଳପୁର | ୩୩.୧ | ୨୬.୩ |
| ପୁରୀ | ୩୪.୦ | ୨୫.୨ |
| ଅନୁଗୋଳ | ୩୬.୯ | ୨୨.୬ |
| ବାରିପଦା | ୩୫.୦ | ୨୨.୦ |
| ଝାରସୁଗୁଡ଼ା | ୩୬.୬ | ୨୪.୪ |
| କେନ୍ଦୁଝର | ୩୪.୪ | ୨୦.୦ |
| ସମ୍ବଲପୁର | ୩୪.୭ | ୨୪.୪ |
| ସୁନ୍ଦରଗଡ଼ | ୩୫.୫ | ୨୪.୫ |
| ହୀରାକୁଦ | ୩୩.୫ | ୨୩.୭ |
| ତାଳଚେର | ୩୮.୧ | ୨୪.୩ |
| ଭବାନୀପାଟଣା | ୩୮.୦ | ୨୪.୦ |
| ବଲାଙ୍ଗୀର | ୩୮.୬ | ୨୪.୭ |
| କୋରାପୁଟ | ୩୩.୦ | ୧୯.୫ |
| ଫୁଲବାଣୀ | ୩୭.୪ | – |
| ଟିଟିଲାଗଡ଼ | ୩୯.୦ | ୨୬.୮ |
| ମାଲକାନଗିରି | ୩୯.୦ | ୨୩.୦ |
| ସୋନପୁର | ୩୮.୦ | ୨୪.୫ |
| ଦାରିଙ୍ଗିବାଡ଼ି | ୩୧.୫ | ୧୮.୫ |
| ନୟାଗଡ଼ | ୩୭.୦ | ୨୩.୫ |
| ବୌଦ୍ଧ | ୩୮.୦ | ୨୪.୦ |
| ଛତ୍ରପୁର | ୩୩.୦ | ୨୫.୬ |
| ପାରଳାଖେମୁଣ୍ଡି | ୩୫.୦ | ୨୪.୦ |
| ରାୟଗଡ଼ା | – | – |

ଡିଗ୍ରୀ ସେଲ୍‌ସିୟସ୍

# ଆଜି ବିଶ୍ୱ ଆଜ୍‌ମା ଦିବସ

## 'ଅନକଭରିଂ ଆଜ୍‌ମା ମିସ୍‌କନସେପସନ'

ଆଜ୍‌ମା ବା ଶ୍ୱାସଜନିତ ରୋଗ, ଆରମ୍ଭରୁ ସତର୍କ ନ ରହିଲେ ପରବର୍ତ୍ତୀ ସମୟରେଏହା ଜଟିଳ ରୂପ ଧାରଣ କରିଥାଏ। ଅନେକ ସମୟରେ ଏଥିଯୋଗୁଁ ମୃତ୍ୟୁମୁଖରେ ପଡିବାର ନଜୀର ମଧ୍ୟ ରହିଛି। ତେଣୁ ଏପରି ଏକ ଗୁରୁତର ରୋଗ ବିଷୟରେ ସତର୍କ ରହିବା ନିହାତି ଜରୁରୀ। ଏଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ)ପକ୍ଷରୁ ୧୯୯୩ ମସିହାରୁ ପ୍ରତିବର୍ଷ ମେ' ମାସ ପ୍ରଥମ ମଙ୍ଗଳବାରକୁ ଆଜ୍‌ମା ଦିବସ ଭାବରେ ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆଜ୍‌ମାର କାରଣ ଏବଂ ଉପଚାର ସମ୍ପର୍କରେ ସଚେତନ କରାଯାଏ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି। 'ଅନକଭରିଂ ଆଜ୍‌ମା ମିସ୍‌କନସେପସନ' (ଆଜ୍‌ମାକୁ ନେଇ ରହିଥିବା ଭ୍ରାନ୍ତ ଧାରଣା ଉପରକୁ ପରଦା ହଟାଇବା)। ତେବେ 'ହୁ'ପକ୍ଷରୁ ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ ଦିନକୁ ଦିନ ଏହି ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ସମଗ୍ର ବିଶ୍ୱରେ ଏହି ରୋଗରେ ପାଖାପାଖି ୩୩୯ ମିଲିୟନ ବ୍ୟକ୍ତି ଆକ୍ରାନ୍ତ ହୋଇଛନ୍ତି। କେବଳ ସେତିକି ନୁହେଁ, ଆଜ୍‌ମାରେ ଆକ୍ରାନ୍ତ ହୋଇ ପ୍ରତିବର୍ଷ ବିଶ୍ୱରେ ପ୍ରାୟ ୪୧୭,୯୧୮ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି। ଆଜ୍‌ମାରେ କେବଳ ବୟସ୍କ ବ୍ୟକ୍ତି କିମ୍ବା ଯୁବପିଢ଼ୀ ନୁହଁନ୍ତି ଶିଶୁମାନେ ମଧ୍ୟ ଆକ୍ରାନ୍ତ ହୋଇଥାଆନ୍ତି। ଏହାର ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବା ଆବଶ୍ୟକ। ପ୍ରଦୂଷିତ ପରିବେଶଠାରୁ ଏହି ରୋଗୀ ଦୂରେଇ ରହିବା ଦରକାର।



ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ଡା. ପ୍ରଶାନ୍ତ କୁମାର ସେନାପତି
(ଅବସରପ୍ରାପ୍ତ ନିର୍ଦ୍ଦେଶକ (ସ୍ୱାସ୍ଥ୍ୟ ବିଭାଗ)
କେଦାର ଲେନ୍, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୬।୦୪।୧୯୪୬
ତିରୋଧାନ: ୨୪।୦୪।୨୦୨୧
ବାପା, ତୁମ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଏବଂ ଲୋକ ପ୍ରିୟତା ସଦାସର୍ବଦା ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ପ୍ରଣାମ ଜଣାଉଛୁ।
-:ଶୋକସନ୍ତପ୍ତ ପରିବାରବର୍ଗ:-
ଧ-୨୦୬୩୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ସୁକାନ୍ତ କୁମାର ସାହୁ
ସିଦ୍ଧିବିହାର, ବରବାରି, ଜାଗମରା, ଭୁବନେଶ୍ୱର
ଆବିର୍ଭାବ : ୧୦.୦୮.୧୯୬୩
ତିରୋଧାନ : ୨୪.୦୪.୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।।
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ।
ଧ-୨୦୬୫୯

ସୌନ୍ଦର୍ଯ୍ୟ



# ଟ୍ୟାନ୍ ଫ୍ରି ତ୍ୱଚା ପାଇଁ କାକୁଡ଼ି

**କାକୁଡ଼ି ଖାଇବା କେବଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ ନୁହେଁ, ବରଂ ଏଥିରେ ଥିବା ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ ତ୍ୱଚାକୁ ଟ୍ୟାନ୍ ଫ୍ରି ରଖିବାରେ ମଧ୍ୟ ବେଶ୍ ଲାଭଦାୟକ। ଜାଣି ରଖନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...**

➤ପ୍ରଥମେ କାକୁଡ଼ିକୁ ଭଲ ଭାବେ ଗ୍ରାଇଣ୍ଡ କରି ସେଥିରେ ଅଳ୍ପ ଓଟ୍‌ମିଲ୍ ଏବଂ ମହୁ ମିଶାନ୍ତୁ। ଏହି ମାସ୍କକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଏହା ସନବର୍ନ ଏବଂ ଟ୍ୟାନ୍ ଦୂର କରିବା ଲାଗି ସବୁଠୁ ଭଲ ଉପାୟ।

➤ କାକୁଡ଼ିକୁ ଖରାଦିନେ ଟୋନର ଭାବେ ବ୍ୟବହାର କରିବା ଦ୍ୱାରା ଟ୍ୟାନ୍ ସମସ୍ୟା ଦୂର ହୋଇଥାଏ। ଏଥିପାଇଁ କାକୁଡ଼ିର ଚୋପା ଛଡ଼ାଇ ଏହାକୁ ଗ୍ରାଇଣ୍ଡ କରିବା ପରେ ଭଲ ଭାବେ ଛାଣି ରସ ବାହାର କରିଦିଅନ୍ତୁ। ଏହାକୁ ସ୍ପ୍ରେ ବୋତଲରେ ରଖି ମୁହଁରେ ସ୍ପ୍ରେ କରନ୍ତୁ ନଚେତ୍ ତୁଳାରେ ନେଇ ମୁହଁରେ ଲଗାନ୍ତୁ। ଏହା ତ୍ୱଚାକୁ ହାଇଡ୍ରେଟ୍ ଏବଂ ଫ୍ରେଶ୍ ରଖିବା ସହ ଟ୍ୟାନ୍ ହେବାକୁ ଦେଇ ନ ଥାଏ।

➤କାକୁଡ଼ିର ଚୋପା ଏବଂ ମଞ୍ଜି ବାହାର କରି ଅବଶିଷ୍ଟ ଅଂଶରେ ଗୋଟିଏ ଅଣ୍ଡାର ଧଳା ଭାଗ ଭଲ ଭାବେ ବାଟି ଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଏହା ଖରାରେ ହୋଇଥିବା ଟ୍ୟାନ୍ ଦୂର କରି ତ୍ୱଚାର ଉଜ୍ଜ୍ୱଳତା ବଢାଇଥାଏ। ଏଥିରେ ଆପଣ ଚାହିଁଲେ କିଛି ପୋଦିନା ପତ୍ର ମଧ୍ୟ ମିଶାଇ ଗ୍ରାଇଣ୍ଡ କରିପାରିବେ।

➤କାକୁଡ଼ିକୁ ପତଳା କାଟି ମୁହଁ ଏବଂ ଆଖି ଉପରେ ରଖିବା ଦ୍ୱାରା ମଧ୍ୟ କଳାଦାଗ ସହଜରେ ଦୂର ହୋଇଥାଏ।



# କରୋନା ଓ ଶିଶୁ ଯତ୍ନ

**ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ**

ପୃଥିବୀର କ୍ଷୁଦ୍ରାତିକ୍ଷୁଦ୍ର ଜୀବ କରୋନା ଭୂତାଣୁ। ହେଲେ ଏହା ସମସ୍ତ ମଣିଷ ସମାଜକୁ ଏକ ପ୍ରକାରର ଅସହାୟ ଅବସ୍ଥାରେ ରଖିଛି। ସମଗ୍ର ପୃଥିବୀର ୨୩୫ଟି ଦେଶର ଜନତା ଏବେ ଅଜଣା ଆତଙ୍କରେ ଆତଙ୍କିତ। କେଉଁଠି ଅକ୍ସିଜେନ୍ ଅଭାବ ତ କେଉଁଠି ଡାକ୍ତରଖାନାରେ ରୋଗୀଙ୍କୁ ମିଳୁନି ବେଡ୍। କାହାରିକୁ ଦୟା ଦେଖାଉନାହିଁ କରୋନା ରୂପୀ ରାକ୍ଷସ। ଆବାଳ ବୃଦ୍ଧବନିତା କରୋନାର କ୍ରୂର ପଞ୍ଝାତଳେ ନିଷ୍ପେଷିତ ହେଉଛନ୍ତି। ଏହି ସମୟରେ ଶିଶୁମାନଙ୍କୁ ସୁରକ୍ଷିତ ରଖିବା ଲାଗି ସେମାନଙ୍କର ବିଶେଷ ଭାବେ ଯତ୍ନ ନେବା ସହ ଅଭିଭାବକମାନେ କେତେକ ଦିଗ ପ୍ରତି ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ।

ଆମ ଦେଶର ସମସ୍ତ ଜନସଂଖ୍ୟାର ପ୍ରାୟ ୩୦ ଭାଗ ହେଉଛନ୍ତି ଶିଶୁ। ଆଉ ଏହି ସମସ୍ତ ଶିଶୁଙ୍କ ମଧ୍ୟରୁ ବର୍ତ୍ତମାନ ପ୍ରାୟ ୧୦-୨୦ ଭାଗ ଶିଶୁଙ୍କଠାରେ କରୋନା ସଂକ୍ରମଣ ହେଉଥିବାର ଦେଖିବାକୁ ମିଳୁଛି। ତେବେ ଅତ୍ୟନ୍ତ ଦୁଃଖର ବିଷୟ ଯେ, ତନ୍ମଧ୍ୟରୁ ୧-୩% ଶିଶୁ ସାଙ୍ଘାତିକ କରୋନା ରୋଗରେ ଆକ୍ରାନ୍ତ ହୋଇଥାନ୍ତି।



**ଏଥର କରୋନା ଶିଶୁମାନଙ୍କ ଠାରେ ମଧ୍ୟ ସଂକ୍ରମିତ ହେଉଛି। ଯାହାକି ଅଭିଭାବକମାନଙ୍କ ଚିନ୍ତା ବଢାଇଦେଇଛି। ଏମିତିରେ ଶିଶୁଙ୍କ ସୁରକ୍ଷା ଲାଗି କେତେକ ବିଶେଷ ଦିଗ ପ୍ରତି ସତର୍କତା ଅବଲମ୍ବନ କରିବା ଗୁରୁତ୍ୱପୂର୍ଣ୍ଣ...**

**ଶିଶୁଙ୍କଠାରେ କରୋନା:** ଶିଶୁମାନଙ୍କ ଠାରେ କରୋନା ସଂକ୍ରମଣକୁ ମୁଖ୍ୟତଃ ୪ ଭାଗରେ ବିଭକ୍ତ କରାଯାଇଛି। ଯଥା:

**୧ – ଅଳ୍ପ ପରିମାଣରେ ସଂକ୍ରମଣ:** ଏହା ଆସିମ୍ପ୍ଟୋମାଟିକ୍ ବା ଏଥିରେ ଶିଶୁଠାରେ ରୋଗର କୌଣସି ଲକ୍ଷଣ ଦେଖାଯାଇ ନ ଥାଏ। ହେଲେ ଘରେ କେହି କରୋନା ଆକ୍ରାନ୍ତ ଥିଲେ ଟେଷ୍ଟ ସମୟରେ ଶିଶୁ ସଂକ୍ରମିତ ବୋଲି ଜଣାପଡିଥାଏ। ଏ କ୍ଷେତ୍ରରେ ଔଷଧ ଆବଶ୍ୟକ ହୁଏ ନାହିଁ। କେବଳ ରୋଗର ହ୍ରାସ ଓ ବୃଦ୍ଧିକୁ ଆକଳନ କରାଯାଏ ଏବଂ ଏହାକୁ ଅଧିକ ନ ବଢିବା ଲାଗି ବିଭିନ୍ନ ପଦକ୍ଷେପ ନିଆଯାଏ।

**୨– ମଧ୍ୟମ ଧରଣର ସଂକ୍ରମଣ:** ଏଥିରେ ଶିଶୁଙ୍କଠାରେ ନାକରୁ ପାଣି ବୋହିବା, ତଣ୍ଟି ଦରଜ ହେବା, କାଶ ଭଳି ଲକ୍ଷଣ ଦେଖାଯାଉଥିଲେ ହେଁ ଶିଶୁ ଅଣନିଃଶ୍ୱାସୀ ହୋଇ ନ ଥାଏ। ଏମିତିରେ ଶିଶୁକୁ କୋଠରିରେ ଏକାନ୍ତ ବା ହୋମ ଆଇସୋଲେଶନ୍‌ରେ ରଖାଯାଏ। ଲକ୍ଷଣ ଅନୁସାରେ ଜ୍ୱର ବଢିଲେ ପାରାସିଟାମଲ୍ ଔଷଧ ଦିଆଯିବା ସହ ଗରମ ପାଣିରେ କୁଳି କରିବା ଏବଂ ସାଲାଇନ୍ ନାଜାଲ୍ ଡ୍ରପ୍ ପକାଯାଇଥାଏ। ଏଥିରେ ଶିଶୁକୁ ସାଧାରଣ ଖାଦ୍ୟ ଓ ପାନୀୟ ଦିଆଯାଇଥାଏ। ରୋଗ ନ ବଢିବା ଲାଗି ଏକ ଚାର୍ଟ ପ୍ରସ୍ତୁତ କରି ପ୍ରତି ୩-୪ ଘଣ୍ଟା ବ୍ୟବଧାନରେ ଶିଶୁର ଶରୀରର ଉତ୍ତାପ, ନିଃଶ୍ୱାସର ଗତି, ପରିସ୍ରା ପରିମାଣ, ଅକ୍ସିଜେନ୍ ସାଚୁରେଶନ ଆଦି ବିଭିନ୍ନ ସ୍ୱାସ୍ଥ୍ୟ ବିବରଣୀ ଲେଖି ଡାକ୍ତରଙ୍କ ସହ ନିୟମିତ ପରାମର୍ଶ କରିବା ଆବଶ୍ୟକ। ଏଥିରେ କୋଭିଡ୍ ଆଣ୍ଟିଜେନ୍ ଏବଂ ଆର୍‌ଟିପିସିଆର୍ ଦୁଇଟି ଟେଷ୍ଟ ବ୍ୟତୀତ ଅନ୍ୟ ଟେଷ୍ଟ ଆବଶ୍ୟକ ହୋଇ ନ ଥାଏ।





**୩–ସାଂଘାତିକ ସଂକ୍ରମଣ:** ଏହି ଷ୍ଟେଜ୍‌ରେ ଶିଶୁକୁ ଅଣନିଃଶ୍ୱାସୀ ଲାଗେ। ଯଦି ପ୍ରତି ମିନିଟ୍‌ରେ ନିଃଶ୍ୱାସର ଗତି ଜନ୍ମରୁ ୨ମାସ ଶିଶୁର ୬୦ରୁ ଅଧିକ, ୨ମାସରୁ ଏକ ବର୍ଷ ଶିଶୁର ୫୦ରୁ ଅଧିକ, ୧ରୁ ୫ ବର୍ଷ ଶିଶୁର ୪୦ରୁ ଅଧିକ, ୫ରୁ ଅଧିକ ଶିଶୁଙ୍କର ୩୦ରୁ ଅଧିକ ରୁହେ ଏବଂ ଅକ୍ସିଜେନ୍ ସାଚୁରେଶନ୍ ୯୪%ରୁ କମ୍ ରୁହେ ତେବେ ଶିଶୁକୁ କୋଭିଡ୍ ହସ୍ପିଟାଲ୍‌ରେ ରଖି ଚିକିତ୍ସା କରାଇବା ଆବଶ୍ୟକ।

**୪– ଅତି ସଂଘାତିକ ସଂକ୍ରମଣ:** ଏ କ୍ଷେତ୍ରରେ ଶିଶୁଠାରେ ସାଂଘାତିକ ସଂକ୍ରମଣର ସମସ୍ତ ଲକ୍ଷଣ ସହିତ ଅକ୍ସିଜେନ୍ ୯୦% କମ୍ ରୁହେ। ଫଳରେ ଶିଶୁକୁ ନିଃଶ୍ୱାସ ନେବାରେ ଖୁବ୍ କଷ୍ଟ ହୁଏ। ଏହା ବ୍ୟତୀତ କିଡ୍‌ନୀ, ଲିଭର, ହାର୍ଟ ଆଦି ଅଙ୍ଗର କାର୍ଯ୍ୟ ଶକ୍ତି ହ୍ରାସ ପାଇଥାଏ। ଏହାକୁ MIS–C ବା ମଲ୍ଟି ଇନ୍‌ଫ୍ଲାମେଟୋରି ସିଣ୍ଡ୍ରୋମ କୁହାଯାଏ। ଏକ୍ଷେତ୍ରରେ ଶିଶୁକୁ ତୁରନ୍ତ ଆଇସିୟୁରେ ଭର୍ତ୍ତି କରିବାକୁ ହୋଇଥାଏ।

ପୂର୍ବରୁ ହୃଦ୍‌ରୋଗ, ନେଫ୍ରୋଟିକ୍ ସିଣ୍ଡ୍ରୋମ୍, ଡାଇବେଟିସ୍, କ୍ୟାନ୍ସର ଆଦି ସମସ୍ୟା ଥିବା ଶିଶୁମାନଙ୍କୁ କରୋନା ସଂକ୍ରମଣ ହେବା ମାତ୍ରେ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇ ଚିକିତ୍ସା ଆରମ୍ଭ କରାଇବା ଦରକାର।

**ମା'ଙ୍କ ପାଇଁ ନିୟମ:** ଘରେ କରୋନା ରୋଗୀ ଥିଲେ ମାଆଙ୍କୁ ସେମାନଙ୍କଠାରୁ ଅତିକମ୍‌ରେ ୨ ମିଟର ଦୂରତା ରକ୍ଷା କରିବା ସହ ସର୍ବଦା ମାସ୍କ ପିନ୍ଧିବା ଆବଶ୍ୟକ। ନଚେତ୍ ମା' ଠାରୁ ଶିଶୁକୁ ସଂକ୍ରମଣ ହେବାର ଆଶଙ୍କା ବେଶି। ସେହିପରି ଯଦି ଜଣେ ମା' ସଂକ୍ରମିତ ହୁଅନ୍ତି ତେବେ ସମସ୍ତ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ହେଲେ ସ୍ତନ୍ୟପାନ କରାଉଥିବା ମା' ନିଜେ ମାସ୍କ ପିନ୍ଧି ଭଲ ଭାବେ ହାତ ଧୋଇ ଶିଶୁକୁ ସ୍ତନ୍ୟପାନ କରାଇପାରିବେ। କାରଣ ମାତୃଗର୍ଭ ଏବଂ ସ୍ତନରେ ଏଯାଏଁ କରୋନା ଭୂତାଣୁ ଠାବ କରାଯାଇ ନାହିଁ।

**ଜାଣି ରଖନ୍ତୁ:**

– ଦୁଇ ବର୍ଷରୁ କମ୍ ଶିଶୁଙ୍କ ଲାଗି ମାସ୍କ ପିନ୍ଧିବା ବାଧ୍ୟତାମୂଳକ ନୁହେଁ। ଏହାଠାରୁ ବଡ ପିଲାଙ୍କୁ ପାଟି ଏବଂ ନାକ ଭଲ ଭାବେ ଘୋଡି ହେଉଥିବା ମାସ୍କ ପିନ୍ଧାନ୍ତୁ। ମାସ୍କକୁ ୮ଘଣ୍ଟାରେ ଥରେ ବଦଳାନ୍ତୁ। କଟନ ମାସ୍କ ପିନ୍ଧୁଥିଲେ ପ୍ରତିଥର ବ୍ୟବହାର ପରେ ଡିଟରଜେଣ୍ଟ ପାଉଡରରେ ଧୋଇ ଶୁଖାନ୍ତୁ।

– ଶିଶୁଙ୍କୁ ଭଲ ଭାବେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ସାବୁନ୍ କିମ୍ବା ଲିକ୍ୱିଡ୍ ହ୍ୟାଣ୍ଡୱାଶ୍‌ରେ ହାତ ଧୋଇବା ଶିଖାନ୍ତୁ।

– ପିଲାଙ୍କୁ ଦୋକାନ ବଜାର, ପାର୍ଟି ଫଙ୍କସନ୍ ଭଳି ଜନଗହଳି ସ୍ଥାନକୁ ଆଦୌ ନିଅନ୍ତୁ ନାହିଁ। ଅଧିକ ପିଲା ଏକାଠି ହୋଇ ଖେଳିବାକୁ ମନା କରନ୍ତୁ। ପାଖ ପଡୋଶୀ ସଂକ୍ରମିତ ହୋଇଥିଲେ ପିଲାଙ୍କୁ ଘରୁ ନ ବାହାରିବା ଲାଗି ପରାମର୍ଶ ଦିଅନ୍ତୁ।

**ମନେରଖନ୍ତୁ:** ବର୍ତ୍ତମାନ ସୁଦ୍ଧା ପିଲାଙ୍କ ଲାଗି କରୋନା ଭ୍ୟାକ୍ସିନ୍ ଉପଲବ୍ଧ ହୋଇନାହିଁ। ତେଣୁ ଅଭିଭାବକମାନେ ଏହାକୁ ନେଇ ଚିନ୍ତିତ। ଏମିତିରେ ବିଭିନ୍ନ ସୋସିଆଲ୍ ମିଡିଆରେ କରୋନା ନ ହେବା ଲାଗି ଇମ୍ୟୁନିଟି ବା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ କେତେକ ଔଷଧ, କାଢା, ଘରୋଇ ନାଜାଲ୍ ଡ୍ରପ୍ ଭାବେ ଲେମ୍ବୁ ରସ, ତୁଳସୀ ରସ କୌଣସି ତେଲ ଆଦି ଚିକିତ୍ସା ଉପାୟ ପୋଷ୍ଟ ହେଉଛି; ଯାହାକୁ ଅନେକେ ଆପଣାଉଥିବା ମଧ୍ୟ ଦେଖିବାକୁ ମିଳୁଛି। ହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଏଭଳି କୌଣସି ଚିକିତ୍ସା ପଦ୍ଧତି ପିଲାଙ୍କଠାରେ ପ୍ରୟୋଗ କରିବା ଆଦୌ ନିରାପଦ ନୁହେଁ। କେବଳ ଏତିକି ନୁହେଁ ଅନ୍ୟଠୁ ଶୁଣି ଭିଟାମିନ୍ ସି, ଡି, ମଲ୍ଟିଭିଟାମିନ୍, ଜିଙ୍କ୍ ଆଦି ମଧ୍ୟ ପିଲାଙ୍କୁ ମନଇଚ୍ଛା ନ ଦେଇ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଆବଶ୍ୟକ ମାତ୍ରାରେ ଖୁଆଇପାରିବେ।

– ଶିଶୁରୋଗ ବିଶେଷଜ୍ଞ, ଲିଙ୍ଗରାଜ ବିହାର, ଭୁବନେଶ୍ୱର
narped9yahoo.com

## ଘରୁ ଦୂରାନ୍ତୁ ଅସରପା...

ରୋଷେଇ ଘରେ ଅସରପା ରହିବା ଦ୍ୱାରା ସେମାନେ କୋଣଗୁଡିକ ଏବଂ ପ୍ରତି ଛୋଟ ବଡ ସ୍ଥାନକୁ ସହଜରେ ଯାଇ ଜୀବାଣୁ ଛାଡି ଥାନ୍ତି। ଯାହାକି ଆମ ଶରୀରକୁ ଆସି ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ। ତେଣୁ କିଚେନ୍‌ରୁ କିପରି ଅସରପା ଦୂର କରିବେ ଜାଣି ରଖନ୍ତୁ...



➔ରାତିରେ ବୋରାକ୍ସ ଏବଂ ଚିନିକୁ ଏକାଠି ଗୋଳାଇ କିଚେନ୍‌ରେ ଥିବା ଡ୍ର, ଆଲମିରା, ଡଷ୍ଟବିନ୍, ସିଙ୍କ୍ ଆଦି ଅସରପା ହେଉଥିବା ସ୍ଥାନରେ ରଖି ଦିଅନ୍ତୁ। ସକାଳୁ ଉଠି ଦେଖିବେ ଉକ୍ତ ସ୍ଥାନରେ ଅସରପା ମରି ପଡିଥିବେ। ତେବେ ମନେ ରଖନ୍ତୁ ଏପରି କରିବା ସମୟରେ ଖାଦ୍ୟ ପଦାର୍ଥ ଖୋଲାରେ ଆଦୌ ରଖନ୍ତୁ ନାହିଁ। ଘରେ ଛୋଟପିଲା କିମ୍ବା ପୋଷା ଜୀବଜନ୍ତୁ ଥିଲେ ଯେପରି ଏହା ସଂସ୍ପର୍ଶରେ ନ ଆସନ୍ତି ଧ୍ୟାନ ରଖନ୍ତୁ।

➔ବୋରାକ୍ସ ବଦଳରେ ଆପଣ ବେକିଂ ସୋଡା ସହିତ ଚିନି ଗୋଳାଇ ପାରିବେ। ଏହା ମଧ୍ୟ ଅସରପା ମାରିବାରେ ସାହାଯ୍ୟ କରିବ।

➔୩-୪ଟି ତେଜ ପତ୍ରକୁ ଖରାରେ ଭଲ ଭାବେ ସୁଖାଇ ଗୁଣ୍ଡ କରିଦିଅନ୍ତୁ। କିଚେନ୍‌ରେ ଅସରପା ହେଉଥିବା ସ୍ଥାନ ଗୁଡିକରେ ଏହି ଗୁଣ୍ଡ ଛିଞ୍ଚିଦିଅନ୍ତୁ ଦେଖିବେ ଅସରପା ଚାଲିଯିବେ।

➔ଏକ ବାଲ୍‌ଟି ପାଣିରେ ୨ କପ୍ ଆମୋନିଆ ମିଶାଇ କିଚେନ୍ ସହିତ ଘରର ଅନ୍ୟ ଚଟାଣ ଗୁଡିକୁ ମଧ୍ୟ ଭଲ ଭାବେ ପୋଛି ଦିଅନ୍ତୁ। ପ୍ରତି ଦୁଇ ସପ୍ତାହରେ ଥରେ ଏପରି କରିବା ଦ୍ୱାରା ଅସରପା ସମ୍ପୂର୍ଣ୍ଣ ଦୂର ହୋଇଯିବେ।

ଖାଦ୍ୟ ରୁଚି

## ପଣସ ବିରିୟାନୀ

**ଆବଶ୍ୟକ ସାମଗ୍ରୀ:** ମଧ୍ୟମ ଆକାର କଟା ହୋଇଥିବା କଞ୍ଚା ପଣସ ୨୦୦ ଗ୍ରାମ୍, ୨ଟି ପିଆଜ, ୨ କପ୍ ଚାଉଳ, ଅଦା ରସୁଣ ପେଷ୍ଟ ୧ ବଡ ଚାମଚ, ଧନିଆ ପାଉଡର ୧ ବଡ ଚାମଚ, କେଶର ୧ ଛୋଟ ଚାମଚ, ୩-୪ଟି ଲବଙ୍ଗ, ୨ଟି ଗୁଜୁରାତି, ୨ଟି ତେଜପତ୍ର, ଚିମୁଟାଏ ଜାୟିତ୍ରୀ, ଚକ୍ରଫୁଲ ୧ଟି, ଜିରା ୧ ଛୋଟ ଚାମଚ, ଲାଲ ଲଙ୍କା ଗୁଣ୍ଡ ୧ ଛୋଟ ଚାମଚ, ଦହି ୨ ବଡ଼ ଚାମଚ, ୧/୪ କପ୍ କ୍ଷୀର, ତେଲ ଏବଂ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଟା ପଣସକୁ ଭଲ ଭାବେ ଧୋଇ ଅଳ୍ପ ତେଲରେ ଫ୍ରାଏ କରିଦିଅନ୍ତୁ। ଏକ ଗିନାରେ କ୍ଷୀରରେ କେଶରକୁ ଭିଜାଇ ତାହା ହଳଦିଆ ହେବାଯାଏଁ ଛାଡି ଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ଚାଉଳ ନେଇ ଭାତ କରନ୍ତୁ। ଭାତକୁ ଅଧା ଅଧା କରନ୍ତୁ। ପ୍ରଥମ ଅଧାକୁ ହଳଦିଆ କରିବା ଲାଗି ସେଥିରେ କେଶର ଯୁକ୍ତ କ୍ଷୀର ମିଶାଇ ଗୋଳାନ୍ତୁ। ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ସେଥିରେ ସମସ୍ତ ମସଲା ପକାଇ ଗୋଳାନ୍ତୁ, ସେଥିରେ କଟା ପିଆଜ ପକାନ୍ତୁ। ଅଳ୍ପ ବ୍ରାଉନ୍ ରଙ୍ଗ ହୋଇ ଆସିଲେ ଅଦା ରସୁଣ ପେଷ୍ଟ ପକାଇ ଗୋଳନ୍ତୁ। ସେଥିରେ ସ୍ୱାଦାନୁସାରେ ଲୁଣ ଏବଂ ଅଳ୍ପ ଦହି ପକାଇ ଗୋଳାନ୍ତୁ। ମସଲା ଭଲ ଭାବେ କଷି ହୋଇଗଲେ ସେଥିରେ ପଣସ ଫ୍ରାଏ ପକାଇ ଭଲ ଭାବେ ଗୋଳାଇ କିଛି ସମୟ ଛାଡି ଦିଅନ୍ତୁ। ଏହା ଭଲ ଭାବେ ସିଝି ଗଲେ ଚୁଲା ବନ୍ଦ କରିଦିଅନ୍ତୁ। ଅନ୍ୟ ଏକ ପାତ୍ରରେ ପୂର୍ବରୁ ସିଝେଇ ରଖିଥିବା ଭାତ ଅଳ୍ପ ନିଅନ୍ତୁ। ଏହା ଉପରେ ପ୍ରସ୍ତୁତ ପଣସ ମସଲା ଏକ ଲେୟାର ପକାନ୍ତୁ। ପୁନର୍ବାର ଏକ ଲେୟାର ଭାତ ଏବଂ ପଣସ ମସଲା ପକାନ୍ତୁ। ଉପରେ କାଜୁ, ବାଦାମ, ଇତ୍ୟାଦି ପକାନ୍ତୁ। ଅଳ୍ପ ଆଞ୍ଚରେ କିଛି ସମୟ ଚୁଲାରେ ବସାଇ ଚୁଲା ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ପଣସ ବିରିୟାନୀ। ଏହାକୁ ଗରମ ଗରମ ଖାଇବାର ମଜା ନିଅନ୍ତୁ।



## ଗଣ୍ଠି ଯନ୍ତ୍ରଣାର ଘରୋଇ ଉପଚାର

**ଶିଶୁ ଜନ୍ମପରେ ଶରୀରରେ କ୍ୟାଲ୍‌ସିଅମ୍ ଅଭାବ ହେଉ କିମ୍ବା ଘର ସାଙ୍ଗକୁ ଅଫିସ୍ କାମର ଚାପରେ ଅନେକ ମହିଳାଙ୍କଠାରେ ଗଣ୍ଠି ଯନ୍ତ୍ରଣା ଦେଖିବାକୁ ମିଳୁଛି; ଯାହାକୁ ରୋକିବା ଲାଗି ଅନେକେ ପେନ୍‌କିଲର ମଧ୍ୟ ବ୍ୟବହାର କରୁଛନ୍ତି। ହେଲେ ଏହାର ଅଧିକ ସେବନ ଅପରପକ୍ଷେ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଉପୁଜାଉଛି। ତେଣୁ ଗଣ୍ଠିଯନ୍ତ୍ରଣାକୁ କିଭଳି ଘରୋଇ ଉପାୟରେ କମାଇପାରିବେ ଜାଣି ରଖନ୍ତୁ....**



➤ଗଣ୍ଠି ଯନ୍ତ୍ରଣାରୁ ଉପଶମ ଦେବାରେ ରସୁଣ ବେଶ୍ ଉପକାରୀ। ଏହାକୁ ପେଷ୍ଟ କରି ମହୁ ମିଶାଇ ପ୍ରତିଦିନ ଖାଇବା ସମୟରେ ଏକ ଚାମଚ ଖାଇଲେ ଗଣ୍ଠି ଯନ୍ତ୍ରଣା କମିଥାଏ। ରସୁଣ ପେଷ୍ଟକୁ ତେଲରେ ମିଶାଇ ଗଣ୍ଠି ସ୍ଥାନରେ ମାଲିସ୍ କଲେ ମଧ୍ୟ ଉପଶମ ମିଳିଥାଏ।

➤ଏକ ଗ୍ଲାସ୍ ଉଷୁମ କ୍ଷୀରରେ ଏକ ଚାମଚ ହଳଦୀ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାଇ ପିଇଲେ ବି ଯନ୍ତ୍ରଣା କମିଥାଏ।

➤ମେଥି ମଧ୍ୟ ଗଣ୍ଠିଯନ୍ତ୍ରଣା କମାଇବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ରାତିରେ ମେଥିକୁ ଭିଜାଇ ରଖି ସକାଳେ ଚୋବାଇ ଖାଇବା ଦ୍ୱାରା ଯନ୍ତ୍ରଣା ଦୂର ହୋଇଥାଏ।

➤ପିଆଜରେ ସଲ୍‌ଫର୍ ଅଧିକ ପରିମାଣରେ ଭରି ରହିଛି। ଯାହାକି ଗଣ୍ଠିରେ ଯନ୍ତ୍ରଣା ସୃଷ୍ଟି କରୁଥିବା ଏଞ୍ଜାଇମ୍‌କୁ ନିୟନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଖାଇବାରେ କଞ୍ଚା ପିଆଜକୁ ସାମିଲ କଲେ ଉପକୃତ ହେବେ।

➤ ଅଣ୍ଟା ଯନ୍ତ୍ରଣା ଲାଗି କଷ୍ଟ ପାଉଥିଲେ ଦେଶୀ ଘିଅରେ ଶୁଣ୍ଠି ମିଶାଇ ଖାଇଲେ ଉପକୃତ ହେବେ। ନଡିଆ ତେଲ କିମ୍ବା ସୋରିଷ ତେଲରେ ରସୁଣ ପକାଇ ଗରମ କରି କିମ୍ବା ନଡିଆ ତେଲରେ କର୍ପୂର ମିଶାଇ ଗରମ କରି ଅଣ୍ଟାରେ ମାଲିସ୍ କଲେ ମଧ୍ୟ ଯନ୍ତ୍ରଣାରୁ ଉପଶମ ପାଇପାରିବେ।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୪/୨୦୨୧ Bhubaneswar, Tuesday, May 4/ 2021


# ଆଇପିଏଲ୍ ଉପରେ କରୋନା କାୟା

**ନୂଆଦିଲ୍ଲୀ, ୩।୫ (ପି.ଟି.)**

ସୁରକ୍ଷିତ ବାୟୋ ବବଲ ଏବଂ କଡ଼ା କଟକଣା ମଧ୍ୟରେ ଚାଲିଥିବା ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କରୋନା ପ୍ରବେଶ କରିଛି। କୋଲକାତା ନାଇଟ ରାଇଡର୍ସ (କେକେଆର୍)ର ଦୁଇ ଖେଳାଳି ବରୁଣ ଚକ୍ରବର୍ତ୍ତୀ ଓ ସନ୍ଦୀପ ୱାରିୟର ଏହି ମାରାତ୍ମକ ଭୂତାଣୁଦ୍ୱାରା ସଂକ୍ରମିତ ହୋଇଛନ୍ତି। ଫଳରେ ସୋମବାର ସନ୍ଧ୍ୟାରେ ଅହମଦାବାଦରେ କେକେଆର ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚକୁ ସ୍ଥଗିତ ରଖାଯାଇଛି। ଏହି ମ୍ୟାଚ ପାଇଁ ପରେ ଦିନ ଧାର୍ଯ୍ୟ ହେବ। ଗତ ୪ ଦିନ ମଧ୍ୟରେ ତୃତୀୟ ରାଉଣ୍ଡ କୋଭିଡ୍ ଟେଷ୍ଟିଂରେ ବରୁଣ ଓ ସନ୍ଦୀପଙ୍କ ପଜିଟିଭ ଏବଂ ଦଳର ଅନ୍ୟ ସଦସ୍ୟଙ୍କ ଫଳାଫଳ ନେଗେଟିଭ ଆସିଥିଲା। ଏହାଛଡ଼ା ଚେନ୍ନାଇ ସୁପର କିଙ୍ଗ୍ସ ସିଇଓ କାଶୀ ବିଶ୍ୱନାଥନ, ବୋଲିଂ କୋଚ୍ ଏଲ୍. ବାଲାଜୀ ଏବଂ ଦଳ ସହ ଥିବା ଜଣେ ବସ୍ ଡ୍ରାଇଭର ରବିବାର ପଜିଟିଭ ଚିହ୍ନଟ ହୋଇଥିଲେ। ପରେ ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ ରପୋର୍ଟରେ ନେଗେଟିଭ ଆସିବାରୁ ବିସିସିଆଇର ଜଣେ ଟପ୍ ଅଫିସିଆଲ କିନ୍ତୁ ଏହି ତିନୋଟି ମାମଲାକୁ 'ଫଲ୍ସ ପଜିଟିଭ୍' ବୋଲି ସଫେଇ ଦେଇଥିଲେ। କିନ୍ତୁ ଦ୍ୱିତୀୟ ଆର୍‌ଟି-ପିସିଆର୍ ରିପୋର୍ଟରେ ବାଲାଜୀ ଓ ବସ୍ ଡ୍ରାଇଭର ପଜିଟିଭ ଚିହ୍ନଟ ହୋଇଥିଲେ। ଦଳର ଖେଳାଳିମାନଙ୍କ ରିପୋର୍ଟ କିନ୍ତୁ ନେଗେଟିଭ ଆସିଥିଲା। ସିଏସ୍‌କେ ବର୍ତ୍ତମାନ ଦିଲ୍ଲୀରେ ଅବସ୍ଥାନ କରୁଛି। ଦଳ ଦିନକ ପାଇଁ ଟ୍ରେନିଂକୁ ସସ୍‌ପେଣ୍ଡ ରଖିଛି। ସିଏସ୍‌କେ ଆସନ୍ତା ୫ ତାରିଖରେ ରାଜସ୍ଥାନ ରୟାଲ୍ସକୁ ଭେଟିବ।

ସୂଚନାଯୋଗ୍ୟ, ୟୁଏଇରେ ଅନୁଷ୍ଠିତ ଆଇପିଏଲ୍‌ର ୨୦୨୦ ସଂସ୍କରଣରେ ସିଏସ୍‌କେ କୋଭିଡ୍‌ର ଶିକାର ହୋଇଥିଲା। ଏତଦ୍‌ବ୍ୟତୀତ ଦିଲ୍ଲୀ ଫିରୋଜ ଶାହା କୋଟ୍‌ଲା ଷ୍ଟାଡିୟମର କେତେଜଣ ଗ୍ରାଉଣ୍ଡମ୍ୟାନ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହି ଷ୍ଟାଡିୟମରେ ମଙ୍ଗଳବାର ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ତେବେ ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ମୁଖ୍ୟ ରୋହନ ଜେଟ୍‌ଲି ସଫେଇ ଦେଇଛନ୍ତି ଏହି ଗ୍ରାଉଣ୍ଡମ୍ୟାନମାନଙ୍କ ମଧ୍ୟରୁ ଜଣେ କେହି ହେଲେ ଡ୍ୟୁଟିରେ ନ ଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) କହିଛି, ସୋମବାର ମ୍ୟାଚ ସ୍ଥଗିତ ରଖାଯାଇଥିଲେ ମଧ୍ୟ ଅନ୍ୟ ମ୍ୟାଚଗୁଡ଼ିକ କାର୍ଯ୍ୟସୂଚୀ ଅନୁସାରେ ଖେଳାଯିବ। କରୋନାର ଭୟ ଦେଖାଦେଇଥିଲେ ମଧ୍ୟ ଏହି ଇଭେଣ୍ଟ ୬ଟି ପୃଥକ୍ ପୃଥକ୍ ଭେନ୍ୟୁରେ ଖେଳାଯାଉଥିବାରୁ ମ୍ୟାଚ ଆୟୋଜନରେ ଅସୁବିଧା ହେବନାହିଁ ବୋଲି ଆଶା କରାଯାଉଛି। ଲେଗ୍ ସ୍ପିନର ଚକ୍ରବର୍ତ୍ତୀ ଏବଂ ପେସ୍ ବୋଲର ୱାରିୟର ଉଭୟଙ୍କୁ ୩୦ ବର୍ଷ ବୟସ। ଦୁହିଁଙ୍କୁ ଆଇସୋଲେଶନରେ ରଖାଯାଇଛି। କେକେଆର୍ ଏପର୍ଯ୍ୟନ୍ତ ଖେଳି ସାରିଥିବା ୭ଟି ମ୍ୟାଚରେ ୱାରିୟର ଥରେ ହେଲେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି। ମେଡିକାଲ ଟିମ୍ ଏହି ଦୁଇଜଣ କରୋନା ସଂକ୍ରମିତଙ୍କ ସହ ନିୟମିତ ଯୋଗାଯୋଗରେ ଅଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନିଘା ରଖିଛନ୍ତି। କେକେଆର୍ ଖେଳାଳିମାନଙ୍କର ଦୈନିକ ଟେଷ୍ଟିଂର ବ୍ୟବସ୍ଥା କରାଯାଇଛି, ଯଦ୍ୱାରା ଦଳର ଯଦି ଅନ୍ୟ କେହି ସଂକ୍ରମିତ ଥାଆନ୍ତି ଶୀଘ୍ର ଚିହ୍ନଟ ହୋଇଯିବେ। କେକେଆର୍ ଏହାର ଗତ ମ୍ୟାଚ ଏପ୍ରିଲ ୨୯ରେ ଅହମଦାବାଦରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିଥିଲା। ବିନା ଦର୍ଶକ ଓ ସୁରକ୍ଷିତ ବାୟୋ ବବଲରେ ଟୁର୍ନାମେଣ୍ଟ ଭଲରୂପେ ଚାଲିଥିଲା। ମାତ୍ର କୋଭିଡ୍ ପଜିଟିଭ ଚିହ୍ନଟ ପରେ ଲିଗ୍‌ରେ ଏହା ଉଦ୍‌ବେଗ ସୃଷ୍ଟି କରିଛି।

ଦିଲ୍ଲୀ କ୍ୟାପିଟାଲ୍ସ (ବର୍ତ୍ତମାନ ଏହି ଦଳ ଅହମଦାବାଦରେ) ଦଳର ସମସ୍ତ ସଦସ୍ୟଙ୍କ ଏବେ କୋଭିଡ୍ ଟେଷ୍ଟ ହେବ, ଯେଉଁମାନେ ଚକ୍ରବର୍ତ୍ତୀ ଓ ୱାରିୟରଙ୍କ ସଂସ୍ପର୍ଶରେ ଆସିଥିବେ। କୋଭିଡ୍ ମ୍ୟାନେଜମେଣ୍ଟ ପାଇଁ ପ୍ରସ୍ତୁତ କରାଯାଇଥିବା ଆଇପିଏଲ୍ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଅନୁସାରେ ଯଦି ଜଣେ କୌଣସି ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବେ ତାଙ୍କୁ ୬ ଦିନ ଆଇସୋଲେଶନରେ ରହିବାକୁ ପଡ଼ିବ। ତାଙ୍କୁ ପ୍ରଥମ ତୃତୀୟ ଓ ୬ଷ୍ଠ ଦିନ ୩ଟି ଟେଷ୍ଟରେ ନେଗେଟିଭ ହେବାକୁ ପଡ଼ିବ। ଗୁରୁବାର ମ୍ୟାଚ ପରେ ଯନ୍ତ୍ରଣା ଅନୁଭବ କରିବାରୁ ଚକ୍ରବର୍ତ୍ତୀଙ୍କ କାନ୍ଧ ସ୍କାନ କରାଯାଇଥିଲ। ଏହାପରେ ତାଙ୍କର ହୋଇଥିବା କରୋନା ଟେଷ୍ଟ ପଜିଟିଭ ଆସିଥିବା କୋଲକାତା ନାଇଟ ରାଇଡର୍ସ (କେକେଆର୍)ର ପ୍ରମୁଖ ପେସ୍ ବୋଲର ପ୍ୟାଟ୍ କୁମିନ୍ସ ଆଇପିଏଲ୍ ଖେଳୁଥିବା ସମସ୍ତ ଅଷ୍ଟ୍ରେଲିଆ ଖେଳାଳିଙ୍କୁ ସୂଚାଇଛନ୍ତି। କେକେଆର୍ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ମ୍ୟାଚରେ ଚକ୍ରବର୍ତ୍ତୀ ଖେଳିଛନ୍ତି ଏବଂ ୭ ଉଇକେଟ ଅକ୍ତିଆର କରିଛନ୍ତି। କେକେଆର୍ ଓ ସିଏସ୍‌କେ ମୁକାବିଲା ଏପ୍ରିଲ ୨୧ରେ ମୁମ୍ବାଇରେ ହୋଇଥିଲା। ଆଇପିଏଲ୍ ଟୁର୍ନାମେଣ୍ଟ ଆରମ୍ଭରେ ପଜିଟିଭ ମାମଲାକୁ ହାତେଇଛି। ଅକ୍ଷର ପଟେଲ ଓ ଦେବଦତ୍ତ ପଡିକାଲଙ୍କ ଭଳି ନାମୀ ଖେଳାଳି ପଜିଟିଭ ଚିହ୍ନଟ ହୋଇଥିଲେ। ତେବେ ଟୁର୍ନାମେଣ୍ଟ ମଧ୍ୟଭାଗରେ ପ୍ରଥମ ପଜିଟିଭ ମାମଲା ସୋମବାର ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଭାରତରେ କୋଭିଡ୍‌ର ଦ୍ୱିତୀୟ ଲହର ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି କରିଛି। ମହାମାରୀର ମୁକାବିଲା ପାଇଁ ଦେଶରେ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବା ଦର୍ଶାଇ କିଛିଦିନ ତଳେ ୩ ଅଷ୍ଟ୍ରେଲୀୟ ଖେଳାଳି ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ଭାରତରେ ଦୈନିକ ରେକର୍ଡ ୩ ଲକ୍ଷରୁ ଊର୍ଦ୍ଧ୍ୱ କରୋନା ସଂକ୍ରମିତ ହେଉଛନ୍ତି ଏବଂ ୩ ହଜାରରୁ ଅଧିକ ମୃତ୍ୟୁବରଣ କରୁଛନ୍ତି।





କୋଲ୍‌କାତାର ଦୁଇ ଖେଳାଳି ବରୁଣ ଚକ୍ରବର୍ତ୍ତୀ ଓ ସନ୍ଦୀପ ୱାରିୟର। ଚେନ୍ନାଇ ବୋଲିଂ କୋଚ୍ ଏଲ୍. ବାଲାଜୀ।

- **କୋଲକାତାର ବରୁଣ ଚକ୍ରବର୍ତ୍ତୀ, ସନ୍ଦୀପ ୱାରିୟର ଏବଂ ଚେନ୍ନାଇର ଅଣଖେଳାଳି ସଂକ୍ରମିତ**
- **କେକେଆର-ଆର୍‌ସିବି ମ୍ୟାଚ ସ୍ଥଗିତ**
- **ଏହି ମ୍ୟାଚ ପାଇଁ ତାରିଖ ପରେ ସ୍ଥିର କରାଯିବ**

## ପ୍ରମୋଦଙ୍କ ପ୍ରସ୍ତୁତିରେ ବାଧା

**ନୂଆଦିଲ୍ଲୀ, ୩।୫(ପି.ଟି.)**

ଓଡ଼ିଶାର ଶୀର୍ଷସ୍ଥାନୀୟ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତଙ୍କ ପାରାଲିମ୍ପିକ୍ସ ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି। ଦେଶର ଅନ୍ୟତମ ଖେଳାଳି ସୁକାନ୍ତ କଦମଙ୍କ ଅବସ୍ଥା ମଧ୍ୟ ତାହା। କୋଭିଡ-୧୯ ମହାମାରୀ ଯୋଗୁ ନୂଆ କ୍ୱାରାଣ୍ଟାଇନ୍ ନିୟମ ଅନୁସାରେ ଏ ଦୁଇ ଖେଳାଳି ସ୍ପାନିଶ ଇଣ୍ଟରନ୍ୟାଶନାଲରେ ଭାଗ ନେଇ ପାରିବେ ନାହିଁ। ଏହି ପ୍ରତିଯୋଗିତା ମେ ୧୧ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତରୁ ଯାତ୍ରା କରୁଥିବା ସମସ୍ତ ବ୍ୟକ୍ତିଙ୍କ ପାଇଁ ସ୍ପେନରେ ୧୦ ଦିନିଆ କ୍ୱାରାଣ୍ଟାଇନ୍ ବାଧ୍ୟତାମୂଳକ କରାଯାଇଛି। ଫଳରେ ଏମାନେ ଭାଗ ନେବା ସମ୍ଭବ ହେବନାହିଁ। ''ଦୁବାଇ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିବାରୁ ମୁଁ ଆଗ୍ରହର ସହ ସ୍ପାନିଶ୍ ଟୁର୍ନାମେଣ୍ଟକୁ ଅପେକ୍ଷା କରିଥିଲି। ପାରାଲିମ୍ପିକ୍ସ ପୂର୍ବରୁ ଏହା ଶେଷ ଟୁର୍ନାମେଣ୍ଟ। ଟୋକିଓରେ ମୁଁ କ୍ୟାରିୟରର ସର୍ବପ୍ରଥମ ପାରାଲିମ୍ପିକ୍ସରେ ଭାଗନେବାକୁ ଲକ୍ଷ୍ୟ ରଖିଥିବାରୁ ସ୍ପେନ୍‌ରେ ପ୍ରସ୍ତୁତି ପାଇଁ ଭଲ ସୁଯୋଗ ଥିଲା। ମାତ୍ର ସାମ୍ପ୍ରତିକ ସମୟର ଆବଶ୍ୟକତାକୁ ମୁଁ ବୁଝୁଛି। ସମସ୍ତେ କୋଭିଡ ପ୍ରୋଟୋକଲ ମାନି ସୁରକ୍ଷିତ ରହିବାକୁ ମୁଁ ନିବେଦନ କରୁଛି'' ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି। ଗତମାସରେ ଦୁବାଇରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନରେ ୪ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୭ ବ୍ରୋଞ୍ଜ ପଦକ ପାଇଥିବା ଭାରତୀୟ ଦଳର ସଦସ୍ୟ ଥିଲେ ପ୍ରମୋଦ ଓ କଦମ। ବିଶ୍ୱର ନମ୍ବର ୱାନ ଖେଳାଳି ପ୍ରମୋଦ ଏସଏଲ୩ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ନିଜ ଦେଶର କୁମାର ନିତେଶଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ସେ ଏସଏଲ୩-ଏସଏଲ୪ ପୁରୁଷ ଡବଲ୍ସ ଇଭେଣ୍ଟରେ ମଧ୍ୟ ମନୋଜ ସରକାରଙ୍କୁ ସାଥିକରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏସଏଲ୪ ସିଙ୍ଗଲ୍ସରେ କଦମ ରୌପ୍ୟ ପଦକ ଲାଭ କରିଥିଲେ।



ପ୍ରମୋଦ ଭଗତ

## ଆରିନ ଚାମ୍ପିୟନ, ରବୀନ୍ଦ୍ର ରନର୍ସଅପ୍

**ଏସ୍‌ଆର ଅନ୍‌ଲାଇନ୍ ଚେସ୍**



ଆରିନ ଅନ୍ୱେଷ ସ୍ୱାଇଁ

**ଭୁବନେଶ୍ୱର, ୩।୫(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ଅଗ୍ରଣୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏସ୍‌ଆର ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ୨୭ତମ ଅନ୍‌ଲାଇନ୍ ଚେସ୍‌ରେ ଲୋୟଲା ସ୍କୁଲର ଆରିନ ଅନ୍ୱେଷ ସ୍ୱାଇଁ ଚାମ୍ପିୟନ ହୋଇଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୫.୫ ପଏଣ୍ଟ ହାସଲ କରିଛନ୍ତି। ୫ ପଏଣ୍ଟ ସହ ରବୀନ୍ଦ୍ର ଓଝା ରନର୍ସଅପ୍ ହୋଇଛନ୍ତି। ୪.୫ ପଏଣ୍ଟ ପାଇଥିବା ଲକ୍ଷ୍ମୀକାନ୍ତ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ଜ୍ୟୋତ୍ସ୍ନାଭ ତାଲୁକଦାର, ଧୀର ଚାୱଲା, ସଞ୍ଜୟ ପଟ୍ଟନାୟକ, ଶୁଭମ୍ ପ୍ରତୀକ ମିଶ୍ର, ସିଦ୍ଧାର୍ଥ ମିଶ୍ର, ଦେବପ୍ରୀତ ମିଶ୍ର, ଅଭିଷେକ ଦାଶ, ଅଦିତି ମହାରଣା ପ୍ରମୁଖ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଏସଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଏବଂ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା।

## ଥିସାରା ପେରେରାଙ୍କ ଅବସର



**କଲମ୍ବୋ, ୩।୫(ପି.ଟି.):** ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ଥିସାରା ପେରେରା ସୋମବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ଏ ସମ୍ପର୍କିତ ଏକ ପତ୍ର ସେ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି)କୁ ପ୍ରଦାନ କରିଛନ୍ତି। ୩୨ ବର୍ଷୀୟ ପେରେରା ଶ୍ରୀଲଙ୍କା ପକ୍ଷରୁ ୬ ଟେଷ୍ଟ, ୧୬୬ ଦିନିକିଆ ଓ ୮୪ଟି ଟି୨୦ ମ୍ୟାଚ ଖେଳିଛନ୍ତି।

## ଭାରତୀୟ ଟାଏକୋଣ୍ଡୋ ପ୍ରଶିକ୍ଷକ ତାଲିକାରେ ଚିନ୍ମୟ

**ଭଦ୍ରକ ଅଫିସ, ୩।୫:** ଭାରତୀୟ ଟାଏକୋଣ୍ଡୋ ଦଳରେ ପ୍ରଶିକ୍ଷକ ତାଲିକାରେ ଦଳରେ ଭଦ୍ରକର ଚିନ୍ମୟ ବେହେରାଙ୍କ ନାମ ସ୍ଥାନ ପାଇଛି। ଚଳିତ ମାସ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଓସେନିଆ ଟାଏକୋଣ୍ଡୋ ଏବଂ ବିଶ୍ୱ ଟାଏକୋଣ୍ଡୋ ସଂଘ ଦ୍ୱାରା ଜି-୨ ଅନ୍‌ଲାଇନ ଅନ୍ତର୍ଜାତୀୟ ପୁମ୍‌ସେ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଦେଶର ଜାତୀୟ ଟାଏକୋଣ୍ଡୋ ପୁମସେ ପ୍ରତିଯୋଗୀ ନିଜର ପୁମ୍‌ସେ ଭିଡିଓର ୟୁଟ୍ୟୁବ ଲିଙ୍କ୍ ପ୍ରଦାନ କରିବେ। ଏଥିନିମନ୍ତେ ଭାରତୀୟ ଦଳ ତାଲିକାରେ ୧୭ ଜଣଙ୍କ ନାମ ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ଚିନ୍ମୟ ବେହେରାଙ୍କ ନାମ ପ୍ରଶିକ୍ଷକ ଭାବେ ସ୍ଥାନ ପାଇଛି। ଓଡ଼ିଶାରୁ ଚିନ୍ମୟଙ୍କ ନାମ ପ୍ରଥମଥର ପାଇଁ ଭାରତୀୟ ଦଳରେ ପ୍ରଶିକ୍ଷକ ରୂପେ ସାମିଲ କରାଯାଇଛି। ଓଡ଼ିଶା ଟାଏକୋଣ୍ଡୋ ସଂଘର ସଭାପତି ତଥା ଅନ୍ତର୍ଜାତୀୟ ରେଫରି ସୁନ୍ଦରମଣି ପଟେଲଙ୍କ ସମେତ ସମସ୍ତ ସଦସ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଚିନ୍ମୟ ବେହେରା

**ଆଜିର ମ୍ୟାଚ**



ସନ୍‌ରାଇଜର୍ସ ହାଇଦ୍ରାବାଦ **ବନାମ** ମୁମ୍ବାଇ ଇଣ୍ଡିଆନ୍ସ

ପ୍ରସାରଣ — ସ୍ଥାନ: ନୂଆଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦
ଷ୍ଟାର ସ୍ପୋର୍ଟ୍ସ

## ଦିଲ୍ଲୀରେ ପରବର୍ତ୍ତୀ ଗେମ୍‌କୁ ନେଇ ଚିନ୍ତା

**ନୂଆଦିଲ୍ଲୀ, ୩।୫ (ପି.ଟି.):** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବୋଲିଂ କୋଚ୍ ଏଲ୍. ବାଲାଜୀ କୋଭିଡ୍ ଟେଷ୍ଟରେ ପଜିଟିଭ ଜଣାପଡ଼ିବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦିଲ୍ଲୀରେ ପରବର୍ତ୍ତୀ ଆଇପିଏଲ୍ ମ୍ୟାଚଗୁଡ଼ିକର ଆୟୋଜନ ନେଇ ଚିନ୍ତାରେ ପଡ଼ିଯାଇଛି। କୋଲକାତା ନାଇଟ ରାଇଡର୍ସ(କେକେଆର୍)ରେ କୋଭିଡ୍ ପଜିଟିଭ ଚିହ୍ନଟ ପରେ ସୋମବାର ଅହମଦାବାଦରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ କେକେଆର ମ୍ୟାଚକୁ ସ୍ଥଗିତ ରଖାଯାଇଛି। ବରୁଣ ଚକ୍ରବର୍ତ୍ତୀ ଓ ସନ୍ଦୀପ ୱାରିୟର ପଜିଟିଭ ଜଣାପଡ଼ିବା ପରେ ରବିବାରଠାରୁ କେକେଆରର ସମସ୍ତ ଖେଳାଳି ୬ ଦିନ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ବାଲାଜୀ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସୋମବାର ଦୁଇଟି ଆର୍‌ଟି-ପିସିଆର୍ ପଜିଟିଭ ପରେ ତାଙ୍କୁ ଆଇସୋଲେଶନରେ ରଖାଯାଇଛି। ସିଏସ୍‌କେ ଖେଳାଳିମାନଙ୍କ ଫଳାଫଳ ଯଦିଓ ନେଗେଟିଭ ଆସିଛି ବାଲାଜୀଙ୍କ ପଜିଟିଭ ଘଟଣା ଦଳ ପାଇଁ ଚିନ୍ତାର କାରଣ ହୋଇଛି। କାରଣ ବହୁ ଲୋକଙ୍କ ନିକଟରେ ୫ମ କିମ୍ବା ୬ଷ୍ଠ ଦିବସରେ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଦିଲ୍ଲୀରେ ପରବର୍ତ୍ତୀ ଦୁଇଟି ମ୍ୟାଚ ଖେଳାଯିବା ସୁରକ୍ଷିତ ହେବ କି ନା ସେ ନେଇ ଆଲୋଚନା ହୋଇଥିବା ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା ଭିତିରି ସୂଚନା ଦେଇଛନ୍ତି।

## ପୂର୍ବତନ ଅନ୍ତର୍ଜାତୀୟ ଫୁଟ୍‌ବଲ ଖେଳାଳି ୟୁନୁସଙ୍କ ପରଲୋକ

**ଭୁବନେଶ୍ୱର, ୩।୫(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ସେକ୍ ୟୁନୁସଙ୍କର ସୋମବାର ସକାଳ ୫ଟାରେ ପରଲୋକ ଘଟିଛି। କଟକ ସେକ୍ ବଜାର ବାସିନ୍ଦା ୟୁନୁସ କିଛିଦିନ ହେବ ଅସୁସ୍ଥ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। ୟୁନୁସ ୧୯୭୭ରେ ଭାରତୀୟ ଜୁନିୟର ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ରାଜ୍ୟ ପକ୍ଷରୁ ସେ ଅନେକ ଜାତୀୟ ଚାମ୍ପିୟନଶିପ୍‌ରେ ଖେଳିବା ସହ ଅନେକ ଖ୍ୟାତନାମା କ୍ଲବ ପକ୍ଷରୁ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ଇଷ୍ଟକୋଷ୍ଟ ରେଲ୍‌ୱେରେ କାର୍ଯ୍ୟକରି ସେ ଅବସର ନେଇଥିଲେ। ୟୁନୁସଙ୍କ ମୃତ୍ୟୁରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।





## ଭାରତ ଟି୨୦ରେ ରହିଲା, ଦିନିକିଆରେ ଖସିଲା

**ଆଇସିସି ର୍‍ୟାଙ୍କିଙ୍ଗ୍**

**ଦୁବାଇ, ୩।୫ (ପି.ଟି.)**

ସଦ୍ୟ ପ୍ରକାଶିତ ଆଇସିସି ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ତେବେ ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଦଳ ୩ୟ ସ୍ଥାନକୁ ଖସିଛି। ଟି୨୦ ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ଭାରତ ଶୀର୍ଷରେ ଥିବା ଇଂଲଣ୍ଡଠାରୁ ୫ ରେଟିଂ ପଏଣ୍ଟ କମ୍ ପାଇଛି। ଇଂଲଣ୍ଡ ଏହି ସମୟ ମଧ୍ୟରେ ପାକିସ୍ତାନ ବିପକ୍ଷ ସିରିଜକୁ ୧-୧ରେ ଡ୍ର ରଖିଥିବାବେଳେ ଅଷ୍ଟ୍ରେଲିଆକୁ ୨-୧ ଓ ଦକ୍ଷିଣ ଆଫ୍ରିକାକୁ ୩-୦ରେ ପରାସ୍ତ କରିଛି ଏବଂ ଭାରତଠାରୁ ୨-୩ରେ ସିରିଜ ହାରିଛି। ନ୍ୟୁଜିଲାଣ୍ଡ ୫ମରୁ ୩ୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ସମୟ ମଧ୍ୟରେ ଦଳ ୱେଷ୍ଟଇଣ୍ଡିଜ, ପାକିସ୍ତାନ, ଅଷ୍ଟ୍ରେଲିଆ ଓ ବାଂଲାଦେଶ ବିପକ୍ଷରେ ସିରିଜ ବିଜୟୀ ହୋଇଥିଲା। ଅଷ୍ଟ୍ରେଲିଆ ୩ରୁ ୫ମ ସ୍ଥାନକୁ ଖସିଛି। ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ନ୍ୟୁଜିଲାଣ୍ଡ ଶୀର୍ଷସ୍ଥାନ ଦଖଲ କରିଥିବାବେଳେ ଅଷ୍ଟ୍ରେଲିଆ ଦ୍ୱିତୀୟ ଓ ଭାରତ ତୃତୀୟ ସ୍ଥାନରେ ରହିଛି। ଏ କ୍ଷେତ୍ରରେ ନ୍ୟୁଜିଲାଣ୍ଡ ବିଶ୍ୱ ଚାମ୍ପିୟନ ଇଂଲଣ୍ଡକୁ ଗାଦିଚ୍ୟୁତ କରିଛି। ଇଂଲଣ୍ଡ ୪ର୍ଥକୁ ଖସିଛି।

## ଶ୍ରୀଲଙ୍କାର ସିରିଜ ବିଜୟ

**ପାଲିକେଲ, ୩।୫ (ଏପି)**

ପଦାର୍ପଣ ମ୍ୟାଚରେ ପ୍ରବୀଣ ଜୟବିକ୍ରମଙ୍କ ୧୧ ଉଇକେଟ ସଫଳତା ଯୋଗୁ ଶ୍ରୀଲଙ୍କା ଏଠାରେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟକୁ ୨୦୯ ରନରେ ଜିତି ନେଇଛି। ଫଳରେ ଘରୋଇ ଦଳ ୨ ମ୍ୟାଚ ବିଶିଷ୍ଟ ସିରିଜ ୧-୦ରେ ବିଜୟୀ ହୋଇଛି। ସୋମବାର ଅନ୍ତିମ ଦିବସରେ ବିଜୟ ହାସଲ ପାଇଁ ଶ୍ରୀଲଙ୍କା ୫ ଉଇକେଟ ଆବଶ୍ୟକ କରୁଥିଲା। ଜୟବିକ୍ରମ ତନ୍ମଧ୍ୟରୁ ୩ଟି ଅକ୍ତିଆର କରିଥିଲେ। ମ୍ୟାଚରେ ୧୭୮ରନ ବିନିମୟରେ ମୋଟ ୧୧ଟି ଉଇକେଟ ଅକ୍ତିଆର କରିଥିଲେ। ସକାଳେ ସେ ତାଙ୍କ ଦ୍ୱିତୀୟ ଓଭରରେ ଲିଟନ ଦାସ(୧୭)ଙ୍କୁ ଆଉଟ କରିଥିଲେ। ୨୨ବର୍ଷୀୟ ବାମହାତୀ ସ୍ପିନର ବାଂଲାଦେଶର ଶେଷ ଦୁଇ ଉଇକେଟ ୩ଟି ବଲ୍ ମଧ୍ୟରେ ପତନ ଘଟାଇଥିଲେ। ଦ୍ୱିତୀୟ ଇନିଂସରେ ସେ ୮୫ ରନ ଦେଇ ୫ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଇନିଂସରେ ସେ ୯୨ ରନ ଦେଇ ୬ ଉଇକେଟ ଅକ୍ତିଆର କରିଥିଲେ। ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେ ଖେଳିଥିବା ତିନୋଟି ଇନିଂସରେ ଗୋଟିଏ ଦ୍ୱିଶତକ, ଗୋଟିଏ ଅର୍ଦ୍ଧଶତକ ସମେତ ୪୨୮ରନ ସ୍କୋର କରିଥିଲେ।



ପ୍ଲେୟର ଅଫ୍ ଦି ସିରିଜ ଦିମୁଥ କରୁଣାରତ୍ନେ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୪୯୩/୭ ଘୋଷଣା। **ବାଂଲାଦେଶ ପ୍ରଥମ ଇନିଂସ:** ୨୫୧। **ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ:** ୧୯୪/୯, ଘୋଷଣା। **ବାଂଲାଦେଶ ଦ୍ୱିତୀୟ ଇନିଂସ:** ୨୨୭ (ମୁସ୍‌ଫିକର ରହିମ-୪୦, ମେହିଦି ହସନ-୩୯, ସୈଫ ହସନ-୩୪, ପ୍ରବୀଣ ଜୟବିକ୍ରମ-୫/୮୬, ରମେଶ ମେଣ୍ଡିସ-୪/୧୦୩)।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ପୋଖରୀରେ ବୁଡ଼ି ସାନଭାଇ ମୃତ

କଣାସ,(ସ୍ୱ.ପ୍ର.)- କଣାସ ଥାନା ଅଧୀନ ସାହୁପଡା ପଞ୍ଚାୟତ ଖୁଣ୍ଟିଆବାଣପୁର ଗ୍ରାମରେ ସୋମବାର ୨ଭାଇ ଗାଧୋଇବାକୁ ଯାଇଥିବାବେଳେ ସାନଭାଇ ବାଲୁଙ୍କି ଜେନା ବୁଡ଼ି ପ୍ରାଣ ହରାଇଛନ୍ତି। ଅପରାହ୍ନ ୧ଟାରେ ବାଲୁଙ୍କି ଓ ତାଙ୍କ ବଡ଼ ଭାଇ ରୁଦ୍ର ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ବାଲୁଙ୍କି ପ୍ରଥମେ ପୋଖରୀକୁ ଚାଲିଯାଇଥିଲେ। ଗାଧୋଇବା ବେଳେ ବାଲୁଙ୍କିଙ୍କ ଗୋଡ଼ ଖସିଯିବାରୁ ପାଣିରେ ବୁଡିଯାଇଥିଲେ। ବାଲୁଙ୍କିଙ୍କୁ ରୁଦ୍ର ଦେଖିବାକୁ ନ ପାଇ ଗ୍ରାମବାସୀଙ୍କୁ ଡାକିଥିଲେ। ସ୍ଥାନୀୟ ଲୋକ ଓ ପରିବାରବର୍ଗ ପହଞ୍ଚି ପୋଖରୀରେ ଖୋଜି ବାଲୁଙ୍କିଙ୍କୁ ଉଦ୍ଧାର କରି କଣାସ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଡାକ୍ତର ବାଲୁଙ୍କିଙ୍କୁ ମୃତ ଘୋଷଣା କରିଥିଲେ।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୩.୦୫.୨୦୨୧

| ୧୫୯୯ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ୭ ଦିନରେ କାର୍ଯ୍ୟକ୍ଷମ ହେବ କୋଭିଡ୍ ହସ୍ପିଟାଲ୍

## ପୁଣି ୫ଶହ ଟପିଲା ଦୈନିକ ସଂକ୍ରମଣ

- ନୂଆ କୋଭିଡ୍ ହସ୍ପିଟାଲ ବୁଲି ପ୍ରସ୍ତୁତି ଦେଖିଲେ ଜିଲାପାଳ
- ସନ୍ଧ୍ୟା ୬ ପରେ ଦୋକାନ ବନ୍ଦ କଟକଣା କାମ କରୁନି



ପୁରୀ ଅଫିସ,୩।୫

ପୁରୀ ଜିଲାରେ ଆଉ ଏକ କୋଭିଡ୍ ହସ୍ପିଟାଲ୍ ପ୍ରସ୍ତୁତ ହେଉଛି। ଆସନ୍ତା ୭ ଦିନ ମଧ୍ୟରେ ଏହା କାର୍ଯ୍ୟକ୍ଷମ କରାଯିବ। ସଂକ୍ରମିତଙ୍କ ସଂଖ୍ୟା ବଢ଼ିବା ପରେ ଅଧିକ ଶଯ୍ୟାର ଆବଶ୍ୟକତା ପଡୁଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବା ସୋମବାର ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ପୁରୀ ବାଲିଗୁଆଳିସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ପିପିପି ମୋଡ୍‌ରେ ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ୍ ପ୍ରସ୍ତୁତ କରାଯାଉଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ ଏହାକୁ ପରିଚାଳନା କରିବ। ଜିଲାପାଳ ବର୍ମା ସୋମବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ରଙ୍କ ସହ ଉକ୍ତ ମେଡିକାଲ କଲେଜ ପରିଦର୍ଶନ କରି ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

ଏହି କୋଭିଡ୍ ହସ୍ପିଟାଲରେ ୨୦ ଆଇସିୟୁ, ୪୦ ସେମି ଆଇସିୟୁ ଏବଂ ୯୦ଟି ଅକ୍ସିଜେନ ଉପଲବ୍ଧ ଥିବା ସାଧାରଣ ଶଯ୍ୟା ରହିବ। ଆବଶ୍ୟକ ପଡ଼ିଲେ ଶଯ୍ୟା ସଂଖ୍ୟାକୁ ବଢ଼ାଇ ୩ଶହ କରାଯାଇପାରେ। ଭବିଷ୍ୟତରେ ସଂପ୍ରସାରଣ ହେବା ଭଳି ପ୍ରସ୍ତୁତି ଏବେ ଠାରୁ କରାଯାଇଛି। ଏନେଇ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ବାଲିଗୁଆଳିରେ କୋଭିଡ୍ ହସ୍ପିଟାଲ ହେବା ଦ୍ୱାରା ମେରାଇନ ଡ୍ରାଇଭ୍ ସହ ସମ୍ପୃକ୍ତ ଅଞ୍ଚଳବାସୀ ସହଜରେ ସ୍ୱାସ୍ଥ୍ୟ ସୁବିଧା ପାଇପାରିବେ। ଏବେ ଜରୁରିକାଳୀନ ସ୍ଥିତିରେ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କୁ ଆଇଡିଏଚ୍ ଆସିବାକୁ ପଡୁଛି। ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ସ୍ୱାସ୍ଥ୍ୟ ସୁବିଧା ମିଳିଲେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସରଳ ହେବା ସହ ଜରୁରିକାଳୀନ ସେବା ମିଳିବ। ଅନ୍ୟପକ୍ଷରେ ଘୋଡ଼ାବଜାର ନିକଟସ୍ଥ ସରକାରୀ ମହିଳା ମହାବିଦ୍ୟାଳୟକୁ କୋଭିଡ୍ କେୟାର ସେଣ୍ଟରରେ ପରିବର୍ତ୍ତିତ କରାଯାଇଛି। ଜିଲାରେ ଉତ୍ତମ କୋଭିଡ୍ ଚିକିତ୍ସା ପାଇଁ ପ୍ରତି ବ୍ଲକ୍‌ରେ କୋଭିଡ୍ କେୟାର ସେଣ୍ଟର ଖୋଲାଯିବ। ଏଥିଲାଗି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ଜିଲାପାଳ ବର୍ମା କହିଛନ୍ତି। ଅନ୍ୟପକ୍ଷରେ ରବିବାର ପୁରୀ ଜିଲାରେ ଦୈନିକ ସଂକ୍ରମଣ ୫ଶହ ଟପିଛି। ଦିନକରେ ୫୩୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ ପୁରୀ ସହରରୁ ୧୫୩ ଜଣ ରହିଛନ୍ତି। ସେହିପରି ପୌରପରିଷଦ ଅଧୀନ ୧୩, ୨୯, ୨୮, ୨୭ ଓ ୧୯ ନମ୍ବର ୱାର୍ଡରେ ସଂକ୍ରମଣ ମାତ୍ରା ଅଧିକ ରହିଛି। ପୁରୀ ସଦରରୁ ୫୭, କୃଷ୍ଣପ୍ରସାଦରୁ ୩୯, ପିପିଲିରୁ ୩୮, ନିମାପଡ଼ାରୁ ୩୩, ବ୍ରହ୍ମଗିରିରୁ ୩୦, ଅସ୍ତରଙ୍ଗରୁ ୨୯, କାକଟପୁରରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୫ଶହରୁ ଅଧିକ ରହୁଥିବାରୁ ଜିଲା ପ୍ରଶାସନର ଚିନ୍ତା ବଢ଼ିଛି। ଗତ କିଛିଦିନ ହେବ ପୁରୀ ଆଇଡିଏଚ୍ କୋଭିଡ୍ ହସ୍ପିଟାଲରେ ଶଯ୍ୟା ଓ ଡାକ୍ତର ଅଭାବ ନେଇ ଅଭିଯୋଗ ସାମ୍ନାକୁ ଆସୁଥିଲା। ଏହାର ସମାଧାନ ପାଇଁ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ କୋଭିଡ୍ ହସ୍ପିଟାଲ୍ ପ୍ରସ୍ତୁତ କରାଯାଉଥିବା ପ୍ରଶାସନ କହିଛି। ଅନ୍ୟପକ୍ଷରେ ସହରରେ କୋଭିଡ୍ କଟକଣା ସେପରି କଡ଼ାକଡ଼ି ହେଉ ନ ଥିବା ସାଧାରଣରେ ଆଲୋଚନା ଚାଲିଛି। ସନ୍ଧ୍ୟା ୬ରେ ଦୋକାନ ବନ୍ଦ ପାଇଁ କୁହାଯାଇଥିଲେ ମଧ୍ୟ ୭ଟା ପର୍ଯ୍ୟନ୍ତ ଖୋଲା ରହୁଛି। ସେହିଭଳି ଷ୍ଟ୍ରିଟ୍ ଫୁଡ୍ ଦୋକାନୀଙ୍କୁ ପ୍ରଶାସନ କେବଳ ପାର୍ଶଲ ପାଇଁ ଅନୁମତି ଦେଇଛି। ମାତ୍ର କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ଘଟୁଛି।



ଲକ୍‌ଡାଉନ୍ ପୂର୍ବରୁ ସୋମବାର ପୁରୀ ବଡଶଙ୍ଖ ପରିବା ବଜାରରେ ଭିଡ଼।

## ଅସୁସ୍ଥ ଖବରଦାତାଙ୍କୁ ଭେଟିଲେ ଜିଲା ପ୍ରତିନିଧି ମଣ୍ଡଳୀ

ସାକ୍ଷୀଗୋପାଳ,୩।୫(ଡି.ଏନ୍.ଏ.)

କୋଭିଡ୍‌କାଳୀନ ସମସ୍ୟା ସହ ଜୀବନର ପରିଣତ ବୟସରେ ପହଞ୍ଚିଥିବା ସତ୍ୟବାଦୀ ଅଞ୍ଚଳର ବରିଷ୍ଠ ଖବରଦାତା ସତ୍ୟନାରାୟଣ ମହାପାତ୍ରଙ୍କୁ ପୁରୀ ଜିଲା ଖବରଦାତାମାନଙ୍କର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ସାକ୍ଷାତ କରିଛନ୍ତି। ସତ୍ୟନାରାୟଣ ଅସୁସ୍ଥତା କାରଣ ଯୋଗୁ ଏବେ ନିଜ ବାସଭବନରେ ଚିକିତ୍ସିତ ହେଉଛନ୍ତି। ପ୍ରତିନିଧି ମଣ୍ଡଳୀର ସଦସ୍ୟମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସହିତ ପରିବାର ସଦସ୍ୟମାନଙ୍କର ଭଲମନ୍ଦ ପଚାରି ବୁଝିଥିଲେ। ମହାପାତ୍ରଙ୍କ ଉନ୍ନତ ଚିକିତ୍ସା ଏବଂ ଏଥିପାଇଁ ଆବଶ୍ୟକ ହେଉଥିବା ଆର୍ଥିକ ସହାୟତା ସରକାରୀ ସ୍ତରରେ କିଭଳି ଉପଲବ୍ଧ ହେବ ସେ ନେଇ ସେମାନେ ଆଲୋଚନା କରିଛନ୍ତି। ଜିଲା ଖବରଦାତାମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିବା ସହିତ କୋଭିଡ୍ ସମୟରେ ସେମାନଙ୍କୁ ସହଯୋଗ କରିବା ଲକ୍ଷ୍ୟରେ ଗଠନ କରାଯାଇଥିବା ସଂଘ ପକ୍ଷରୁ ଏଭଳି ଉଦ୍ୟମ ଆରମ୍ଭ ହୋଇଛି ବୋଲି ପ୍ରତିନିଧି ମଣ୍ଡଳୀର ସଦସ୍ୟମାନେ କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଖବରଦାତା ମଧୁସୂଦନ ମିଶ୍ର, ବିଶ୍ୱଜିତ ପଟ୍ଟନାୟକ, ଶୈଳେନ୍ଦ୍ର କୁମାର ଆଚାର୍ଯ୍ୟ, କିଶୋରଚନ୍ଦ୍ର ମହାପାତ୍ରଙ୍କ ସମେତ ସତ୍ୟବାଦୀ ଅଞ୍ଚଳର ଖବରଦାତାମାନେ ସାମିଲ ଥିଲେ।

## ସଂକ୍ଷେପରେ

### କାକଟପୁରରେ କୋଭିଡ୍ ସ୍ଥିତି ପରଖିଲେ ଏସ୍‌ପି

କାକଟପୁର,୩।୫(ଡି.ଏନ୍.ଏ.): ପୁରୀ ଏସ୍‌ପି କନୱର ବିଶାଳ ସିଂ ସୋମବାର କାକଟପୁର ଅଞ୍ଚଳ ଗସ୍ତରେ ଆସି କରୋନା ସ୍ଥିତି ପରଖିଛନ୍ତି। କରୋନା ସଂକ୍ରମଣ ରୋକିବା ନେଇ ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ ସମ୍ପର୍କରେ ସ୍ଥାନୀୟ ମେଡିକାଲର ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ବିଭିନ୍ନ ବଜାର, ହାଟରେ ଲୋକେ କୋଭିଡ ନିୟମ ମାନୁଛନ୍ତି କି ନାହିଁ, ସେ ନେଇ ପୋଲିସ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। କୋଭିଡ୍ ସମୟରେ କାକଟପୁରର ଆଇନ ଶୃଙ୍ଖଳା ପରିସ୍ଥିତି ଓ କାକଟପୁରରେ ଆପରାଧିକ କାର୍ଯ୍ୟକଳାପ ବିଷୟରେ କାକଟପୁର ଥାନାର ଭାରପ୍ରାପ୍ତ ନିରୀକ୍ଷକ ଓ ଅନ୍ୟ ଅଧିକାରୀଙ୍କ ସହିତ ସମୀକ୍ଷା କରିଥିଲେ। ନିୟମ ମାନୁ ନ ଥିବା ଅମାନିଆଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ସହ ଲୋକଙ୍କୁ ସଚେତନ କରିବା ପାଇଁ ଅଧିକାରୀମାନଙ୍କୁ ଏସ୍‌ପି ସିଂ ପରାମର୍ଶ ଦେଇ ଫେରିଯାଇଥିଲେ।

### ପୋଖରୀରୁ ମିଳିଲା ଯୁବକଙ୍କ ମୃତଦେହ

ପୁରୀ ଅଫିସ, ୩।୫: ପୁରୀ ସଦର ଥାନା ଅଧୀନ ବାଲିପୁଟ ପଞ୍ଚାୟତ କୋଠସାହି ମାର୍କଣ୍ଡପୁର ଗ୍ରାମର ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକ ହେଲେ ଉକ୍ତ ଗ୍ରାମର ରାଜ କିଶୋର ମହାନ୍ତିଙ୍କ ପୁଅ ସତ୍ୟବ୍ରତ ମହାନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୧) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ସୋମବାର ସକାଳେ ଗାଁ ପୋଖରୀରେ ଜଣେ ବ୍ୟକ୍ତି ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। କେତେଜଣ ବ୍ୟକ୍ତି ପାଣିରୁ ତାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ସେ ସତ୍ୟବ୍ରତ ବୋଲି ଜଣାପଡ଼ିଥିଲେ। ପରେ ପରିବାର ଲୋକେ ପହଞ୍ଚି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ କହିଛି ଯେ, ସତ୍ୟବ୍ରତଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। ସେ ସବୁଦିନ ଭୋରରୁ ଗାଧୋଇବା ପାଇଁ ଉକ୍ତ ପୋଖରୀକୁ ଯାଇଥାନ୍ତି। ସୋମବାର ମଧ ଗାଧୋଇବାକୁ ଯାଇଥିଲେ। ପୋଖରୀରେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ତଦନ୍ତ ଜାରି ରହିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଅସ୍ତରଙ୍ଗରେ ୧୬୭ ପଜିଟିଭ

ଅସ୍ତରଙ୍ଗ,୩।୫(ଡି.ଏନ୍.ଏ.): ଅସ୍ତରଙ୍ଗ ବ୍ଲକରେ ସୋମବାର ସୁଦ୍ଧା ୧୬୭ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୪ଜଣ ଗୁରୁତର ବିଭିନ୍ନ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଡ. ସଞ୍ଜୟ ପ୍ରଧାନ, ଡ. ଶଶିଶେଖର ସେନାପତି, ସୁଜିତ ମହାନ୍ତି ପ୍ରମୁଖ ଲୋକଙ୍କୁ ସଚେତନ କରିବା ସହ ମାସ୍କ ଓ ସାନିଟାଇଜର ବାଣ୍ଟୁଛନ୍ତି।

### କରୋନା ମୁକ୍ତ ପାଇଁ ଶନିଶ୍ଚର ମହାଯଜ୍ଞ

କାକଟପୁର,୩।୫(ଡି.ଏନ୍.ଏ.): କାକଟପୁର ବ୍ଲକ ଅନ୍ତର୍ଗତ ସୁହାଣପୁର ପଞ୍ଚାୟତର ଫଣଫଣା ଗ୍ରାମରେ କରୋନା ପ୍ରଭାବରୁ ବିଶ୍ୱବାସୀଙ୍କୁ ସୁରକ୍ଷା ଦେବା ପାଇଁ ଶଙ୍କରେଶ୍ୱର ମହାଦେବ ଧାର୍ମିକ ଓ ଦାତବ୍ୟ ଟ୍ରଷ୍ଟ ପକ୍ଷରୁ ଶନିଶ୍ଚର ମହାଗ୍ରହଙ୍କ ସନ୍ତୁଷ୍ଟି ନିମନ୍ତେ ମହାଯଜ୍ଞର ଆୟୋଜନ କରାଯାଇଛି। ପୂଜାପାଠ ଓ ଯଜ୍ଞରେ ୧୦୦୮ଥର ଘୃତଆହୂତି ଦେଇ ପ୍ରତିଷ୍ଠାତା ସଦସ୍ୟା ମିନତି ପଣ୍ଡା କରୋନା ପୀଡ଼ିତଙ୍କ ଆରୋଗ୍ୟ କାମନା କରିଥିଲେ। ଅଧ୍ୟାପକ ରାଧାଶ୍ୟାମ ପଣ୍ଡା, ଶିକ୍ଷାବିତ ଲକ୍ଷ୍ମୀଧର ଖୁଣ୍ଟିଆ, ଆଇନଜୀବୀ ଅଶୋକ ଦାଶ, ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସ୍ୱାଇଁ ଓ ଫଣଫଣା ଗ୍ରାମବାସୀଙ୍କ ସହଯୋଗକ୍ରମେ ଯଜ୍ଞ ସମ୍ପନ୍ନ ହୋଇଥିଲା।

# ସ୍ୱତନ୍ତ୍ର ଶିବିରରେ ଖବରଦାତାଙ୍କୁ ଦିଆଯିବ ଟିକା

ପୁରୀ ଅଫିସ,୩।୫

ଟିକା ଆସିଲେ ଖବରଦାତାମାନଙ୍କୁ ପ୍ରାଥମିକତା ଭିତ୍ତିରେ ଟିକା ଦିଆଯିବ। ପୁରୀ ଜିଲା ସଦର ମହକୁମା ସମେତ ବ୍ଲକ୍‌ସ୍ତରରେ କାର୍ଯ୍ୟରତ ଖବରଦାତାମାନେ ଟିକା ପାଇ ପାରିବେ। ଟିକାକରଣ ପାଇଁ ସ୍ୱତନ୍ତ୍ର ଶିବିର ଆୟୋଜନ ହେବ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖବରଦାତାମାନଙ୍କୁ କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରିବା ପରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଏହି ସୂଚନା ଦିଆଯାଇଛି। ଟିକାକରଣ କେବଳ ପଞ୍ଜୀକୃତ ଖବରଦାତାମାନଙ୍କ ମଧ୍ୟରେ ସୀମିତ ରହିବ ନାହିଁ। ନୂତନ ଭାବେ ଖବରଦାତା ହୋଇଥିବା ବ୍ୟକ୍ତିମାନେ ମଧ ଟିକା ନେଇପାରିବେ। ଏଥିଲାଗି ଲୋକସମ୍ପର୍କ ବିଭାଗଠାରୁ ଅନୁମତି ଅଣାଯିବ। କେତେଜଣ ବରିଷ୍ଠ ଖବରଦାତା କହିଛନ୍ତି, କୋଭିଡ୍ ସମୟରେ ଖବରଦାତାମାନେ ଖବର ସଂଗ୍ରହ ପାଇଁ ପ୍ରତ୍ୟହ ଭିନ୍ନ ଭିନ୍ନ ସ୍ଥାନକୁ ଯାଇଥାନ୍ତି। ଅନ୍ୟ ଲୋକଙ୍କ ତୁଳନାରେ ସେମାନଙ୍କ କ୍ଷେତ୍ରରେ ସଂକ୍ରମଣ ହେବାର ଆଶଙ୍କା ନିହାତି ପକ୍ଷେ ଅଧିକ। ଏଣୁ ପ୍ରଶାସନ ପ୍ରାଥମିକତା ଭିତ୍ତିରେ ଖବରଦାତାଙ୍କୁ ଟିକା ଦେବା ଲାଗି ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

### ସେବାୟତ ନେଲେ କୋଭିଡ୍ ଟିକା

ପୁରୀ ଅଫିସ, ୩।୫: ଶ୍ରୀମନ୍ଦିର ସେବାୟତ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ନିମନ୍ତେ ଦୋଳମଣ୍ଡପ ସାହିସ୍ଥିତ ବୈକୁଣ୍ଠ ଧାମ ପରିସରରେ ଦ୍ୱିତୀୟ ଟିକାଦାନ କେନ୍ଦ୍ର ଖୋଲାଯାଇଛି। ସୋମବାରଠାରୁ ଏଠାରେ ଟିକାକରଣ ଆରମ୍ଭ ହୋଇଛି। ଏଥିଲାଗି ରବିବାର ଉଭୟ କେନ୍ଦ୍ରକୁ ବିଶୋଧନ କରାଯାଇଥିଲା। ସକାଳ ୯ରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଟିକାକରଣ କରାଯିବ। ଶଟଡାଉନ ଯୋଗୁ ଶନିବାର ଓ ରବିବାର ଟିକାକରଣ ବନ୍ଦ ରହିବ। ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଲୋକନାଥ ରୋଡସ୍ଥିତ ପ୍ରତିହାରୀ ନିଯୋଗ ବୈଠକ ଗୃହରେ ଟିକାଦାନ କେନ୍ଦ୍ର ଖୋଲାଯାଇଥିଲା। ତେବେ ବର୍ତ୍ତମାନ ମହାମାରୀ କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ଅଧିକରୁ ଅଧିକ ସେବାୟତ ଓ ସେମାନଙ୍କ ପରିବାର ସଦସ୍ୟ ଯେପରି ସୁବିଧାରେ ଟିକା ନେଇପାରିବେ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ରଥଯାତ୍ରା ପୂର୍ବରୁ ସମସ୍ତ ସେବାୟତ ଓ ତାଙ୍କ ପରିବାରବର୍ଗଙ୍କ ଟିକାକରଣ ସାରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି।




ପୁରୀ ଚନ୍ଦନ ହଜୁରୀ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର କୋଭିଡ୍ ଟିକା ନ ଥିବାରୁ ଲୋକେ ନିରାଶ ହୋଇ ଫେରି ଯାଉଛନ୍ତି।

# ନିମାପଡ଼ାରେ ଟିକା ପାଇଁ ହୋହଲ୍ଲା



ଟିକା ପାଇଁ ଲୋକମାନେ ଲମ୍ବା ଧାଡ଼ିରେ ଛିଡା ହୋଇଛନ୍ତି।

ନିମାପଡ଼ା,୩।୫(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଓ ଏନ୍ଏସି ଅଞ୍ଚଳରେ ଏବେ କରୋନାସ୍ଥିତି ଅତି ଉଦ୍‌ବେଗଜନକ ହୋଇପଡ଼ିଛି। ଦିନକୁ ଦିନ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଉଥିବାରୁ ସରକାର ପ୍ରଥମେ ବୃଦ୍ଧ ପରେ ୧୮ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟିକା ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଟିକା ନେବାକୁ ନେଇ ନିମାପଡ଼ା ମେଡିକାଲ, ଚାରିଛକ ମେଡିକାଲରେ ଭିଡ଼ ଲାଗି ରହୁଥିବାବେଳେ ଟିକା ଅଭାବକୁ ନେଇ ହୋହଲ୍ଲା ପରିସ୍ଥିତି ମଧ ସୃଷ୍ଟି ହେଉଛି। ଫଳରେ ପ୍ରତି ଟିକାକରଣ କେନ୍ଦ୍ରରେ ଆବଶ୍ୟକ ଅନୁଯାୟୀ ଟିକା ରଖିବାକୁ ସାଧାରଣରେ ଦାବି ହେଉଛି। ବର୍ତ୍ତମାନ ବ୍ଲକର ଛଣିଜଙ୍ଗ, ତୁଳସୀପୁର, ଚଅଁରପଦା, ହରିପୁର ଆଦି ୪ଟି ପଞ୍ଚାୟତରେ ୪ଜଣ କରୋନା ଆକ୍ରାନ୍ତରେ ରହି ମୃତ୍ୟୁ ଘଟିଥିବାବେଳେ ବ୍ଲକ ଓ ଏନ୍ଏସି ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ୩ଶହ ଟପିଯାଇଥିବା ବିଡିଓ ମନୋଜ କୁମାର ବେହେରା, ବିପିଏମ୍ ଶିବନନ୍ଦ, ଏନ୍ଏସିର ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ କହିଛନ୍ତି। ଦ୍ରୁତ ସଂକ୍ରମଣ ଯୋଗୁ ନିମାପଡ଼ାବାସୀ ଭୟଭୀତ ହୋଇପଡ଼ିଥିବା ବେଳେ ଟିକା ନେବା ପାଇଁ ସମସ୍ତେ ଆଗେଇ ଆସିଛନ୍ତି। ହେଲେ ପ୍ରାୟ ସମୟରେ ଟିକା ପାଇଁ ଖରାରେ ଲମ୍ବା ଲାଇନ, ଅପେକ୍ଷା ପରେ ଟିକାର ଅଭାବକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିମାପଡ଼ା ଓ ଚାରିଛକ ମେଡିକାଲରେ ସୋମବାର ଶତାଧିକ ଲୋକ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଟିକା ନେବା ପାଇଁ ଅପେକ୍ଷା କରିଥିଲେ। ଏହାସତ୍ତ୍ୱେ ମଧ କେତେଜଣ ଲୋକଙ୍କୁ ଟିକା ନ ମିଳିବାରୁ ଲୋକେ ଉତ୍ତେଜିତ ହୋଇ ହୋହଲ୍ଲା କରି ଶେଷରେ ନିରାଶ ହୋଇ ଫେରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ପୁରୀ ଅଫିସ, ୩।୫: ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ନବକଳେବର ରୋଡ ନୂଆସାହିରେ ସୋମବାର ଜଣେ ବିବାହିତା ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମନୋରଞ୍ଜନ ମୁଦୁଲିଙ୍କ ସ୍ତ୍ରୀ ଚିନ୍ମୟୀ ମୁଦୁଲି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୬/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ପାରିବାରିକ କଳହକୁ ନେଇ ଚିନ୍ମୟୀ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରିଛି। ସୂଚନା ଅନୁଯାୟୀ, ସକାଳେ ଚିନ୍ମୟୀଙ୍କ ଘରର ଦ୍ୱାର ଭିତରପଟୁ ବନ୍ଦ ରହିଥିଲା। ତାଙ୍କୁ ଘରଲୋକେ ବାରମ୍ବାର ଡାକିଥିଲେ ବି ସେ ଶୁଣି ନ ଥିଲେ। ଫଳରେ ଘର ଲୋକଙ୍କର ସନ୍ଦେହ ହୋଇଥିଲା। ସେମାନେ କବାଟ ଭାଙ୍ଗିବାରୁ ଚିନ୍ମୟୀଙ୍କୁ ବେକରେ ରଶି ଲଗାଇ ଝୁଲୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତାଳବଣିଆ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## କରୋନା ସଚେତନତା

ସାକ୍ଷୀଗୋପାଳ,୩।୫(ସ୍ୱ.ପ୍ର.): ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ପକ୍ଷରୁ ପରହତ ଗ୍ରାମରେ ମାସ୍କ ବଣ୍ଟନ ସହ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସମ୍ପାଦକ ନବଘନ ଶତପଥୀ ଓ ପ୍ରାନ୍ତୀୟ ସଂସ୍କାର ସଚିବ ସତ୍ୟବାଦୀ ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉପସଭାପତି ବିଷ୍ଣୁ ମହାରଣା, ନୀଳକଣ୍ଠ ବାରିକ, ସୁଶାନ୍ତ ରଥ, ଦୁଃଖିଶ୍ୟାମ ମଲ୍ଲିକ, ଦିବ୍ୟରଞ୍ଜନ ଦାଶ, ତୋଫାନ ବେହେରା, ସନ୍ତୋଷ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ପୁରାତନ ଛାତ୍ର ଖୋଲିଲେ ଫୁଡ୍ ବ୍ୟାଙ୍କ

ପୁରୀ ଅଫିସ, ୩।୫

ସମ୍ପ୍ରତି କରୋନା ସ୍ଥିତିରେ ଅସହାୟ ଓ ଗରିବଙ୍କ ପ୍ରତି ପୁରୀସ୍ଥିତ ବିଶ୍ୱମ୍ଭର ବିଦ୍ୟାପୀଠ ୧୯୮୯ ବ୍ୟାଚ୍‌ର ପୁରାତନ ଛାତ୍ରମାନେ ସହାୟତାର ହାତ ବଢ଼ାଇଛନ୍ତି। ପୁରାତନ ଛାତ୍ରମାନଙ୍କ ଦ୍ୱାରା ମରିଚିକୋଟ ଲେନ୍‌ଠାରେ ସୋମବାର ଏକ ଫୁଡ୍ ବ୍ୟାଙ୍କ ଖୋଲାଯାଇଛି। ଏଠାରେ ପ୍ରଥମ ଦିନରେ ୫୦ରୁ ଊର୍ଦ୍ଧ୍ୱ ଅସହାୟ ଓ ଗରିବଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। କରୋନା ସ୍ଥିତିରେ ଅନେକ ଅସହାୟ ବ୍ୟକ୍ତି ଖାଦ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଆଗକୁ ଲକ୍‌ଡାଉନ ଥିବାରୁ ଏହି ଲୋକେ ଖାଦ୍ୟ ପାଇଁ ଅଧିକ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ଫୁଡବ୍ୟାଙ୍କ ଗଠନ କରାଯାଇଛି। ମୋବାଇଲ୍ ଫୋନ୍ ନଂ. ୯୩୩୭୫୦୯୦୨୦ରେ ଲୋକେ ଏଥିଲାଗି ଯୋଗାଯୋଗ କରିପାରିବେ ବୋଲି ପୁରାତନ ଛାତ୍ର ସଞ୍ଜୀବ ରଥଶର୍ମା କହିଛନ୍ତି।




ଫୁଡ୍ ବ୍ୟାଙ୍କ ପକ୍ଷରୁ ଅନାଥ ଓ ଗରିବଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି।

# ମାମଲା ବିଚାରାଧୀନ ଥିଲାବେଳେ ଜମି ବିକ୍ରି ପାଇଁ ବିଜ୍ଞପ୍ତି

## ବଗଲା ଧର୍ମଶାଳା ଜମି ବିକ୍ରି ମାମଲା

- ସମ୍ବିତ୍ ପାତ୍ରଙ୍କ ପକ୍ଷରୁ ପ୍ରତିଜବାବ ଦାଖଲ

କଟକ ଅଫିସ, ୩।୫

ପୁରୀ ବଗଲା ଧର୍ମଶାଳା ଜମି ବିକ୍ରି ମାମଲା ହାଇକୋର୍ଟରେ ବିଚାରାଧୀନ ଥିବାବେଳେ ପ୍ରଶାସନ ପକ୍ଷରୁ ଧର୍ମଶାଳାର କିଛି ଜମିକୁ ଆଉ ୬ ଜଣଙ୍କୁ ବିକିବା ଲାଗି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ମାମଲାର ଶୁଣାଣି ଶେଷ ନ ହେବା ପର୍ଯ୍ୟନ୍ତ ଏହି ଜମି ଉପରେ କୌଣସି ନିର୍ମାଣ କରାଇ ନ ଦେବା ପାଇଁ ଆବେଦନକାରୀ ଜଗନ୍ନାଥ ବସ୍ତିଆ ହାଇକୋର୍ଟରେ ଏକ ମିସ୍‌କେସ୍ ଦାଏର କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଏବଂ ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ମାମଲାର ଶୁଣାଣି କରିଛନ୍ତି। ତେବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଅଗଷ୍ଟ ୯କୁ ଦିନ ଧାର୍ଯ୍ୟ ହୋଇଛି।

ଆବେଦନକାରୀ ବସ୍ତିଆ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି, ବଗଲା ଧର୍ମଶାଳାର ମୋଟ୍ ୨ ଏକର ୫୭୪ ଡିସିମିଲ୍ ଜମି ରହିଛି। ସେଥିମଧ୍ୟରୁ ୩୪୦ ଡିସିମିଲ୍ ଜମିକୁ ପୁରୀ ଜିଲାପାଳ ୨୦୨୦ ଅଗଷ୍ଟ ୫ରୁ ୧୨ ତାରିଖ ମଧ୍ୟରେ ୬ ଜଣ ଲଜ୍ଜ ମାଲିକଙ୍କୁ ବିକ୍ରି କରି ଦେଇଥିଲେ। ଏହାକୁ ବିରୋଧ କରି ରୁଜୁ ହୋଇଥିବା ମାମଲାରେ ହାଇକୋର୍ଟ ଗତ ଜାନୁୟାରୀ ୧୧ ତାରିଖରେ ପୁରୀ ଜିଲାପାଳଙ୍କୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ଗତ ମାର୍ଚ୍ଚ ୨ ତାରିଖରେ ପୁରୀ ଜିଲାପାଳ ଆଉ ୬ ଜଣଙ୍କୁ ଜମି ବିକ୍ରି ପାଇଁ ଏକ ସାନି ବିଜ୍ଞପ୍ତି ଜାରି କରିଛନ୍ତି। ଏ ସମ୍ପର୍କରେ ଜଣାପଡିବା ପରେ ଆବେଦନକାରୀ ପୁରୀ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କିନ୍ତୁ ଜିଲାପାଳ ଏହା ଉପରେ କୌଣସି ପଦକ୍ଷେପ ନ ନେବାରୁ ସେ ହାଇକୋର୍ଟରେ ଏହି ମିସ୍‌କେସ୍ ରୁଜୁ କରିଛନ୍ତି। ଅପରପକ୍ଷରେ ଭାଜପା ନେତା ଡ. ସମ୍ବିତ୍ ପାତ୍ର ଏ ସମ୍ପର୍କିତ ମାମଲାରେ ସୋମବାର ପ୍ରତିଜବାବ ଦାଖଲ କରିଛନ୍ତି। ଜଗନ୍ନାଥଙ୍କ ଅମୃତମଣୋହି ଜମି ଅନ୍ତର୍ଗତ ବଗଲା ଧର୍ମଶାଳା ଆସୁଛି। ପ୍ରଶାସନ ଏହି ଜମିକୁ ବିକି ଭକ୍ତଙ୍କୁ ଭଗବାନଙ୍କଠାରୁ ଦୂରେଇବାକୁ ଚେଷ୍ଟା କରୁଛି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।


**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-03-21

କାର୍ଯ୍ୟର ବିବରଣୀ : ତିନି ବର୍ଷ ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ ଠାରେ ଗରିବ ରଥ ଏକ୍ସପ୍ରେସ୍‌ର ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍ ଟାଇପ୍ AC କୋଚ୍ ଏବଂ ପାୱାର କାର ଗୁଡ଼ିକରେ କଣ୍ଟ୍ରୋଲ ପ୍ୟାନେଲ୍ ସହିତ ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,44,66,308.05

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-04-21

କାର୍ଯ୍ୟର ବିବରଣୀ : ତିନି ବର୍ଷ ନିମନ୍ତେ ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ ଗରିବ ରଥ ଏକ୍ସପ୍ରେସ୍‌ର ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍ ଟାଇପ୍ AC କୋଚ୍ ଏବଂ ପାୱାର କାର ଗୁଡ଼ିକରେ କଣ୍ଟ୍ରୋଲ ପ୍ୟାନେଲ୍ ସହିତ ରୁଫ୍ ମାଉଣ୍ଟେଡ୍ AC ପ୍ୟାକେଜ୍ ୟୁନିଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 1,23,55,384.45

ଶେଷ ହେବା ଅବଧି : 36 ମାସ। (ଉଭୟ ଟେଣ୍ଡର ନିମନ୍ତେ)

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.05.2021 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଜେନେରାଲ), ଖୋର୍ଦ୍ଧା ରୋଡ୍

PR-70/M/21-22



**ODISHA PUBLIC SERVICE COMMISSION CUTTACK**

**NOTICE**

No. 2924 / P.S.C., (1E-17-20-21) (DR-II) Dt. 03.05.2021

**No. D-16:-** In view of the lockdown declared by the State Government from 05th May, 2021 to 19th May, 2021 throughout the State due to Covid-19 pandemic situation, the Commission have decided to postpone the conduct of the physical verification of original certificates & documents for recruitment to the post of Assistant Executive Engineer (Electrical), pursuant to the Advertisement No. 10 of 2019-20, scheduled to be held from 17.05.2021 to 19.05.2021 until further order. The next date for conduct of aforesaid verification process shall be notified in due course. The concerned candidates are advised to visit the website of the Commission regularly regarding conduct of the same.

The present notice supersedes the notice No. 2912/PSC, dt. 30.04.2021.

**Sd./- Additional Secretary**

OIPR-12002/11/0011/2122



**ODISHA PUBLIC SERVICE COMMISSION CUTTACK**

**NOTICE**

No. 2928 / P.S.C., Dt. 03.05.2021

**No. D-17:-** It is for the information of all concerned candidates applying for OCS-2020 that, in view of the "lockdown" declared by the Government of Odisha throughout the state with effect from 5th May 2021 to 19th May 2021 the scheduled date for conduct of OCS preliminary (written) examination, 2020, pursuant to Advt. No.07 of 2020-21, published vide Notice No. 2192/PSC, Dt.22.03.2021, is hereby postponed. The details of the Programme of the said examination shall be notified in due cource. The candidates are advised to visit the website of the Commssion at http://opsc.gov.in regularly for further information in the matter.

**Sd./- Additional Secretary**

OIPR-12002/11/0012/2122

## ବଜାରରେ ରହିଲାନି ସାମାଜିକ ଦୂରତ୍ୱ

**ପିପିଲି,(ଡି.ଏନ୍.ଏ.):** କରୋନାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ୧୪ଦିନ ପାଇଁ ଲକଡାଉନ ଘୋଷଣା କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ କଟକଣା କୋହଳ କରାଯାଇଥିବା ନେଇ ସୂଚନା ଦେଇଥିଲେ ସୁଦ୍ଧା ପିପିଲି ଅଞ୍ଚଳର ସାଧାରଣ ଜନତା ସାମାଜିକ ଦୂରତ୍ୱ ନ ରଖି ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ବ୍ୟସ୍ତ ହୋଇପଡ଼ିଛନ୍ତି। ସୋମବାର ପିପିଲି ସାପ୍ତାହିକ ହାଟରେ ଏତେ ଭିଡ ପରିଲକ୍ଷିତ ହୋଇ ଥିଲା ଯେ ସମସ୍ତ ଲୋକ କଟକଣା ଓ ସାମାଜିକ ଦୂରତାକୁ ଭୁଲି ଯାଇଥିଲେ। ଲୋକମାନେ ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ କିଣୁଛନ୍ତି। ଫଳରେ ବଜାରରେ ଏକ ଅଭାବ ଦେଖିବାକୁ ମିଳିଥିଲା। ପିପିଲି ପୋଲିସ ପକ୍ଷରୁ କଡା ପଇଁତରା ବ୍ୟବସ୍ଥା ରହିଥିଲେ ସୁଦ୍ଧା କେହି ସଚେତନ ନ ଥିଲେ।

## ସଂକ୍ଷେପରେ

### ଦିନକରେ ୧୩୬ ପଜିଟିଭ ଚିହ୍ନଟ

**ଖୋର୍ଦ୍ଧା ଅଫିସ,୩।୫:** ଖୋର୍ଦ୍ଧା ଗ୍ରାମାଞ୍ଚଳ(ବିଏମ୍‌ସିକୁ ବାଦ ଦେଇ)ରେ ଗତ ୨୪ଘଣ୍ଟାରେ ୧୩୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ବାଲିଅନ୍ତା ବ୍ଲକରେ ସର୍ବାଧିକ ୨୫, ବାଲିପାଟଣା ୩, ଭୁବନେଶ୍ୱର ବ୍ଲକ ୧୩, ଜଟଣୀ ୧୪, ଖୋର୍ଦ୍ଧା ୧୪, ବେଗୁନିଆ ୫, ବୋଲଗଡ଼ ୯, ଟାଙ୍ଗୀ ୧୮, ଚିଲିକା ୧୪, ବାଣପୁର ୧୧, ଅନ୍ୟ ଜିଲାରୁ ୬ ଏବଂ ବିଏମସିରୁ(ଏଠାରେ ଆସି ସଂକ୍ରମିତ)୪ଜଣ ରହିଛନ୍ତି। ସୋମବାର ସୁଦ୍ଧା ଗ୍ରାମାଞ୍ଚଳରେ ୩୧,୪୬୩୯ଜଣଙ୍କ ନମୁନା ସଂଗ୍ରହ କରାଯାଇଥିବା ବେଳେ ସେଥିରୁ ୧୫,୦୯୩ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୪,୨୯୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୫୭ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭୪୫ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ଉପଖଣ୍ଡରେ ୬୬୯ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୨୯୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୩୭୧ଜଣ ସକ୍ରିୟ ରହିଛନ୍ତି। ତନ୍ମଧ୍ୟରୁ ୩୪୨ ଘରୋଇ ସଙ୍ଗରୋଧ ଏବଂ ୨୪ଜଣ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି।

### ଏଏସ୍‌ଆଇ କରୋନା ସଂକ୍ରମିତ

**ଯାଁଳା,୩।୫(ଡି.ଏନ୍.ଏ):** ଖୋର୍ଦ୍ଧା ଜିଲା ଯାଁଳା ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଲୋକଙ୍କୁ କୋଭିଡ୍ ସମ୍ପର୍କରେ ସଚେତନ କରୁଥିବା ଯାଁଳା ଫାଣ୍ଡିର ଜଣେ ଏଏସ୍‌ଆଇ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। କିଛି ଦିନ ପୂର୍ବେ ଏଏସ୍‌ଆଇ ଥଣ୍ଡା ଓ କାଶରେ ପୀଡ଼ିତ ଥିଲେ। ପରେ ଜ୍ୱର ହୋଇଥିଲା। ଜ୍ୱର ନ ଛାଡିବାରୁ ସ୍ୱାବ୍ ଟେଷ୍ଟ କରିଥିଲେ। ରିପୋର୍ଟ ପଜିଟିଭ୍ ଆସିବା ପରେ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡିଛି।

### ୨ ଦୋକାନ ସିଲ୍

**ବାଲୁଗାଁ,୩।୫(ଡି.ଏନ୍.ଏ):** କରେନା ସଂକ୍ରମଣ ରୋକିବା ଲାଗି ରାଜ୍ୟ ସରକାର ଆସନ୍ତା ୫ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରିଛନ୍ତି। ଆଗକୁ ଆହୁରି ଲକଡାଉନ ବଢ଼ିପାରେ ବୋଲି ଗୁଜବ ସୃଷ୍ଟି ହେବା ଫଳରେ ବାଲୁଗାଁ ବଜାରରେ ସୋମବାର ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ହଠାତ୍ କେତେକ ଦୋକାନୀ ସାମଗ୍ରୀ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରି କରିଥିଲେ। ଗ୍ରାହକଙ୍କ ଭିଡ଼ ଯୋଗୁ ଦୋକାନ ଆଗରେ ସାମାଜିକ ଦୂରତ୍ୱ ରହି ନ ଥିବା ବେଳେ କେତେଜଣ ମାସ୍କ ପରିଧାନ କରି ନ ଥିବା ଦେଖିବାକୁ ମିଳିଥିଲା। ଏନ୍‌ଏସି କର୍ତ୍ତୃପକ୍ଷ ସଦଳବଳେ ଚଡ଼ାଉ କରି ବାଲୁଗାଁ ବଜାର ଅଞ୍ଚଳର ଦୁଇଟି ପରିବା ଦୋକାନ ସିଲ୍ କରିଥିଲେ। ଏଥିସହ ଅନ୍ୟ ଦୁଇଟି ଦୋକାନରୁ ୨ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରିବା ସହ ପୁନର୍ବାର ନିୟମ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା କହିଛନ୍ତି।

# ମାନିଲେନି କଟକଣା: ୫୧ ଦୋକାନ ସିଲ୍




ପ୍ରଶାସନ ପକ୍ଷରୁ ଏକ ଦୋକାନ ଏବଂ ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ ଏକ ମାର୍କେଟ କମ୍ପ୍ଲେକ୍ସକୁ ସିଲ୍ କରାଯାଇଛି।

**ଖୋର୍ଦ୍ଧା ଅଫିସ,୩।୫**

- ପ୍ରଶାସନ-ବ୍ୟବସାୟୀ ମୁହାଁମୁହିଁ
- ଏକ ପ୍ଲାଟୁନ ଫୋର୍ସ ମୁତୟନ

କୋଭିଡ୍ ନିୟନ୍ତ୍ରଣ ଲାଗି ସରକାର ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେଉଛନ୍ତି। ତେବେ କେତେଜଣ ଅମାନିଆ ଏହାକୁ ମାନିବାକୁ ନାରାଜ। ବାରମ୍ବାର ତାଗିଦ୍ ସତ୍ତ୍ୱେ ସୋମବାର ଦୋକାନ, ବଜାରରେ ଗହଳି ଲାଗି ରହିଥିଲା। ସାମବାର ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଚଡ଼ାଉ କରାଯାଇ ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ ଏକ ମାର୍କେଟ କମ୍ପ୍ଲେକ୍ସ ଏବଂ ଅନ୍ୟ ଏକ ସ୍ଥାନରେ ୧୦ଟି ଦୋକାନ ମୋଟ ୫୧ଟି ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସିଲ୍ କରାଯାଇଛି। କୋଭିଡ୍ ନିୟମ ଉଲ୍ଲଂଘନ ଏବଂ ଦୋକାନ ଆଗରେ ଅତ୍ୟଧିକ ଭିଡ଼ ଜମି ରହୁଥିବାରୁ ଏହି ମାର୍କେଟ କମ୍ପ୍ଲେକ୍ସକୁ ବନ୍ଦ କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ ଏହି ମାର୍କେଟ କମ୍ପ୍ଲେକ୍ସରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଦୋକାନ ରହିଛି। ଏଠାରେ ଦୈନିକ ବିଭିନ୍ନ ବର୍ଗର ଲୋକଙ୍କ ଭିଡ଼ ଜମିଥାଏ। ବୁଧବାରଠାରୁ ୧୯ତାରିଖ ପର୍ଯ୍ୟନ୍ତ ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଉକ୍ତ ମାର୍କେଟ କମ୍ପ୍ଲେକ୍ସରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିଥିଲା। ଅଧିକାଂଶ ଗ୍ରାହକ ମାସ୍କ ପରିଧାନ କରି ନ ଥିବା ବେଳେ କେତେଜଣଙ୍କ ଓଠ ତଳେ ମାସ୍କ ଝୁଲୁଥିଲା। ସାମାଜିକ ଦୂରତ୍ୱ ନ ଥିଲା। ଖବରପାଇ ପୌରନିର୍ବାହୀ ଅଧିକାରୀ ଶତପଥୀ, ଟାଉନ ଥାନାଧିକାରୀ ଉମାଶଙ୍କର ସିଂ ଓ ଏକ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ଲୋକଙ୍କୁ ଖାଲି କରିଥିଲେ। ପରେ ସମସ୍ତ ଦୋକାନକୁ ସିଲ୍ କରାଯାଇଥିଲା। ଏନେଇ ପୌର ପ୍ରଶାସନ ଏବଂ ବ୍ୟବସାୟୀ ମୁହାଁମୁହିଁ ହୋଇଥିଲେ। ଆଗକୁ ଲକ୍‌ଡାଉନ ଥିବାରୁ ୨ଦିନ ବେପାର ହେବା ଆଶା ରହିଛି। ଦୋକାନ ବନ୍ଦ ହୋଇଗଲେ ଜୀବିକା ଠପ୍ ହୋଇଯିବ। ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବା ଜରୁରୀ ହୋଇପଡିଛି ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି। କୋଭିଡ୍ ଗାଇଡ୍‌ଲାଇନ ପାଳନ ଲାଗି ବାରମ୍ବାର ତାଗିଦ୍ ସତ୍ତ୍ୱେ ବ୍ୟବସାୟୀମାନେ ଏହାକୁ ଉଲ୍ଲଂଘନ କରୁଛନ୍ତି। ସରକାରଙ୍କ ନିର୍ଦ୍ଦେଶନାମା ପ୍ରକାରେ ଦୋକାନ ସିଲ୍ କରାଯାଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶତପଥୀ କହିଛନ୍ତି।


ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଆନ୍ଦୋଳନକାରୀ ଯୁକ୍ତ ୨ ଛାତ୍ରଙ୍କ ସହ ପୋଲିସ ଅଧିକାରୀ ଆଲୋଚନା କରୁଛନ୍ତି।

## ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ରାସ୍ତାରୋକୋ

**ଖୋର୍ଦ୍ଧା ଅଫିସ,୩।୫**

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିବା ସହ ରାସ୍ତାରୋକୋ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧାର ବିଭିନ୍ନ କଲେଜରେ ଅଧ୍ୟୟନରତ ଯୁକ୍ତ ଦୁଇ ଛାତ୍ରମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଥିସହ ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପରୀକ୍ଷା ବାତିଲ ଦାବିରେ ରାସ୍ତାରେ ବସି ରହିଥିଲେ। ଫଳରେ ଯାତାୟାତ ଠପ୍ ହୋଇଯାଇଥିଲା। ଖବରପାଇ ତହସିଲଦାର ପଦ୍ମଚରଣ ସାହୁ ଏବଂ ଟାଉନ ଥାନାଧିକାରୀ ଉମାଶଙ୍କର ସିଂ ଏକ ପ୍ଲାଟୁନ ଫୋର୍ସ ସହିତ ପହଞ୍ଚି ଛାତ୍ରମାନଙ୍କୁ ବୁଝାଶୁଝା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପିଏନ୍ କଲେଜ, ଜଟଣୀ, କାଇପଦର, ହଳଦିଆ, କେରଙ୍ଗ, ଅରଗୁଳ, ମନ୍ଦାରବସ୍ତ, ନିରାକାରପୁର, ଛଣଗିରି ଏବଂ ଟାଙ୍ଗୀ କଲେଜର ଶତାଧିକ ଛାତ୍ର ଏଥିରେ ସାମିଲ ହୋଇଥିଲେ। ତୁରନ୍ତ ପରୀକ୍ଷା ବାତିଲ ଘୋଷଣା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବା ସହ ନବୀନ ନିବାସ ଘେରାଉ କରାଯିବ ବୋଲି ଛାତ୍ରମାନେ ଚେତାବନୀ ଦେଇଛନ୍ତି।

# କାଗଜ କଲମରେ ସୀମିତ ଅଂଶୁଘାତ ମୁକାବିଲା

**ବେଗୁନିଆ,୩।୫(ଡି.ଏନ୍.ଏ)**

- ୭ ବର୍ଷରେ ୪ଜଣଙ୍କ ଜୀବନ ଯାଇଛି
- ମରାମତି ହେଉନି ନଳକୂପ

ପ୍ରଚଣ୍ଡ ତାତି ଯୋଗୁ ବେଗୁନିଆ ବ୍ଲକ ଅଞ୍ଚଳରେ ଜୀବନଯାତ୍ରା ଦୁର୍ବିଷହ ହୋଇପଡିଛି। ସକାଳ ୧୦ଟାରୁ ରାସ୍ତାଘାଟ ଶୂନଶାନ ରହୁଛି। ଚଳିତବର୍ଷ ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ଲାଗି ୧୫ଦିନ ପୂର୍ବେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଥିଲା। ତେବେ ବୈଠକରେ ନିଆଯାଇଥିବା ନିଷ୍ପତ୍ତି କେବଳ କାଗଜ କଲମରେ ସୀମିତ ରହିଛି। ଅଂଶୁଘାତ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉ ନ ଥିବା ଜଣାପଡ଼ିଛି।

ସୂଚନାଥାଉ କି, ରାଜ୍ୟରେ ପ୍ରତି ବର୍ଷ ମାର୍ଚ୍ଚରୁ ଜୁନ୍୧୫ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥାଏ। ଅଂଶୁଘାତ ଯୋଗୁ ଅନେକଙ୍କ ଜୀବନ ଯାଇଥାଏ। ଗତ ୭ବର୍ଷ ମଧ୍ୟରେ ବେଗୁନିଆ ବ୍ଲକ ଅଞ୍ଚଳରେ ୪ଜଣଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ବେସରକାରୀ ଭାବେ ୮ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ବ୍ଲକ ପ୍ରଶାସନ ପକ୍ଷରୁ ଅଂଶୁଘାତ ମୁକାବିଲା ପାଇଁ ଅନେକ ନିୟମ ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଏସି ଲଗାଯାଇଥିବା ସ୍ୱତନ୍ତ୍ର ୱାର୍ଡ ୨୪ ଘଣ୍ଟା ଖୋଲା ରହିବା, ଗାଁ କଲ୍ୟାଣ ସମିତି ଓ ପଞ୍ଚାୟତ ପକ୍ଷରୁ ଗ୍ରାମାଞ୍ଚଳର ବିଭିନ୍ନ ଛକ ନିକଟରେ ଜଳଛତ୍ର ଖୋଲିବା ପାଇଁ ନିୟମ ରହିଛି। ଚଳିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳ ସଙ୍କଟ ଦେଖାଦେଇଥିବା ଗ୍ରାମଗୁଡ଼ିକରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ୧୬୨ଟି ରାଜସ୍ୱ ଗ୍ରାମ ପାଇଁ ଜଳଛତ୍ର ବାବଦକୁ ପ୍ରାୟ ୨ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ରୋଗୀ କଲ୍ୟାଣ ସମିତି ପକ୍ଷରୁ ଏସି ମେସିନ୍ ମରାମତି ପାଇଁ ପ୍ରାୟ ୯ଲକ୍ଷ ଟଙ୍କା ଖର୍ଚ୍ଚ ବହନ କରାଯାଇଛି। ମାତ୍ର ଏଯାବତ କୋଣସି ଠାରେ କାର୍ଯ୍ୟକାରୀ ହୋଇନାହିଁ। କେତେକ ସ୍ଥାନରେ ଜଳଛତ୍ର ଖୋଲାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ନଳକୂପ ମରାମତି ନ ହେବାରୁ ଅଚଳ ହୋଇପଡିଛି। ଟ୍ୟାଙ୍କରରେ ଜଳଯୋଗାଣ ଓ ନଳକୂପ ଯନ୍ତ୍ରାଂଶ ମରାମତି ପାଇଁ ଜନସ୍ୱାସ୍ଥ୍ୟ ବିଭାଗକୁ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନା ମାଧ୍ୟମରେ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏ ପର୍ଯ୍ୟନ୍ତ ଏହି ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଇପାରି ନାହିଁ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ଦାସ କହିଛନ୍ତି, ବୈଠକ ପରେ କ'ଣ କାର୍ଯ୍ୟକାରୀ ହୋଇଛି, ଅନୁଧ୍ୟାନ କରିବି ବୋଲି କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସତ୍ୟ


@ ପବିତ୍ର


@ ମନ୍ମଥ


@ ବିଭୁ


@ ସୂର୍ଯ୍ୟକାନ୍ତ


@ ସୁଶୀଳ


@ ରିଧିକାନ୍ତ

# ପ୍ରବାସୀଙ୍କ ଉପରେ କଡ଼ା ନଜର

**ଖୋର୍ଦ୍ଧା ଅଫିସ,୩।୫**

ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ି ଚାଲିଛି। ସଂକ୍ରମଣ ରୋକିବା ପାଇଁ ସରକାର ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇଛନ୍ତି। ଏଥିସହ ନାଇଟ କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ ଓ ବୁଧବାର ଠାରୁ ୧୯ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ତେବେ କେତେଜଣ ଅମାନିଆଙ୍କ ଯୋଗୁ ଜିଲାରେ ସଂକ୍ରମଣ ବଢ଼ିବାରେ ଲାଗିଛି। ଅମାନିଆଙ୍କ ଉପରେ ନଜର ରଖିବାକୁ ପ୍ରଶାସନ ଓ ପୋଲିସ ପକ୍ଷରୁ ଚେକିଂ କଡ଼ାକଡ଼ି କରାଯାଇଛି। ଏଥିସହ ପ୍ରବାସୀଙ୍କ ଉପରେ କଡ଼ା ନଜର ରଖାଯାଇଛି।

### ଟିକାକରଣ ଓ ଟେଷ୍ଟିଂ ଉପରେ ଗୁରୁତ୍ୱ



ଖୋର୍ଦ୍ଧା ଜିଲାରେ କୋଭିଡ୍ ସ୍ଥିତି ଉଦ୍‌ବେଗଜନକ ରହିଛି। ନିୟନ୍ତ୍ରଣ ପାଇଁ କୋଭିଡ୍ ଟିକାକରଣ ଏବଂ ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଏନ୍‌ଫୋର୍ସମେଣ୍ଟ କଡାକଡି କରାଯାଇଛି। ସ୍ୱାସ୍ଥ୍ୟ ସର୍ବେକ୍ଷଣ ସହ କଣ୍ଟାକ୍ଟ ଟ୍ରେସିଂ ଚାଲିଛି। ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରାଯାଇ କୋଭିଡ୍ ଗାଇଡ୍‌ଲାଇନ ପାଳନ ଲାଗି ପରାମର୍ଶ ଦିଆଯାଇଛି। ସମସ୍ତ ବ୍ଲକ ଅଧକ୍ଷ, ସରପଞ୍ଚଙ୍କ ସହ ଭର୍ଚୁଆଲରେ ଆଲୋଚନା କରାଯାଇଛି। ପ୍ରବାସୀଙ୍କ ଉପର ନଜର ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ କୋଭିଡ୍ ହସ୍ପିଟାଲ ଏବଂ କେୟାର ହୋମ ପ୍ରସ୍ତୁତ ରହିଛି। ଅକ୍ସିଜେନର କୌଣସି ଅଭାବ ନାହିଁ।

-ସନତ୍ ମହାନ୍ତି, ଜିଲାପାଳ

### ଚେକିଂ କଡ଼ାକଡ଼ି କରାଯିବ



କୋଭିଡ୍ ନିୟନ୍ତ୍ରଣ ଲାଗି ସରକାର ନାଇଟ କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ, ଏବେ ବୁଧବାରଠାରୁ ଲକ୍‌ଡାଉନ୍ ନିଷ୍ପତ୍ତି ନେଇଛନ୍ତି। ଖୋର୍ଦ୍ଧା ସହରର ୩ଟି ସ୍ଥାନରେ ପୋଲିସ ଚେକ୍ ପଏଣ୍ଟ କରାଯାଇଛି। ଲକ୍‌ଡାଉନ ସମୟରେ ଚେକିଂକୁ ଜୋରଦାର କରାଯିବ। ଜରୁରୀ ସେବା ବ୍ୟତୀତ ଅନ୍ୟ କାହାରିକୁ ଯାତାୟାତ ଲାଗି ଅନୁମତି ଦିଆଯିବ ନାହିଁ। କୌଣସି ବାହାନା ଚଳିବ ନାହିଁ। ବିନା କାରଣରେ ବୁଲୁଥିବା ବେଳେ ଧରାପଡିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଲାର ସମସ୍ତ ଥାନା ଅଞ୍ଚଳରେ ଏହାକୁ କଡାକଡି କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

- ରାଜକିଶୋର ଦୋରା, ଜିଲା ଆରକ୍ଷୀ ଅଧୀକ୍ଷକ

### ପ୍ରତି ଗୁରୁବାର ସମୂହ ଘରଧୁଆ ଅଭିଯାନ



ଖୋର୍ଦ୍ଧା ଉପଖଣ୍ଡରେ କରୋନା ନିୟନ୍ତ୍ରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଖୋର୍ଦ୍ଧା ପୌରାଞ୍ଚଳ ସମେତ ବାଣପୁର ଏବଂ ବାଲୁଗାଁ ଏନ୍‌ଏସିରେ ବସ୍ତି କୋଭିଡ୍ ପରିଚାଳନା କମିଟି ଗଠନ କରାଯାଇଛି। ପ୍ରତି ଗୁରୁବାର ସମୂହ ଘରଧୁଆ ଅଭିଯାନ ଆରମ୍ଭ ହୋଇଛି। ବସ୍ତି କମିଟିଗୁଡିକରେ ନିୟମିତ କୋଭିଡ୍ ସମୀକ୍ଷା କରାଯାଉଛି। ସଂକ୍ରମିତ ଅଞ୍ଚଳକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ କରାଯାଉଛି। ଆକ୍ରାନ୍ତଙ୍କ ସହ ଭର୍ଚୁଆଲରେ ଆଲୋଚନା କରାଯାଉଛି। ବାଲୁଗାଁ ଷ୍ଟେଶନରେ ପଞ୍ଜୀକରଣ ସ୍ଥାନୀୟ ଏନ୍‌ଏସି ପକ୍ଷରୁ ପ୍ରବାସୀଙ୍କ ପଞ୍ଜୀକରଣ କରାଯାଉଛି।

-ଅଶୋକ ବେହୁରିଆ, ଖୋର୍ଦ୍ଧା ଉପଜିଲାପାଳ

### ନିୟନ୍ତ୍ରିତ ବଜାର ବିଶୋଧନ କରାଯାଉଛି



ଭୁବନେଶ୍ୱର ଉପଖଣ୍ଡରେ କୋଭିଡ୍ ନିୟନ୍ତ୍ରଣ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଜଟଣୀ ପୌରାଞ୍ଚଳରେ ନିୟନ୍ତ୍ରିତ ବଜାର ଏବଂ ସନ୍ଦିଗ୍ଧ ଅଞ୍ଚଳକୁ ସାନିଟାଇଜ୍ କରାଯାଉଛି। ପୂର୍ବତଟ ରେଲ୍‌ୱେ ଖୋର୍ଦ୍ଧାରୋଡରେ ପ୍ରବାସୀଙ୍କ ଟ୍ରାକିଂ ଉଦ୍ଦେଶ୍ୟରେ ପଞ୍ଜୀକରଣ କରାଯାଉଛି। ବାଳକାଟୀଠାରେ ହୋଇଥିବା ୧୬୦ଶଯ୍ୟାବିଶିଷ୍ଟ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲରେ ସଂକ୍ରମିତଙ୍କ ଚିକିତ୍ସା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ଖୁଦୁପୁରଠାରେ ୩୦୦ଶଯ୍ୟାବିଶିଷ୍ଟ କୋଭିଡ୍ କେୟାର ସେଣ୍ଟର ପ୍ରସ୍ତୁତ ହୋଇରହିଛି। ସଂକ୍ରମିତଙ୍କ ସହ ସ୍ଥାନୀୟ ସିଏଚ୍‌ସି ମୁଖ୍ୟ ଡାକ୍ତରଙ୍କ ଭର୍ଚୁଆଲରେ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଉଛି।

-ଦେବବ୍ରତ ସାହୁ, ଭୁବନେଶ୍ୱର ଉପଜିଲାପାଳ

### ଅମାନିଆଙ୍କ ଯୋଗୁ ବିଗୁଡୁଛି ସ୍ଥିତି



କୋଭିଡ୍ ନିୟନ୍ତ୍ରଣ ନେଇ ସରକାର ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେଇଛନ୍ତି। ଖୋର୍ଦ୍ଧା ସହରରେ ଏହାର କୌଣସି ପ୍ରଭାବ ପଡୁନାହିଁ। ଡାକବାଜି ଯନ୍ତ୍ର, ସମସ୍ତ ଦୋକାନ ବଜାରକୁ ବୁଲି ବୁଲି ସଚେତନ କରାଯାଉଛି। ଅମାନିଆଙ୍କଠାରୁ ଜରିମାନା ଆଦାୟ ସତ୍ତ୍ୱେ ଲୋକଙ୍କ ନିଦ ଭାଙ୍ଗୁନି। ବାରମ୍ବାର ତାଗିଦ ସତ୍ତ୍ୱେ ଦୋକାନ ବଜାରରେ ଭିଡ଼ ରହୁଛି। କେତେଜଣ ଅମାନିଆଙ୍କ ଯୋଗୁ ସ୍ଥିତି ବିଗିଡିବାରେ ଲାଗିଛି।

- ପଦ୍ମଚରଣ ସାହୁ, ଖୋର୍ଦ୍ଧା ତହସିଲଦାର

### ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ



ଖୋର୍ଦ୍ଧା ସହରରେ ୪୩ ସକ୍ରିୟ ସଂକ୍ରମିତ ରହିଛନ୍ତି। କୋଭିଡ୍ ନିୟନ୍ତ୍ରଣ ଲାଗି ୨୨ ୱାର୍ଡରେ କୋଭିଡ୍ ପରିଚାଳନା କମିଟି, ୱାର୍ଡ ଅଫିସର ନିୟୋଜିତ ଅଛନ୍ତି। ଏଥିସହ ଗୋଟିଏ କୋଭିଡ୍ କେୟାର ହୋମ, ଏନଫୋର୍ସମେଣ୍ଟ ଓ ଆର୍‌ଆର୍‌ଟି ଟିମ୍ ରହିଛି। ସହରର ୪ଟି ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ କରାଯାଇଛି। ଭିଡ ନିୟନ୍ତ୍ରଣ ଲାଗି ଟ୍ରାଫିକ ଛକଠାରୁ ନୂଆବସ୍‌ଷ୍ଟାଣ୍ଡର ରାସ୍ତାକଡର ଫୁଟପାଥ ବ୍ୟବସାୟୀଙ୍କୁ ହାବେଳି ପଡିଆରେ ଅବସ୍ଥାପିତ କରାଯାଇଛି। ନିୟମ ଉଲ୍ଲଂଘନ ନେଇ ବିଭିନ୍ନ ଦୋକାନକୁ ସିଲ୍ କରାଯାଇଛି।

- ଶ୍ୱେତପଦ୍ମା ଶତପଥୀ, ପୌରନିର୍ବାହୀ ଅଧିକାରୀ

## ୫୦ ଜଣ ନେଲେ ଦ୍ୱିତୀୟ ଡୋଜ ଟିକା

**ବାଲୁଗାଁ,୩।୫(ଡି.ଏନ୍.ଏ)**

ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣକୁ ନେଇ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଥିଲା। ଲୋକେ ବାରମ୍ବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଟିକା ନେବାରୁ ବଞ୍ଚିତ ହେଉଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ପରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଟୋକନ ମାଧ୍ୟମରେ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଜନସାଧାରଣ କିପରି ଟିକା ପାଇବେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ସୋମବାର ଠାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଦ୍ୱିତୀୟ ଡୋଜ୍ ଟିକାକରଣ ପାଇଁ ବ୍ୟବସ୍ଥା ହୋଇଛି। ସ୍ଥାନୀୟ ପୋଲିସ ଏବଂ ବଜାର ବଣିକ ସଂଘର ମିଳିତ ସହାୟତାରେ ଟିକା ନେବା ପାଇଁ ଆସିଥିବା ଲୋକଙ୍କ ପାଇଁ ସୁବନ୍ଦୋବସ୍ତ ବ୍ୟବସ୍ଥା କରାଯାଇଥିଲା। ପ୍ରାୟ ୫୦ଜଣ ଏହି ଟିକା ନେଇଛନ୍ତି। ଶାନ୍ତିଶୃଙ୍ଖଳା ମଧ୍ୟରେ ଲୋକେ ଟିକାନେଇ ଘରକୁ ଫେରିଥିଲେ। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଓ ଆଇଆଇସି ରାମାକାନ୍ତ ମହାଲିକଙ୍କ ସମେତ ବଣିକ ସଂଘର ସଦସ୍ୟ ସହାୟତା କରିଥିଲେ।


ଟିକା ପାଇଁ ଅପେକ୍ଷା କରିଥିବା ଲୋକେ।